ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୬
୨୨ ଜାନୁଆରୀ, ୨୦୨୬ ଗୁରୁବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 256
22nd January, 2026 Thursday
Kendrapara

ODISHA EXPRESS　SIGHTS TRUTH WRITES TRUTH　ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in　E-mail : odishaexpress@gmail.com　RNI Regd. No. ODIODI/2009/28880　ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


### ନୀତି ବାଣୀ

ବିଷାଦପ୍ୟମୃତଂ ଗ୍ରାହ୍ୟମମେଧ୍ୟାଦପି କାଞ୍ଚନମ୍
ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।

ବିଷ ମଧ୍ୟରୁ ଅମୃତ, ଅପବିତ୍ର ସ୍ଥାନରୁ ସୁବର୍ଣ୍ଣ, ନୀଚ ଲୋକଠାରୁ ଭଲ ବିଦ୍ୟା ଏବଂ ନୀଚ କୁଳରୁ ଉତ୍ତମ ସ୍ତ୍ରୀ ଗ୍ରହଣ କରାଯାଇପାରେ ।


ଅମ୍ବିକା ପ୍ରସାଦ ଦାସଙ୍କ
‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

ଭଗବାନଙ୍କୁ ସାଥି କରିନେଲେ ଭୟ ଦୂରେଇଯାଏ...


# ଏଣିକି ବିଧାୟକ ସାଂସଦଙ୍କୁ ଅସମ୍ମାନ ପଡିବ ମହଙ୍ଗା

**ନୂଆଦିଲ୍ଲୀ,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଅଫିସରେ ବସି ନିର୍ବାଚିତ ବିଧାୟକ ଓ ସାଂସଦମାନଙ୍କୁ ହେୟଜ୍ଞାନ କରିବା ଏଣିକି ଅମାନିଆ ସରକାରୀ ବାବୁମାନଙ୍କୁ ମହଙ୍ଗା ପଡିବ। ସଂସଦୀୟ କମିଟିର କଡା ଚେତାବନୀ ପରେ କେନ୍ଦ୍ର ସରକାର ଚଳିତମାସ ୧୨ତାରିଖରେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯାହାକି ପ୍ରଶାସନିକ ମହଲରେ କମ୍ପନ ସୃଷ୍ଟି କରିଛି। ବିଧାୟକ ଓ ସାଂସଦମାନଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲକୁ ଉଲ୍ଲଘଂନ କଲେ ଅବା ନିଜର ବଦଳି-ପଦୋନ୍ନତି ଅବା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ରାଜନୀତିକ ଚାପ ପକାଇଲେ ‘କଣ୍ଡକ୍ଟ ରୁଲସ’ ଅନୁସାରେ କଠୋର ଦଣ୍ଡ ମିଳିବ ବୋଲି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ସତର୍କ କରାଇ ଦେଇଛି।

ପୂର୍ବରୁ ଓଡିଶାର ମୋହନ ମାଝୀଙ୍କ ସରକାର ୨୦୨୪ ନଭେମ୍ବର ୨୯ତାରିଖରେ ‘ବୁକ୍ ସର୍କୁଲାର-୪୭’କୁ ନେଇ ସମାନ ଆଭିମୁଖ୍ୟ ଗ୍ରହଣ କରି ଜନପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ କେନ୍ଦ୍ର ସରକାରଙ୍କ ଏହି ନୂଆ ନିର୍ଦ୍ଦେଶନାମା ଅମାନିଆ ଅଫିସରମାନଙ୍କ ଅହଙ୍କାର ଉପରେ ଶକ୍ତପ୍ରହାର ସଦୃଶ ହୋଇଛି।

## ବଦଳି-ପଦୋନ୍ନତି ପାଇଁ ସୁପାରିଶ ମନା

କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଜାନୁୟାରୀ ୧୨ତାରିଖରେ ଜାରି ‘ଅଫିସ୍ ମେମୋରାଣ୍ଡମ’ର ପାରା ୭ ଓ ୮ ଅନୁଯାୟୀ, ଯଦି ସାଂସଦ କିମ୍ବା ବିଧାୟକଙ୍କ ସହ କୌଣସି ସରକାରୀ କର୍ମଚାରୀ-ଅଫିସର ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରନ୍ତି କିମ୍ବା ସେମାନଙ୍କ କାମରେ ଅବହେଳା କରନ୍ତି, ତେବେ ଏହାକୁ ଗୁରୁତର ସେବା ବିଚ୍ୟୁତି ଭାବେ ବିବେଚନା କରାଯିବ। ଏପରି କ୍ଷେତ୍ରରେ ‘ସର୍ଭିସ୍ କଣ୍ଡକ୍ଟ ରୁଲ୍’ ଅନୁଯାୟୀ ବିଧିବଦ୍ଧ ବିଭାଗୀୟ ତଦନ୍ତ କରାଯିବ। ଯଦି ତଦନ୍ତରେ ଅଭିଯୋଗ ପ୍ରମାଣିତ ହୁଏ, ତେବେ ଅଧିକାରୀଙ୍କୁ କେବଳ ଚେତାବନୀ ନୁହେଁ, ବରଂ ପଦୋନ୍ନତି ରୋକିବା, ବାଧ୍ୟତାମୂଳକ ଅବସର କିମ୍ବା ଚାକିରିରୁ ବହିଷ୍କାର ଭଳି କଠୋର ଦଣ୍ଡ (ମେଜର ପେନାଲିଟି) ମିଳିପାରେ ବୋଲି ସତର୍କ କରାଇ ଦେଇଛନ୍ତି।

ରାଜ୍ୟସଭାର ଏଥିକ୍ସ କମିଟି ଓ ଲୋକସଭାର ପ୍ରୋଟୋକଲ୍ ଉଲ୍ଲଂଘନ କମିଟି ବୈଠକରେ ଅଫିସରମାନଙ୍କ ବିଶୃଙ୍ଖଳ ଆଚରଣକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ଯାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ନିର୍ଦ୍ଦେଶନାମା ଓଡିଶା ସମେତ ସବୁ ରାଜ୍ୟକୁ ଜାରି କରିଥିବା ଜଣାପଡିଛି। ସେହିପରି ଓଡିଶାରେ ମୋହନ ମାଝୀ ସରକାର କ୍ଷମତାକୁ ଆସିବା ପରେ ୨୦୨୪ ନଭେମ୍ବର ୨୯ତାରିଖରେ ‘ବୁକ୍ ସର୍କୁଲାର-୪୭’କୁ ପୁନର୍ବାର ଜାରି କରି ଜନପ୍ରତିନିଧିମାନଙ୍କୁ ଉଚିତ୍ ସମ୍ମାନ ଦେବାକୁ କଡା ତାଗିଦ୍ କରିଥିଲେ।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ, ଅଫିସରମାନେ ଶିଷ୍ଟାଚାର ପାଳନ କରିବେ। ଏଣିକି ଯଦି ଜଣେ ସାଂସଦ କିମ୍ବା ବିଧାୟକ ଜଣେ ଅଧିକାରୀଙ୍କୁ ଭେଟିବାକୁ ଆସନ୍ତି, ତେବେ ସମ୍ପୃକ୍ତ ଅଫିସର ନିଜ ଆସନରୁ ଛିଡା ହୋଇ ତାଙ୍କୁ ସ୍ୱାଗତ କରିବାସହ ବିଦାୟ ବେଳେ ଅଫିସ୍ ବାହାର ପର୍ଯ୍ୟନ୍ତ ଛାଡିବାକୁ ଯିବେ। ଏଥିରେ ସାମାନ୍ୟ ତ୍ରୁଟି ହେଲେ ଏହାକୁ (ଶେଷ ପୃଷ୍ଠା ଦେଖନ୍ତୁ)



କଟକ: ସରସ୍ୱତୀ ପୂଜା ପାଇଁ ବଜାରରେ ମୂର୍ତ୍ତି ବିକ୍ରି। (ଫଟୋ-ଚନ୍ଦନ)

# ଦୁଷ୍କର୍ମ ପୀଡ଼ିତାଙ୍କ ଗର୍ଭପାତକୁ ଅନୁମତି

**କଟକ,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ଦୁଷ୍କର୍ମ ପୀଡ଼ିତାଙ୍କ ଆବେଦନ ଉପରେ ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି । ପୀଡ଼ିତ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଅଦାଲତ ତାଙ୍କୁ ଗର୍ଭପାତ ଏବଂ ଭ୍ରୁଣର ଡିଏନଏ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରିଛନ୍ତି । ପୀଡ଼ିତା ଜଣକ ହାଇକୋର୍ଟରେ ଏକ ମାମଲା ଦାୟର କରି ଦର୍ଶାଇଥିଲେ ଯେ, ତାଙ୍କର ଏହି ଗର୍ଭଧାରଣ ଅନିଚ୍ଛାକୃତ ଏବଂ ଏହା ଏକ ଦୁଷ୍କର୍ମ ମାମଲା ସହ ଜଡ଼ିତ । ପୂର୍ବରୁ ସେ ରାଉରକେଲା ମହିଳା ଥାନାରେ ଏ ନେଇ ଅଭିଯୋଗ କରିଥିଲେ, ଯାହାକୁ ‘ଜିରୋ ଏଫଆଇଆର’ ଭାବେ ରୁଜୁ କରାଯାଇ ପରେ ବିଞ୍ଝାରପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। ବିଚାରପତି ଜଷ୍ଟିସ ସାବିତ୍ରୀ ରଥଙ୍କ ଇଜିଲାସରେ ଏହି ମାମଲାର ଶୁଣାଣି ଚାଲିଥିଲା । ଶୁଣାଣି ସମୟରେ କୋର୍ଟଙ୍କ ନଜରକୁ ଆସିଥିଲା ଯେ, ପୀଡ଼ିତାଙ୍କ ଗର୍ଭାବସ୍ଥା ପ୍ରାୟ ୨୧ ସପ୍ତାହ ୪ ଦିନରେ ପହଞ୍ଚିଛି । ମେଡ଼ିକାଲ ଟର୍ମିନେସନ ଅଫ ପେଗନେନ୍ସି (ଏମଟିପି) ଆକ୍ଟ ଅନୁଯାୟୀ, ଗର୍ଭପାତ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ସେପ୍ଟେମ୍ବର ୨୦୨୫ରେ ଜାରି କରାଯାଇଥିବା ସ୍ୱତନ୍ତ୍ର ଏସଓପି ଆଧାରରେ ନାବାଳିକା ଏବଂ ଜଟିଳ ପରିସ୍ଥିତିରେ ଗର୍ଭପାତ ପାଇଁ ବ୍ୟବସ୍ଥା ରହିଛି । ଗର୍ଭପାତ (ଶେଷ ପୃଷ୍ଠା ଦେଖନ୍ତୁ)

# ୨୦୩୧ ପର୍ଯ୍ୟନ୍ତ ଏପିୱାଇ ଅବଧି ବୃଦ୍ଧି

**ନୂଆଦିଲ୍ଲୀ,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅଟଳ ପେନ୍ସନ ଯୋଜନା (ଏପିୱାଇ)କୁ ଜାରି ରଖାଯିବ। ଏହି ଯୋଜନାର ପ୍ରଚାରପ୍ରସାର ଓ ବିକାଶମୂଳକ କାର୍ଯ୍ୟକଳାପ ପାଇଁ ପାଣ୍ଠି ସହାୟତାର ସମ୍ପ୍ରସାରଣ କରାଯିବା ସହିତ ନିଅଣ୍ଟ ଭରଣା ଲାଗି ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଅଣସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ନିକଟରେ ଯୋଜନାର ଲାଭ ପହଞ୍ଚାଇବା ଲାଗି ପ୍ରଚାରପ୍ରସାର ଏବଂ ବିକାଶ କାର୍ଯ୍ୟକଳାପ କରାଯିବ। ଏଥିରେ ସଚେତନତା ଏବଂ କ୍ଷମତା ନିର୍ମାଣ ସାମିଲ ରହିବ। ଏହି ଯୋଜନାରେ କମ୍ ଆୟକାରୀ ଏବଂ ଅଣସଂଗଠିତ କ୍ଷେତ୍ରର ଲକ୍ଷ ଲକ୍ଷ ଶ୍ରମିକଙ୍କ ପାଇଁ ବୃଦ୍ଧାବସ୍ଥାରେ ଆୟ ସୁରକ୍ଷା ସୁନିଶ୍ଚିତ ହେବ। ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହନ ମିଳିବା ସହିତ ଭାରତ ଏକ ପେନ୍ସନ ଆଧାରିତ ସମାଜ ରୂପେ ପରିଣତ ହୋଇପାରିବ।କ୍ରମାଗତ ସାମାଜିକ ସୁରକ୍ଷା ଯୋଗାଇ ଦେଇ ବିକଶିତ ଭାରତ ୨୦୪୭ର ସଂକଳ୍ପକୁ ଏହି ଯୋଜନା ମଜବୁତ କରିବ। ଅଣସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ବୃଦ୍ଧାବସ୍ଥାରେ ଆୟ ସୁରକ୍ଷା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୧୫ ମେ ୯ରେ ଏପିୱାଇ ଯୋଜନା ଆରମ୍ଭ କରାଯାଇଥିଲା। ଆର୍ଥିକ ଯୋଗଦାନକୁ ଆଧାର କରି ଏପିୱାଇ ୬୦ ବର୍ଷ ବୟସରୁ ପ୍ରତି ମାସରେ ୧୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ୟାରେଣ୍ଟିଯୁକ୍ତ ସର୍ବନିମ୍ନ ପେନସନ ପ୍ରଦାନ କରିଥାଏ। ୨୦୨୬ ଜାନୁଆରି ୧୯ ସୁଦ୍ଧା ୮.୬୬ କୋଟିରୁ ଅଧିକ ଉପଭୋକ୍ତା ଏହି ଯୋଜନାରେ ପଞ୍ଜୀକରଣ କରିଛନ୍ତି।

# ଡିଇଓଙ୍କ ବିରୋଧରେ ଗିରଫ ପରୱାନା

**କଟକ,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦୁଇ ଆଇଏଏସ’ଙ୍କୁ ଗିରଫ ୱାରେଣ୍ଟ ପରେ ବୁଧବାର ଜଣେ ଜିଲା ଶିକ୍ଷାଧିକାରୀଙ୍କୁ ୱାରେଣ୍ଟ ଜାରି କରିଛନ୍ତି ଓଡିଶା ହାଇକୋର୍ଟ। ଅଦାଲତ ଅବମାନନା ମାମଲାରେ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପରେଶ ପାତ୍ରଙ୍କୁ ଏହି ଗିରଫ ପରୱାନା ଜାରି କରିଛନ୍ତି। ଏକ ଅନୁକମ୍ପାମୂଳକ ନିଯୁକ୍ତି ସମ୍ପର୍କିତ ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଇକୋର୍ଟ ଡିଇଓଙ୍କୁ ଜାନୁଆରୀ ୨୨ ତାରିଖରେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁକମ୍ପାମୂଳକ ନିଯୁକ୍ତି ମାମଲାରେ ସେ କ’ଣ (ଶେଷ ପୃଷ୍ଠା ଦେଖନ୍ତୁ)

# ‘ନେତାଙ୍କୁ ଅଣଦେଖା କରୁଥିଲେ ଅରବିନ୍ଦ’

**ଭୁବନେଶ୍ୱର,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ନବୀନ। ସେ କହିଛନ୍ତି କି, ମୁଁ ଅରବିନ୍ଦ ମହାପାତ୍ରଙ୍କୁ ଟିକେଟ୍ ଦେଇଥିଲି। ମୁଁ ଅରବିନ୍ଦଙ୍କୁ ବିଶ୍ୱାସ କରି ସୁଯୋଗ ଦେଇଥିଲି କିଛି କାମ କରିବାକୁ। ପାଟକୁରା ନିର୍ବାଚନ ମଣ୍ଡଳୀ ପାଇଁ ଭଲ କାମ କରିବାକୁ ସୁଯୋଗ ଦେଇଥିଲି। କିନ୍ତୁ ଜାଣିଲି ପାଟକୁରାବାସୀ ହଇରାଣ ହରକତ



ହେଉଛନ୍ତି। ଦଳରେ ରହି ଯିଏ ଆପଣଙ୍କୁ ହଇରାଣ କରେ ମୁଁ ତାକୁ ଦଳରୁ କାଢିଦିଏ। ଆପଣମାନଙ୍କ ପାଇଁ ଜଣେ ଭଲ ମୁଖିଆ ଆସିବେ।

ସେପଟେ ନବୀନ ନିବାସରେ ପାଟକୁରା ବିଜେଡିର ନେତା ଓ କର୍ମୀ। ବହୁ ସଂଖ୍ୟାରେ ଦଳୀୟ କର୍ମୀ, ନେତା ଓ ନିର୍ବାଚିତ ପ୍ରତିନିଧି ଆଜି ନବୀନ ନିବାସ ଆସି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। ନିକଟରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ସସପେଣ୍ଡ କରିଥିଲେ ନବୀନ। ଏହି ନିଷ୍ପତ୍ତି (ଶେଷ ପୃଷ୍ଠା ଦେଖନ୍ତୁ)

# ପୁଣି ୧୦୦ ବୁଲା କୁକୁରଙ୍କୁ ହତ୍ୟା



**ହାଇଦ୍ରାବାଦ,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତେଲଙ୍ଗାନାରେ ବୁଲା କୁକୁରଙ୍କ ସଂହାର ଜାରି ରହିଛି। ଏଠାରେ ପୁଣିଥରେ ୧୦୦ରୁ ଅଧିକ ବୁଲା କୁକୁରଙ୍କୁ ବିଷ ଦେଇ କରାଯାଇଛି ହତ୍ୟା। ଚଳିତ ମାସ ଆରମ୍ଭରୁ ମାତ୍ର ୧୫ ଦିନ ମଧ୍ୟରେ ୫୦୦ ବୁଲା କୁକୁରଙ୍କୁ ସମାନ ଢଙ୍ଗରେ ବିଷ ଓ ବିଷାକ୍ତ ଇଞ୍ଜେକ୍‌ସନ ଦେଇ ହତ୍ୟା କରାଯାଇଥିଲା। ଏହାର ପୁଲିସ୍ ତଦନ୍ତ କରୁଥିବା ବେଳେ ଏବେ ଆଉ ୧୦୦ କୁକୁରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ନିର୍ବାଚନ ବେଳେ ବିଭିନ୍ନ ପ୍ରାର୍ଥୀ ଗାଁକୁ ବୁଲା କୁକୁର ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତିକୁ ରକ୍ଷା କରିବା ପାଇଁ ଏବେ ବୁଲା କୁକୁରମାନଙ୍କୁ ବିଭିନ୍ନ ଗାଁରେ ହତ୍ୟା କରାଯାଇଉଛି।

ଏବେ ବୁଲା କୁକୁରଙ୍କୁ ହତ୍ୟା କରାଯିବାର ଅଭିଯୋଗ ରଙ୍ଗା ରେଡ୍ଡୀ ଜିଲ୍ଲାର ଯାଚରାମ ଗାଁରୁ ଆସିଛି। ଜାନୁଆରୀ ୧୯ରେ ଏପରି ଅଭିଯୋଗ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଗାଁର ସରପଞ୍ଚ, ଜଣେ ୱାର୍ଡ ମେମ୍ବର, ଗାଁ ସମ୍ପାଦକ ଓ ଅନ୍ୟାମାନେ ଷଡଯନ୍ତ୍ର କରି କୁକୁରମାନଙ୍କୁ ବିଷ ଦେଇଥିବା ପଶୁପ୍ରେମୀ ମୁଦାବତ ପ୍ରୀତି କହିଛନ୍ତି।

ପ୍ରୀତିଙ୍କ ଅଭିଯୋଗ ଆଧାରରେ ରଞ୍ଚାକୋଣ୍ଡା ପୁଲିସ୍ ପକ୍ଷରୁ ଗାଁର ସରପଞ୍ଚ ଓ ଅନ୍ୟ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି। ୱାର୍ଡ ମେମ୍ବର ଜଣଙ୍କ ପ୍ରଥମେ କହିଥିଲେ ଯେ ବୁଲା କୁକୁରମାନଙ୍କୁ ଉପଯୁକ୍ତ ଆଶ୍ରୟ ସ୍ଥଳକୁ (ଶେଷ ପୃଷ୍ଠା ଦେଖନ୍ତୁ)

# ବାଲି ବୋଝେଇ ହାଇୱା ଜବତ

**ରାଜନଗର,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ପୋଲିସ ୪ଟି ବାଲି ବୋଝେଇ ହାଇୱାକୁ ଜବତ କରି ଥାନାରେ ରଖିଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣକୁମାର ନାୟକଙ୍କ ନେତୃତ୍ୱରେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ଆଇଆଇସି ନରେଶ ସାହୁ ପହଞ୍ଚି ବାଲି ବୋଝେଇ ହାଇୱା ଗାଡିଗୁଡିକୁ ଜବତ କରିଥିଲେ । ସେମାନଙ୍କ କାଗଜପତ୍ର ଯାଞ୍ଚ କରିବା ପାଇଁ ଖଣି ଆଧିକାରୀଙ୍କ ସହିତ ଆଇଆଇସି ଶ୍ରୀ ସାହୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜନଗର ପୋଲିସ ହାଇୱା ଓଡି-୨୯- ଆର-୦୭୨୪, ଓଡି-୦୪-ଜି-୪୩୯୭, ଓଡି-୨୩-ଆର-୭୧୯୨ ଏବଂ ଓଡି- ୦୪-ସି-୪୩୯୭ ନମ୍ବର ଗାଡିରେ ବାଲି ବୋଝେଇ କରି ରାଜନଗର ଆସୁଥିବା ବେଳେ ସାନବଡଗୋପାଳପୁର ଏଚପି ତେଲ ଟାଙ୍କି ନିକଟରୁ ଆଣି ରାଜନଗର ଥାନାରେ ଅଟକ ରଖିଥିବା ଦେଖିବାକୁ ମିଳିଛି ।

# ଭୁବନେଶ୍ୱରରୁ ଦୁବାଇ ବିମାନ ସେବା ବନ୍ଦ ହେବ !

**ଭୁବନେଶ୍ୱର,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରରୁ ଦୁବାଇ ଆନ୍ତର୍ଜାତୀୟ ବିମାନ ସେବା ବନ୍ଦ ହେବ। କାରଣ ନୂଆ ପାସେଞ୍ଜର ପାଇଁ ବୁକିଂ ହେଉନି। ମାର୍ଚ୍ଚ ୨୮ ପରଠାରୁ ଦେଖାଉନି ଟିକେଟ ବୁକିଙ୍ଗ। ଯେଉଁଥିପାଇଁ ଆଶଙ୍କା କରାଯାଉଛି ଯେ ଦୁବାଇକୁ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ହୋଇପାରେ। ଭୁବନେଶ୍ୱରରୁ ଦୁବାଇ ଯାତ୍ରୀଙ୍କ ସଂଖ୍ୟା ବେଶ ଅଧିକ ଥିବା ବେଳେ ବିମାନ କ୍ଷତି ସହୁ ନ ଥିବା କହିଛନ୍ତି ଟୁର ଆଣ୍ଡ ଟ୍ରାଭେଲ୍ସ ବିଶେଷଜ୍ଞ। ତଥାପି କାହିଁକି ଭୁବନେଶ୍ୱରରୁ ଦୁବାଇ ପାଇଁ ନୂଆ ଟିକେଟ୍ ବୁକିଂ ହେଉନି ତାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ସରକାରଙ୍କ ପକ୍ଷରୁ ଭାଇବିଲିଟି ଗ୍ୟାପ ଫଣ୍ଡ ବନ୍ଦ ହେବା ଆଶଙ୍କାରେ ବିମାନ ମାଲିକ ଏହି ନିଷ୍ପତି ନେଉଛନ୍ତି । ଏହା କେବଳ ଚାପ ପକାଇବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି।

ସରକାରଙ୍କ ପକ୍ଷରୁ ମିଳୁଥିବା ଭିଜିଏଫର ସମୟ ସୀମା ସରୁଛି। ତେଣୁ ଏହି ଫଣ୍ଡ ପାଇବା ପାଇଁ ବିମାନ କର୍ତ୍ତୃପକ୍ଷ ଏହି ନିଷ୍ପତି ନେଉଥିବେ ବୋଲି ସ୍ୟାଣ୍ଡ ଆଣ୍ଡ ପେବେଲ୍ସ ଟୁର ଏମଡି କହିଛନ୍ତି। ଏହାଛଡ଼ା ଇଣ୍ଡିଗୋ ବିମାନରେ ପାଇଲଟଙ୍କୁ ନେଇ ଥିବା ସମସ୍ୟା ଯୋଗୁଁ ମଧ୍ୟ ଇଣ୍ଡିଗୋ ବିମାନ ଭୁବନେଶ୍ୱରୁ ଦୁବାଇ ସିଧାସଳଖ ବିମାନ (ଶେଷ ପୃଷ୍ଠା ଦେଖନ୍ତୁ)

# କାର୍ଯ୍ୟକ୍ଷମ ହେଉନି ଭେଣ୍ଡିଂ ଜୋନ୍: ଅନିଶ୍ଚିତତାରେ ଦୋକାନୀ

**ପଟ୍ଟାମୁଣ୍ଡାଇ,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ସହର ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀ ଓ ଜବର ଦଖଲକାରୀଙ୍କୁ ପୌରପ୍ରଶାସନ ପକ୍ଷରୁ ଗତ ଦୁର୍ଗାପୂଜା ପୂର୍ବରୁ ଉଚ୍ଛେଦ କରାଯାଇଥିଲା । ଯାହାକୁ ନେଇ ଉଠାଦୋକାନୀମାନେ ତୀବ୍ର ବିରୋଧ କରିଥିଲେ। ମାତ୍ର ସେହି ସମୟରେ ପୌରକର୍ତ୍ତୃପକ୍ଷ ଓ ଉଠାଦୋକାନୀ ସଂଘ ମଧ୍ୟରେ ଏକ ବୈଠକ ଆହୁତ ହୋଇଥିଲା। ଉଚ୍ଛେଦ ଦୋକାନୀଙ୍କୁ ଭେଣ୍ଡିଂ ଜୋନ ପ୍ରଦାନ କରାଇବ ବୋଲି ପୌର ପ୍ରଶାସନ ପ୍ରତିଶୃତି ଦେବା ପରେ ଉଚ୍ଛେଦ ପ୍ରକ୍ରୀୟା ତ୍ୱରାନୀତ ହୋଇଥିଲା। ମାତ୍ର ଆଜକୁ ଚାରି ପାଂଚ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ଏଯାବତ୍ ଭେଣିଂଜୋନ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ମାତ୍ର ଯେଉଁ ସ୍ଥାନରେ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା ସେଠାରେ ବାହାର ଫେରିବାଲ ବିଭିନ୍ନ ସରଜଂାମ ପକାଇ ବ୍ୟବସାୟ କରୁଛନ୍ତି । ଯାହାକୁ ନେଇ ଉଠା ଦୋକାନୀ ଏବଂ ସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସ୍ଥାନୀୟ ପ୍ରଶାସନର ମାରଣ ନିତୀକୁ ବିରୋଧ କରିଛନ୍ତି ।

ସାମାଜିକକର୍ମୀ ରମେଶ ଦାସ କୁହନ୍ତି ଛୋଟ ଛୋଟ ଉଠା ଦୋକାନୀମାନଙ୍କୁ ଥଇଥାନ ଏବଂ ସହରାଂଚଳରେ ଶ୍ରମିକମାନଙ୍କୁ କାମ ଧନ୍ଦା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା(ମୁକ୍ତା) ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ସହରରେ ରାସ୍ତା କଡ଼ରେ ବସି ବିକ୍ରି କରୁଥିବା ଉଠା ଦୋକାନୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ୍ କରାଯାଇଛି। ସ୍ୱଳ୍ପ ମୂଲ୍ୟରେ ଉଠା ଦୋକାନୀମାନଙ୍କୁ ଦୋକାନ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ ଦୀର୍ଘ ଦିନ ହେଲା ପଟ୍ଟାମୁଣ୍ଡାଇ ଅଂଚଳରେ ଉଠାଦୋକାନୀ ଉଚ୍ଛେଦ ହୋଇଥିଲେ ମଧ୍ୟ ଭେଣ୍ଡିଂ ଦୋକାନ ଘରଗୁଡିକ ବଂଟନ କରାଯାଉ ନଥିବାରୁ ଉଠା ଦୋକାନୀମାନଙ୍କ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡିଛି ।

ସ୍ଥାନୀୟ ଲୋକ ଦିଲ୍ଲିପ ପାତ୍ର, ପ୍ରଦିପ ବେହେରା କୁହନ୍ତି ବଜାର ଆଖପାଖ ଗ୍ରାମର କେତେକ ଗରିବ ଲୋକେ ପଟ୍ଟାମୁଣ୍ଡାଇ ବାଜାରରେ ଉଠା ପରିବା ଦୋକାନ ସହ ପାନ, ଚାହା, (ଶେଷ ପୃଷ୍ଠା ଦେଖନ୍ତୁ)

# ମନ୍ତ୍ରୀ-ବିଧାୟକଙ୍କ ବେତନ ବୃଦ୍ଧି ପାରିତ ବିଲ୍‌ର ସ୍ଥିତି ଅସ୍ପଷ୍ଟ

**ଭୁବନେଶ୍ୱର,୨୧।୧**
**ତଥ୍ୟ**

ବିଧାୟକଙ୍କଠାରୁ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ବେତନ ଓ ଭତ୍ତା ବୃଦ୍ଧି ସହିତ ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ୍ ଓ ଭତ୍ତା ବଢ଼ାଇବା ଲାଗି ଓଡ଼ିଶା ବିଧାନସଭାରେ ପାରିତ ହୋଇଥିବା ବିଧେୟକ କେଉଁ ସ୍ଥିତିରେ ରହିଛି ତାହାର ସ୍ପଷ୍ଟ ସୂଚନା କୌଣସି ସୂତ୍ରରୁ ଦିଆଯାଉନାହିଁ। ତେଣୁ ଏହି ବିଲ୍‌ର ଭାଗ୍ୟ ଭବିଷ୍ୟତ ଘେନି ପ୍ରଶ୍ନବାଚୀ ଉଠୁଛି।

କେନ୍ଦ୍ର ସରକାରଙ୍କ ଭିବି-ଜି-ରାମ ଜୀ ବିଲ୍ ସଂସଦରେ ଗୃହୀତ ହେବାର ମାତ୍ର ୩ଦିନ ମଧ୍ୟରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରି ଆଇନ୍‌ରେ ପରିଣତ ହୋଇପାରିଲା। ତେବେ ଓଡ଼ିଶାର ବିଧାୟକଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ ବାଚସ୍ପତିଙ୍କ ବେତନ ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତୀୟ ଅଧିନିୟମ ବିଧାନସଭାରେ ୨୦୨୫ ଡିସେମ୍ବର ୧୨ ତାରିଖରେ ଏକ ପ୍ରକାର ସର୍ବସମ୍ମତିକ୍ରମେ ପାରିତ ହୋଇଯାଇଥିଲେ ମଧ୍ୟ ଏହି ବିଲ୍ କିନ୍ତୁ ଆଇନ୍‌ର ରୂପ ନେଇପାରି ନାହିଁ।

ସାମ୍ବିଧାନିକ ବିଧିବ୍ୟବସ୍ଥା ମୁତାବକ ବିଧାନଭାରେ ପାରିତ ବିଲ୍ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯାଇଥାଏ ଏବଂ ରାଜ୍ୟପାଳ ଏହାକୁ ଅନୁମୋଦନ କଲେ ତାହା ଆଇନ୍‌ର ରୂପ ନେଇଥାଏ। ଯଦି ରାଜ୍ୟପାଳ ଏଥିରେ ସହମତ ନହୁଅନ୍ତି ତେବେ ସେ ବିଲ୍‌ଟିକୁ ଫେରାଇ ଦିଅନ୍ତି ଏବଂ ଏହା ଉପରେ ଯଦି ପୁଣିଥରେ ବିଧାନସଭା ମୋହର ବସାଏ ତା’ହେଲେ ରାଜ୍ୟପାଳ ତାହାକୁ ଅନୁମୋଦନ ଦେଇଥାନ୍ତି। ସଂସଦ କ୍ଷେତ୍ରରେ ପାରିତ ବିଲ୍ ଅନୁରୂପ ଭାବେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନ୍‌ର ରୂପ ନେଇଥାଏ।

### HIKE PLAN

| Members | Existing | Proposed |
|---|---|---|
| CM | ₹98,000 | ₹3.74 lakh |
| Ministers | ₹97,000 | ₹3.58 lakh |
| MLAs | ₹92,000 | ₹3.40 lakh |

| MLAs’ MONTHLY REMUNERATION | Existing | Proposed |
|---|---|---|
| Salary | ₹35,000 | ₹90,000 |
| Constituency allowance | ₹20,000 | ₹75,000 |
| Conveyance allowance | ₹15,000 | ₹50,000 |
| Fixed allowance for travel not connected with duty | ₹10,000 | ₹50,000 |
| Books, journals & periodicals allowance | ₹2,000 | ₹10,000 |
| Electricity | ₹5,000 | ₹20,000 |
| Medical expenses | ₹5,000 | ₹35,000 |

ବିଧାନସଭାରେ ବେତନ ବୃଦ୍ଧି ବିଲ୍ ବିରୋଧରେ ଜଣେ ହେଲେ କେହି ପାଟି ଫିଟାଇନଥିଲେ ମଧ୍ୟ ବିଧାନସଭା ବାହାରେ କିନ୍ତୁ ଏହାକୁ ବିରୋଧ କରାଯାଇଛି। ଏମିତିକି ବିରୋଧୀ ଦଳ ନେତାଙ୍କଠାରୁ ଆରମ୍ଭ କରି ବିଜେପି ବିଧାୟକ ଦଳ ପର୍ଯ୍ୟନ୍ତ ଏଥିରେ ଅସହମତି ବ୍ୟକ୍ତ କରିଛନ୍ତି। ଏମିତିକି ବିଜେପିର ବିଧାୟକମାନେ ବେତନ ଓ ଭତ୍ତା ବୃଦ୍ଧିକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ମଧ ଦେଇଛନ୍ତି।

ଓଡ଼ିଶାର ବିଧାୟକମାନେ ଏବେ ପ୍ରାୟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ଓ ଭତ୍ତା ମିଶାଇ ପାଉଥିବାବେଳେ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ସେମାନେ ମାସକୁ ପାଖାପାଖି ସାଢ଼େ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇପାରନ୍ତି। ବିଧାୟକମାନଙ୍କ ମାସିକ ଦରମା ୩୫ ହଜାରରୁ ୯୦ ହଜାର ଟଙ୍କାକୁ ବଢ଼ାଯାଇଥିବାବେଳେ ସେମାନଙ୍କ ପାଇଁ ମାସିକ ୭୫ ହଜାର ଟଙ୍କାର ନିର୍ବାଚନ ମଣ୍ଡଳୀ ଭତ୍ତା, ୫୦ ହଜାର ଟଙ୍କାର ଯାତାୟାତ ଭତ୍ତା, ୧୦ ହଜାର ଟଙ୍କାର ପତ୍ରିକା କିଣିବା ଭତ୍ତା, ୩୫ ହଜାର ଟଙ୍କାର ଚିକିତ୍ସା ଭତ୍ତା, ୨୦ ହଜାର ଟଙ୍କାର ବିଦ୍ୟୁତ ଭତ୍ତା, ୧୫ ହଜାର ଟଙ୍କାର ଟେଲିଫୋନ୍ ଭତ୍ତା ଏଥିରେ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ସେମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ଗାଡ଼ି କିଣିବା ପାଇଁ ୧୦ ଲକ୍ଷ ଟଙ୍କାର ଅଗ୍ରୀମ ଓ ସରକାରୀ ଘରେ ନରହିଲେ ମାସିକ ୬୦ ହଜାର ଟଙ୍କା ଘରଭଡ଼ା ବ୍ୟବସ୍ଥା ମଧ୍ୟ ନୂଆ ବିଲ୍‌ରେ ରହିଛି।

ପୂର୍ବତନ ବିଧାୟକମାନଙ୍କ ମାସିକ ପେନ୍‌ସନ୍ ୩୦ ହଜାରରୁ ୮୦ ହଜାର ଟଙ୍କାକୁ ବୃଦ୍ଧି କରାଯିବା ସହିତ ଯେଉଁମାନେ ଏକାଧିକଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ସେମାନଙ୍କ ପାଇଁ ପ୍ରତି ଅଧିକ ବର୍ଷ ଲାଗି (ଶେଷ ପୃଷ୍ଠା ଦେଖନ୍ତୁ)

# ହଟିବ ଡିଜେଲ୍ ଚାଳିତ ଆମ ବସ୍

**ଭୁବନେଶ୍ୱର,୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାସ୍ତାରୁ ହଟିବ ଡିଜେଲ୍ ଚାଳିତ ଆମ ବସ୍, ଚାଲିବ ଇଭି ଗାଡି। ଡିଜେଲ ଚାଳିତ ଆମ ବସ୍‌କୁ ହଟାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ରାସ୍ତାରେ କେବଳ ଇଭି ବସ୍ ଚାଲିବ। ବର୍ତ୍ତମାନ ଯେତେ ସବୁ ଡିଜେଲ ଚାଳିତ ବସ୍ ରହିଛି ତାକୁ ଧୀରେ ଧୀରେ ସ୍କ୍ରାପ କରାଯିବା ସହ ଇଭି ବସ୍ ଆଣାଯିବ ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ସେହିପରି ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏଣିକି ମହିଳାମାନେ ଆମ ବସ୍ ଚଳାଇବେ। ସେଥିପାଇଁ ପ୍ରଥମ ପର୍ଯ୍ୟାୟରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୨ ଜାନୁଆରୀ ୨୦୨୬ । ଗୁରୁବାର




# ଗଞ୍ଜେଇ ଜବତ, ୫ କୋର୍ଟ ଚାଲାଣ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲାକୁ ଟାର୍ଗେଟ କରି ଆନ୍ତଃଜିଲ୍ଲା ମାଫିଆମାନେ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବେଆଇନ ମାଦକ ଦ୍ରବ୍ୟ ଚୋରା ଚାଲାଣ କରି ଆସୁଛନ୍ତି । ଗତ ସୋମବାର ଧନୁପାଲି ଥାନା ପୋଲିସ ସନ୍ଦେହ ଜନକ ଅବସ୍ଥାରେ ଯାଉଥିବା ଏକ ମୂଲ୍ୟବାନ କାରକୁ ପିଛା କରିଥିଲା । ଶେଷରେ ଓଡି ୦୨ ଏଜେଡ୍ ୮୦୨୫ ନମ୍ବର କାରକୁ ପୋଲିସ ଅଟକାଇବାରୁ କାରରୁ ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଚାମୁଣ୍ଡା ମୁଣ୍ଡା ଅଞ୍ଚଳର ଶିତିକାନ୍ତ ପ୍ରଧାନ ଓହ୍ଲାଇପଡି ସୁନ୍ଦର ସଫେଇ ଦେଇଥିଲେ । ମାତ୍ର ଯୁବକର କୌଣସି ସଫେଇକୁ ଭରଷା ନକରି ପୋଲିସ ଛାନଭିନ୍ କରିବାରେ ବିହାର ନାଳନ୍ଦା ଜିଲ୍ଲା ସାରେ ଥାନା ଅଞ୍ଚଳର ଜଣଙ୍କ ପରେ ଜଣେ ମୋଟ ୪ ଜଣ ଓହ୍ଲାଇ ଥିଲେ । ଗାଡିଟିକୁ ଯାଞ୍ଚ କରିବାରେ ୩୭ କେଜି ୩ଶହ ଗ୍ରାମ୍ ଗଞ୍ଜେଇ ଲୋଡ୍ ଥିବା ଦେଖି ପୋଲିସ ଶିତିକାନ୍ତ ସହ ୪ ବିହାରୀ ଯୁବକ ରଞ୍ଜିତ କୁମାର, ଯମୁନା କୁମାର, ଧମନ କୁମାର ଓ ରବି କୁମାରକୁ ଗିରଫ କରିଥିଲା । ଏଥିସହ ବ୍ୟବହୃତ କାର୍ ଓ ସେମାନଙ୍କ ଠାରୁ ୫ଟି ମୋବାଇଲ୍ ନଗଦ ୨ ହଜାର ଟଙ୍କା ମଧ୍ୟ ଜବତ କରିଥିଲା । ଧନୁପାଲି ଥାନାରେ ଏ ସମ୍ପର୍କରେ ୧୭/୨୬ ଏକ ମାମଲା ରୁଜୁ କରି ପୋଲିସ ଗିରଫ ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି । ତେବେ ବାହାର ରାଜ୍ୟର ମାଫିଆମାନେ କିପରି ଓଡ଼ିଶାରେ ଆବାଧ ଚୋରା କାରବାର କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ପ୍ରତ୍ୟେକ ଘଟଣାରେ ସ୍ଥାନୀୟ ଅଞ୍ଚଳର କେହି ନା କେହି ସମ୍ପୃକ୍ତ ରହିବା ଚିନ୍ତାର ବିଷୟ ପାଲଟିଛି । ଆଜିର ଏହି ଘଟଣାରେ ୪ଜଣ ବିହାରୀ ମାଫିଆଙ୍କ ପଥ ପ୍ରଦର୍ଶକ ଭାବେ ଶିତିକାନ୍ତର ସମ୍ପୃକ୍ତି ପୋଲିସ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି ।

## ମୃତ୍ତିକା ସଂରକ୍ଷଣ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର



**କୋରେଇ: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ରୋଡ ଠାରେ ନିର୍ମାଣ କରାଯାଉଥିବା ମୃତ୍ତିକା ସରଂକ୍ଷଣ ଗୃହ ନିର୍ମାଣରେ ଚାଲିଛି ବ୍ୟାପକ ଅନିୟମିତତା । ନିମ୍ନମାନର ବାଲି, ଚିପ୍ସ ଓ ରଡରେ ଚାଲିଛି ନିର୍ମାଣ କାର୍ଯ୍ୟ । ଭାଗ ମାପର ବି ତାଳ ମେଳ ନଥିବା ଦେଖିବାକୁ ମିଳୁଛି । ଢଳେଇ ପଡୁଛି ସତ କିନ୍ତୁ କୌଣସି ଅଧିକାରୀ କିମ୍ବା ଠିକାଦାରଙ୍କ ଦେଖା ମିଳୁନି । ମେସିନରେ ଗୋଳାଇବା ପରିବର୍ତ୍ତେ ହାତରେ ଗୋଳେଇ କରି ଲେବରମାନେ ଢଳେଇ ପକାଉଥିବା ଦେଖିବାକୁ ମିଳୁଛି । ଗୃହ ଭିତରେ ବାଲି ପରିବର୍ତ୍ତେ ମାଟି ଓ ମୋହରମକୁ ମଧ୍ୟ ଭର୍ତ୍ତି କରିଦେଉଥିବା ଅଭିଯୋଗ ହେଉଛି । ସରକାରଙ୍କ ଲକ୍ଷ୍ୟ ଲକ୍ଷ ଟଙ୍କାରେ କାର୍ଯ୍ୟ ହେଉଛି ସତ କିନ୍ତୁ କୌଣସି ସୂଚନା ଫଳକର ଚିହ୍ନବର୍ଣ୍ଣ ନ ଥିବା ଦେଖିବାକୁ ମିଳୁଛି । ଆହୁରି ଏକ ବିଡମ୍ବନାର ବିଷୟ ଯେ ଠିକାଦାର ଶ୍ରମ ଆଇନକୁ ବେଖାତିର କରି ନାଁ ବାଳକମାନଙ୍କୁ ମଧ୍ୟ କାଯ୍ୟରେ ନିୟୋଜିତ କରିଥିବା ନଜର ଆସୁଛି । ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏଭଳି ଦୁଃପ୍ଲିକେଟ କାର୍ଯ୍ୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ତାଙ୍କର କୌଣସି ପ୍ରତିକ୍ରିୟା ମିଳିନଥିବା ଦେଖିବାକୁ ମିଳୁଛି । ଶ୍ରମ ଅଧିକାରୀ ମଧ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି । ତେବେ ଦେଖିବାର ବାକିରହିଲା କେବେ ଜିଲ୍ଲାପାଳ ଓ ମୃତ୍ତିକା ସରଂକ୍ଷଣ ବିଭାଗର ଉପରିସ୍ଥ ଅଧିକାରୀ ଏହା ଉପରେ କାର୍ଯ୍ୟନୁଷ୍ଠାନ ନେଉଛନ୍ତି ।

# ରେଳବାଇ ଅଣ୍ଡର ପାସ ପ୍ରତିଶ୍ରୁତି ପାଣିରେ ଗାର

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈଶିଙ୍ଗା ଉପକଣ୍ଠ ଯୁଗପୁରା ରେଳ ଷ୍ଟେସନର ମାତ୍ର ୫୦୦ ମିଟର ଦୂରରେ ଥିବା ଈଶାଣପୁର ଓ ଯୁଗପୁରା ଅଞ୍ଚଳର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ଦକ୍ଷିଣ ପୂର୍ବ ରେଳବାଇର ଡିଆରଏମ୍ ଗତ ବର୍ଷ ଫେବୃଆରୀ ମାସରେ ଗସ୍ତ କରି ଦୀର୍ଘ ଦିନର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ସୂଚନାଯୋଗ୍ୟ ଯେ ଈଶାଣପୁର ଗ୍ରାମକୁ ସଂଯୋଗ କରୁଥିବା ୭ନଂ ଗେଟ୍ ରାସ୍ତାଟିକୁ ରେଳବାଇ ପକ୍ଷରୁ ବନ୍ଦ କରି ଦିଆଯାଇଛି । ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇ ନଥିବା କାରଣରୁ ଏଠାକାର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।

ଗ୍ରାମବାସୀଙ୍କ ନିଜସ୍ୱ ଅର୍ଥରେ ୩୦୦ ମିଟର ଦୂରରେ ଥିବା ଛତର ରେଳ ଫାଟକ ପର୍ଯ୍ୟନ୍ତ ରେଳ ଲାଇନ ପାର୍ଶ୍ୱରେ ମାଟି ରାସ୍ତା ତିଆରି କରି ଚଳପ୍ରଚଳ କରୁଥିଲେ । ମାତ୍ର ଏହାକୁ ବେଆଇନ ଦର୍ଶାଇ ରେଳ ଅଧିକାରୀମାନେ ବିରୋଧ କରି ଆସୁଛନ୍ତି ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଚମକ ମଧ୍ୟ ଦେଉଛନ୍ତି । ଫଳରେ ଗ୍ରାମ ଭିତରକୁ କୌଣସି ଗାଡ଼ି ମଟର ଚଳାଚଳ ବ୍ୟାହତ ହୋଇଛି । ଏମିତି କି ଜରୁରୀକାଳୀନ ସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଯାଇ ପାରୁନାହିଁ । ଏ ସମ୍ପର୍କରେ ବହୁବାର ରେଳବାଇ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଶେଷରେ ରେଳରୋକ କରାଯିବା ନେଇ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା । ଫଳରେ ମୟୂରଭଞ୍ଜର ପୂର୍ବତନ ଲୋକସଭା ସାଂସଦ ତଥା ତତ୍କାଳୀନ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ବାଲେଶ୍ୱର ଲୋକସଭା ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ରେଳ ବିଭାଗ ଡିଆରଏମ୍ ସମ୍ପୃକ୍ତ ଗ୍ରାମ ପରିଦର୍ଶନ କରି ତୁରନ୍ତ ଏଠାରେ ଏକ ଅଣ୍ଡର୍ ପାସ୍ ରାସ୍ତା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଗସ୍ତ ସମୟରେ ରେଳ ଅଧିକାରୀଙ୍କ ସହ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୁଗପୁରା ଷ୍ଟେସନ ସୁରକ୍ଷା କମିଟିର ଅଶ୍ୱିନୀ କୁମାର ମହାରଣା, ଗିରିଶ ଚନ୍ଦ୍ର ରାଉତ, ରତିକାନ୍ତ ମହାନ୍ତଙ୍କ ସମେତ ବହୁସଂଖ୍ୟକ ମହିଳା ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହା ଭିତରେ ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପାଇଁ ଅର୍ଥ ମଞ୍ଜୁରୀ ମିଳିନାହିଁ କିମ୍ବା କାର୍ଯ୍ୟ ଆରମ୍ଭ ହୋଇନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ସମସ୍ୟାର ସାମନା କରୁଛନ୍ତି ଅଞ୍ଚଳବାସୀ । ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜର ତିନୋଟି ରେଳ ପ୍ରକଳ୍ପକୁ ବାଙ୍ଗିରିପୋଷି ଠାରେ ଶୁଭ ଦେବା ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସିଥିବା ସମୟରେ ଜୁଗୁପୁରା ଷ୍ଟେସନ ସୁରକ୍ଷା କମିଟି ତରଫରୁ ଶ୍ରୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ୭ନଂ ଗେଟ ନିକଟରେ ଖୁବ୍‌ଶୀଘ୍ର ଅଣ୍ଡର ପାସ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା । ମାତ୍ର ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ କ୍ଷୋଭର ବିଷୟ ପାଲଟିଛି ।



## ଟ୍ରେନ ଧକ୍କାରେ ଯୁବକ ମୃତ

**ଗୁଣପୁର: ଏକ୍ସପ୍ରେସ ନ୍ୟୁଜ୍**

ଗୁଣପୁର ରେଳ ଷ୍ଟେଶନରେ ଦୁର୍ଘଟଣା । ଟ୍ରେନ ଧକ୍କାରେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ତେବେ ଯୁବକଙ୍କ ଅସାବଧାନତା ପାଇଁ ଦୁର୍ଘଟଣା ହୋଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି । ପ୍ରଥମେ ଟ୍ରେନ ଧକ୍କାରେ ଯୁବକଙ୍କ ଜୀବନ ଚାଲିଯାଇଥିବା ବେଳେ ମୃତଦେହ ଉପରେ ପୁଣି ଏକ ଇଞ୍ଜିନ ମାଡ଼ି ଯାଇଥିବା ନେଇ ଅଭିଯୋଗ ହୋଇଛି ।

ସୂଚନା ଅନୁସାରେ, ଯୁବକଜଣକ ରେଳଲାଇନ ମଝିରୁ ଅନ୍ୟ ପ୍ଲଟଫର୍ମକୁ ଆସିବା ସମୟରେ ଟ୍ରେନ ଧକ୍କା ଦେଇଥିଲା । ଦ୍ୱିପହର ୨ଟା ସମୟରେ ଏହି ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି । ଫଳରେ ଘଟଣାସ୍ଥଳରେ ହିଁ ଯୁବକଜଣକ ପ୍ରାଣ ହରାଇଥିଲେ । ତେବେ ଏହାପରେ ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ । ହେଲେ ଗୁଣପୁର ରେଲୱେ ପୋଲିସ ଏଠାରେ ଉପସ୍ଥିତ ନଥିବାରୁ ସର୍ବେଁ ପାରଳାଖେମୁଣ୍ଡି ରେଲୱେ ପୋଲିସ ଅପେକ୍ଷାରେ ରହିବା ଦେଖିବାକୁ ମିଳିଛି । ତେବେ ଏହାରି ଭିତରେ ଟ୍ରେନର ଇଞ୍ଜିନ ବଦଳାଇବା ପାଇଁ ମୃତ ବ୍ୟକ୍ତିଙ୍କ ଉପର ଦେଇ ଇଞ୍ଜିନ ଚାଲିଯାଇଥିଲା । ତେବେ କିପରି ଚାଳକ ଏପରି କଲେ ସେନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି । ଖବର ଲୋଖାଯିବା ସୁଦ୍ଧା ମୃତଦେହ ରେଳ ଲାଇନରେ ପଡିରହିଥିବା ଜଣାପଡ଼ିଛି ।

## ଘରେ କଳାକଳା ବୁଲାଇଲେ ଦୁର୍ବୃତ୍ତ

**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ଏକ ପରିବାର ଚିକିତ୍ସା ନିମନ୍ତେ ଡାକ୍ତରଖାନା ଯାଇଥିବା ସୁଯୋଗରେ କେହି ଦୁର୍ବୃତ୍ତ ଘରେ କଳାକନା ବୁଲାଇବା ଘଟଣା ଅଞ୍ଚଳରେ ଆଲୋଡନ ଖେଳିଯାଇଛି ।

ନୀଳଗିରି ଥାନା ତଥା ଔପଦା ବ୍ଲକ ନରସିଂହପୁର ପଞ୍ଚାୟତ ଅଧୀନ ପ୍ରତାପଡା ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଉକ୍ତ ଗାଁର ପର୍ଶୁରାମ ମହାପାତ୍ର (୬୫) ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ଯାଇଥିବା ବେଳେ ପଡୋଶୀ ତଥା ବାଲ୍ୟବନ୍ଧୁ ଦେବେନ୍ଦ୍ର ବେହେରାଙ୍କୁ ଘର ଚାବିକାଠି ଦେଇଥିଲେ । ଦେବେନ୍ଦ୍ର ରାତ୍ରଭୋଜନ ସାରି ବନ୍ଧୁଙ୍କ ଘରକୁ ଶୋଇବାକୁ ଯାଉଥିବା ବେଳେ ସାମ୍ନା ଓ ପଛପାଖ ଦ୍ୱାରରେ ତାଲା କଟାଯାଇଥିବା ଦେଖିଥିଲେ । ଘର ଭିତରେ ଆଲମିରା ତାଲା ଭାଙ୍ଗି ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାରୂପା ଗହଣା, ନଗଦ ୫୧ ହଜାର ୫ଶହ ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡିଛି । ଏ ସମ୍ପର୍କରେ ନୀଳଗିରି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଖୋଳତାଡ ଆରମ୍ଭ କରିଛି ।

## ବନାଗ୍ନି ନିରାକରଣ ସଚେତନ

**ଘଟଗାଁ: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଘଟଗାଁ ବନବିଭାଗ ପକ୍ଷରୁ ବନାଞ୍ଚଳସ୍ତରୀୟ ବନସୁରକ୍ଷା ସମିତି ସମନ୍ୱୟ ବୈଠକ ଏବଂ ବନାଗ୍ନି ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଘଟଗାଁ ରେଞ୍ଜର ସରୋଜ କୁମାର ମିଶ୍ରଙ୍କ ତତ୍ୱାବଧନରେ ଅନୁଷ୍ଠିତ ବୈଠକରେ ଏସିଏଫ ଉଦୀପ୍ତ କୁମାର ପଣ୍ଡା, କେନ୍ଦୁଝର ଏମପିଙ୍କ ପ୍ରତିନିଧି ରୁଦ୍ରପ୍ରସାଦ ବେହେରା, ଜିଲ୍ଲାପରିଷଦ ସୁରେନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନାଗ୍ନି ନିରାକରଣ ଉପରେ ଆଲୋଚନା କରିଥିଲେ । ଅନୁଷ୍ଠିତ ବୈଠକରେ ବନସୁରକ୍ଷା ସମିତି ସଦସ୍ୟ ଏବଂ ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ରେଞ୍ଜର, ରାଜସ୍ୱ ନିରୀକ୍ଷକଙ୍କୁ ଘେରାଉ

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡ଼ା ସଦର ବ୍ଲକ ଶ୍ରିପୁରା ପଞ୍ଚାୟତରେ ଥିବା ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମି ବ୍ୟବହାର କରୁଥିବା ନେଇ ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଅନ୍ୟପକ୍ଷରେ ଝାରସୁଗୁଡ଼ା ରେଞ୍ଜର ଏବଂ ବଡ଼ମାଳ ରାଜସ୍ୱ ନିରୀକ୍ଷକ ଜଙ୍ଗଲ ଜମିର ତଦନ୍ତ କରୁଥିଲେ । ସ୍ଥାନୀୟ ପ୍ରତିନିଧି ନଥିବାରୁ ଗ୍ରାମବାସୀ ଉଭୟ ଅଧିକାରୀଙ୍କୁ ଘେରିଥିଲେ । କ'ଣ ପାଇଁ ଏକପାଖୁ ତଦନ୍ତ କରାଯାଉଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ ।

ଗ୍ରାମବାସୀଙ୍କ ସୂଚନା ଅନୁସାରେ ସୋମବାର ଗ୍ରାମବାସୀ ଜିଲ୍ଲାପାଳ କାର୍ଯ୍ୟାଳୟରେ ଏପସିଲନ କମ୍ପାନୀ ବିରୋଧରେ ତଦନ୍ତ ପ୍ରକ୍ରିୟାରେ ଡେରି କରୁଥିବା ନେଇ ଡିଏଫଓ ଓ ତହସିଲଦାରଙ୍କବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗ୍ରାମସଭା କରି ଜଙ୍ଗଲ ଜମିରେ ଚାରାରୋପଣ ଓ ଜନ ମଙ୍ଗଳ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ବିକ୍ଷୋଭ ଚାଲିଥିବା ବେଳେ ଝାରସୁଗୁଡ଼ା ରେଞ୍ଜର ବିଜୟ ପ୍ରଧାନ ଏବଂ ବଡ଼ମାଳ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପ୍ରଧାନ ଘଟଣାର ତଦନ୍ତ କରିବାକୁ ଯାଇଥିଲେ । କୌଣସି ସୂତ୍ରରୁ ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳକୁ ପହଞ୍ଚି ଗ୍ରାମବାସୀ ତଥା କୌଣସି ସ୍ଥାନୀୟ ପ୍ରତିନିଧିନଥାଇ କାହିଁକି ତଦନ୍ତ କରୁଛ ବୋଲି ପ୍ରଶ୍ନ କରିଥିଲେ । ରେଞ୍ଜର ବିଜୟ ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପ୍ରଧାନ ଉପସ୍ଥିତ ଗ୍ରାମବାସୀଙ୍କୁ ଯାହା ବି ତଦନ୍ତ କରାଯିବ ସତ୍ୟ ଘଟଣା ଉପରେ କରାଯିବ ଏବଂ ଗ୍ରାମବାସୀ ଓ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତିରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏନେଇ ରେଞ୍ଜର ବିଜୟ ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପ୍ରଧାନଙ୍କୁ ପଚାରିବାରୁ ଜଙ୍ଗଲ ଜମିରେ କମ୍ପାନୀ ବାଲି ଗୋଡ଼ି ତଥା କମ୍ପାନୀର କିଛି ବର୍ଜ୍ୟବସ୍ତୁ ପକାଇ ରଖିଥିବା କହିଥିଲେ । କମ୍ପାନୀ ଅସ୍ଥାୟୀ ରାସ୍ତା ନିର୍ମାଣ କରି ପାର୍କିଂ ଏରିଆ ଭାବରେ ଜଙ୍ଗଲ ଜମି ବ୍ୟବହାର କରୁଛି । ଏହା ବେଆଇନ ବୋଲି କହିବା ସହିତ ଯୁଗ୍ମ ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବୁ ବୋଲି କହିଥିଲେ ।


## ବାଣିଜ୍ୟ

# ଡଲାର ତୁଳନାରେ ଟଙ୍କା ୬୧ ପଇସା ହ୍ରାସ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବୁଧବାର ଦିନସାରା କାରବାରରେ ଆମେରିକୀୟ ମୁଦ୍ରା ତୁଳନାରେ ଟଙ୍କା ୬୧ ପଇସା ହ୍ରାସ ପାଇ ସର୍ବକାଳୀନ ସର୍ବନିମ୍ନ ୯୧.୫୮ରେ ପହଞ୍ଚିଛି । ଏହା ସତର୍କ ବିଶ୍ୱ ମନୋଭାବ ମଧ୍ୟରେ ବିଦେଶୀ ପାଣ୍ଠିର ନିରନ୍ତର ପ୍ରବାହ ଯୋଗୁଁ ଭାରାକ୍ରାନ୍ତ ହୋଇଛି ।

ଫରେକ୍ସ ବ୍ୟବସାୟୀମାନେ କହିଛନ୍ତି ଯେ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗ ଏବଂ ସମ୍ଭାବ୍ୟ ଶୁଳ୍କ ଉପରେ ୟୁରୋପ ସହିତ ବୃଦ୍ଧି ପାଉଥିବା ଉତ୍ତେଜନା ନିବେଶକମାନଙ୍କୁ ସତର୍କ ମନୋଭାବ ଗ୍ରହଣ କରିବାକୁ ବାଧ୍ୟ କରିଛି ।



ଏହା ବ୍ୟତୀତ, ଘରୋଇ ବଜାରରେ ଏକ ନକାରାତ୍ମକ ଧାରା ନିବେଶକଙ୍କ ଭାବନାକୁ ଆହୁରି ଖରାପ କରିଛି । ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରାରେ, ଟଙ୍କା ୯୧.୦୫ରେ ଖୋଲିଲା ଏବଂ ଗ୍ରୀନବ୍ୟାକ୍ ତୁଳନାରେ ୯୧.୫୮ର ସର୍ବକାଳୀନ ସର୍ବନିମ୍ନ ୯୧.୫୮ରେ ବ୍ୟବସାୟ କରିବା ପାଇଁ ଭୂମି ହରାଇଲା, ଯାହା ଏହାର ପୂର୍ବ ବନ୍ଦ ତୁଳନାରେ ୬୧ ପଇସା ହ୍ରାସ ପାଇଛି ।

ମଙ୍ଗଳବାର, ଟଙ୍କା ୭ ପଇସା ହ୍ରାସ ପାଇ ଆମେରିକୀୟ ଡଲାର ତୁଳନାରେ ୯୦.୯୭ର ରେକର୍ଡ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଛି ।

ଡିସେମ୍ବର ୧୬, ୨୦୨୫ରେ, ଟଙ୍କା ଏହାର ପୂର୍ବ ସର୍ବନିମ୍ନ ଇନଟ୍ରା-ଡେ ସ୍ତର ୯୧.୧୪ ଏବଂ ଆମେରିକୀୟ ମୁଦ୍ରା ତୁଳନାରେ ଏହାର ସର୍ବନିମ୍ନ ବନ୍ଦ ସ୍ତର ୯୦.୯୩ରେ ପହଞ୍ଚିଥିଲା ।

'ଡୋନାଲ୍ଡ ଟ୍ରମ୍ପଙ୍କ ଗ୍ରୀନଲ୍ୟାଣ୍ଡ ଧମକ ଗତ କିଛି ଦଶନ୍ଧି ଧରି ପ୍ରମୁଖ ଅର୍ଥନୀତି/ସହଯୋଗୀମାନଙ୍କ ମଧ୍ୟରେ ଆର୍ଥିକ ଏବଂ ପ୍ରତିରକ୍ଷା ସହଯୋଗକୁ ଭିତ୍ତି କରି ଆସିଥିବା କିଛି ପ୍ରତିଷ୍ଠିତ ବିଶ୍ୱ କ୍ରମକୁ ଦୋହଲାଇ ଦେଉଛି ।

'ଭୌଗୋଳିକ ରାଜନୀତି କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ବିନ୍ଦୁ ଅପେକ୍ଷା ସମ୍ପତ୍ତି ମୂଲ୍ୟ ଗତି ଉପରେ ଅଧିକ ପ୍ରଭାବ ପକାଇଥାଏ,' ଆଇଏଫ୍ଏ ଗ୍ଲୋବାଲ୍ ଏକ ଗବେଷଣା ନୋଟରେ କହିଛି ।


ଏହି ସମୟରେ, ଡଲାର ସୂଚକାଙ୍କ, ଯାହା ଛଅଟି ମୁଦ୍ରାର ଏକ ଟୋକେଇ ବିରୁଦ୍ଧରେ ଗ୍ରୀନବ୍ୟାକର ଶକ୍ତି ମାପିଥାଏ, ୦.୦୮ ପ୍ରତିଶତ ହ୍ରାସ ପାଇ ୯୮.୫୬ ରେ କାରବାର କରୁଥିଲା ।

ବ୍ରେଣ୍ଟ କ୍ରୁଡ୍, ବିଶ୍ୱ ତୈଳ ବେଞ୍ଚମାର୍କ, ଫ୍ୟୁଚର୍ସ ବାଣିଜ୍ୟରେ ପ୍ରତି ବ୍ୟାରେଲ ପ୍ରତି ଆମେରିକୀୟ ଡଲାର ୬୪.୨୦ରେ ୧.୧୧ ପ୍ରତିଶତ ହ୍ରାସ ପାଇ ୧.୧୧ ପ୍ରତିଶତ ହ୍ରାସ ପାଇ ୮୧,୯୧୩.୮୯ ରେ କାରବାର କରୁଥିଲା, ଯେତେବେଳେ ନିଫ୍ଟି ୮୩.୧୦ ପଏଣ୍ଟ ହ୍ରାସ ପାଇ ୨୫,୧୪୯.୪୦ରେ କାରବାର କରୁଥିଲା ।

ବିନିମୟ ତଥ୍ୟ ଅନୁଯାୟୀ, ମଙ୍ଗଳବାର ବିଦେଶୀ ସଂସ୍ଥାଗତ ନିବେଶକମାନେ ୨,୯୩୮.୩୩ କୋଟି ଟଙ୍କାର ଇକ୍ୱିଟି ଅଫଲୋଡ୍ କରିଥିଲେ ।

ବିନିମୟ ତଥ୍ୟ ବ୍ୟତୀତ ଶିରୋନାମ, ଏହି କାହାଣୀଟି ଦି ଟେଲିଗ୍ରାଫ ଅନଲାଇନ୍ କର୍ମଚାରୀଙ୍କ ଦ୍ୱାରା ସମ୍ପାଦିତ ହୋଇନାହିଁ ଏବଂ ଏକ ସିଣ୍ଡିକେଟେଡ୍ ଫିଡ୍‌ରୁ ପ୍ରକାଶିତ ହୋଇଛି ।

## ଚୋରାପଥର ଚାଲାଣ, ୩ ଡମ୍ଫର ଜବତ




**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ନୀଳଗିରିରେ ଦିନକୁ ଦିନ ପଥର, ମୋରମ, ବାଲି ଓ ମାଟି ସହିତ ବିଭିନ୍ନ ଲଘୁଖଣିଜ ସମ୍ପଦ ଚୋରଚାଲାଣ ହେଉଥିବା ବେଳେ ଖଣିବିଭାଗ ଓ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠୁଥିଲା । ଖବର ପ୍ରସାରଣ ପରେ ଖଣିବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି ନୀଳଗିରି ଥାନା ଅଧୀନରେ ଥିବା ଈଶ୍ୱରପୁର ଫାଣ୍ଡି ଅଞ୍ଚଳରୁ ବାଲେଶ୍ୱର ଜିଲ୍ଲା ଖଣିବିଭାଗ ଚୋରଚାଲାଣ ବୋଝେଇ ୨ଟି ଡମ୍ଫର ଜବତ କରି ନୀଳଗିରି ଥାନାରେ ଜିମା ଦେଇଛନ୍ତି ଖଣିବିଭାଗ । ସେହିପରି ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ବିଶ୍ୱାଳ ଓ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ ମିଳିତ ଭାବେ ବିଦୁ ନିକଟରୁ ବିନା ପରମିଟରେ ଯାଉଥିବା ଏକ ଡମ୍ଫରକୁ ଜବତ କରି ନୀଳଗିରି ଥାନାରେ ରଖାଯାଇଛି । ପଥର, ମୋରମ, ବାଲି ଓ ମାଟି ଚୋରାଚାଲାଣ ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଛି ତେଣୁ ଏହାକୁ ରୋକିବା ପାଇଁ ଖଣିବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ଏପରି ଆକ୍ସନ ମୋଡ ଦେଖିବାକୁ ମିଳିଛି । ଏପରି ଦୁଇ ବିଭାଗର ଚଢାଉ ଯୋଗୁ ଚୋରାଚାଲାଣ କରୁଥିବା ମାଫିଆ ଓ ଗାଡ଼ିମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି ।

## ଗୋରୁ ବୋଝେଇ ଗାଡି ଅଟକ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ଠାରେ ବେଆଇନ ଭାବେ ଆନ୍ଧ୍ରକୁ ଚାଲାଣ କରାଯାଉଥିବା ଦୁଇଟି ଗୋରୁ ବୋଝେଇ କଣ୍ଟେନର ଜବତ କରିଛି ପୋଲିସ । ସୋମବାର ରାତ୍ରରେ ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ପଦ୍ମନ ପୂଜାରୀ ପାଟ୍ରୋଲିଂ କରୁଥିବାବେଳେ ସନ୍ଦେହ ହେବାରୁ ଜୟପୁର ଆଡୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଦୁଇଟି ଆବଦ୍ଧ ଗାଡିକୁ ଅଟକ ରଖି ତନଖି କରିଥିଲେ । ଦୁଇଟି ଟ୍ରକ୍‌ରେ ଗୋରୁ ବୋଝେଇ ହୋଇଥିବା ଦେଖି ଗାଡି ଦୁଇଟିକୁ ଅଟକ ରଖିଥିଲେ । ସନ୍ତୋଷ ଜନକ କାଗଜ ପତ୍ର ଦେଖାଇ ନପାରିବା, ସନ୍ତୋଷ ଜନକ ଉତ୍ତର ଦେଇ ନପାରିବାରୁ କେସ୍ ନମ୍ବର ୧୫/୨୦୨୬ରେ ମାମଲା ରୁଜୁ କରିଛି ମାଥିଲି ପୋଲିସ । ଏହାର ତଦନ୍ତକାରୀ ଅଧିକାରୀ ଭାବେ ସବିତା ମାଝୀଙ୍କୁ ଦାୟିତ୍ୱ ଦିଆଯାଇଛି । ସମସ୍ତ ୮୫ଟି ଗୋରୁ ଓ ଗାଡି ସମେତ ଏହି କାର୍ଯ୍ୟରେ ଜଡିତ ପାଞ୍ଚଜଣ ଲୋକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଉକ୍ତ ଗୋରୁଗୁଡିକୁ ମାଜି ଷ୍ଟେଟଙ୍କ ଉପସ୍ଥିତିରେ ଗଣନା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

## ରିଲିଜ୍ ପୂର୍ବରୁ ରେକର୍ଡ ଭାଙ୍ଗିଲା 'ବର୍ଡର ୨'

**ସିନେମାଫିନେମା ଟିଭିଫିବି**

ଜାନୁଆରୀ ୨୩ରେ ସିନେମା ହଲ୍‌ରେ ରିଲିଜ୍ ହେବାକୁ ଯାଉଛି 'ବର୍ଡର ୨' । ଫିଲ୍ମଟି ଏବେ ବକ୍ସ ଅଫିସରେ ବ୍ଲକବଷ୍ଟର ଓପନିଂ କରିବାକୁ ପ୍ରସ୍ତୁତ । ଏସବୁ ମଧ୍ୟରେ, ସୋମବାରଠାରୁ ଫିଲ୍ମର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି ଏବଂ ଏହା ୪୮ ଘଣ୍ଟା ମଧ୍ୟରେ ରେକର୍ଡ ପ୍ରି-ସେଲ୍ ହାସଲ କରିସାରିଛି । ଏଥି ସହିତ, ଏହା ସନ୍ନିଙ୍କ ପୂର୍ବ ବଡ଼ ହିଟ୍ ଫିଲ୍ମ 'ଜାଟ୍'ର ମୋଟ ଆଡଭାନ୍ସ ବୁକିଂକୁ ପଛରେ ପକାଇଛି । କେବଳ ସେତିକି ନୁହେଁ, ଏହା ନିକଟରେ ରିଲିଜ୍ କରିଥିବା ହିଟ୍ 'ଧୁରନ୍ଧର' ଏବଂ ସର୍ବଭାରତୀୟ ଆକ୍ସନ ଫିଲ୍ମ 'ୱାର ୨'କୁ ମଧ୍ୟ ପଛରେ ପକାଇଛି ।

ଭାରତରେ ସୋମବାର ସକାଳେ ସନ୍ନି ଦେଓଲ ଷ୍ଟାରର 'ବର୍ଡର ୨'ର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି । ଏହି ଫିଲ୍ମଟିର କ୍ରେଜ୍ ଏତେ ରହିଛି ଯେ ପ୍ରଥମ ଦିନରେ ଏହାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି, ଯାହା ଫଳରେ ପ୍ରି-ଟିକେଟ ସେଲ୍ ଚମତ୍କାର ହୋଇଛି । ସାକନିଲ୍କର ତଥ୍ୟ ଅନୁଯାୟୀ, 'ବର୍ଡର ୨' ଏହାର ହିନ୍ଦୀ ୨ଡି ଫର୍ମାଟରେ ୧୦୨,୭୫୦ଟି ଟିକେଟ ବିକ୍ରି ହୋଇସାରିଛି । ଏଥିସହିତ, ଏହା ବ୍ଲକ ସିଟ୍ ବିନା ପ୍ରି-ଟିକେଟ ସେଲ୍‌ରେ ୩.୨୯ କୋଟି ସଂଗ୍ରହ କରିଛି ଏବଂ ବ୍ଲକ୍ ସିଟ୍ ସହିତ ଆଗୁଆ ବୁକିଂରୁ ୬.୫୩ କୋଟି ରୋଜଗାର କରିସାରିଛି ।

ତେବେ ରିଲିଜ୍‌ର ଦୁଇ ଦିନ ପୂର୍ବରୁ, 'ବର୍ଡର-୨'ର ପ୍ରଥମ ଦିନର ଆଡଭାନ୍ସ ବୁକିଂ ସନ୍ନି ଦେଓଲଙ୍କ ଫିଲ୍ମ 'ଜାଟ୍'ର ସଂଖ୍ୟାକୁ ଅତିକ୍ରମ କରିସାରିଛି । 'ଜାଟ୍' ଆଗୁଆ ବୁକିଂରେ ୨.୪ କୋଟି ରୋଜଗାର କରିଥିଲା ଏବଂ ଏହାର ପ୍ରଥମ ଦିନର କଲେକ୍ସନ ୯ କୋଟି ଥିଲା । ତଥାପି, ଏହା ସନି ଦେଓଲଙ୍କ ଗଦର-୨ ଠାରୁ ପଛରେ ଅଛି, ଯାହା ଆଡଭାନ୍ସ ବୁକିଂରେ ୧୭.୬୦ କୋଟି ଟଙ୍କା ରୋଜଗାର କରିଥିଲା ।




# ପାଇପରେ ଆସୁଛି ଦୂଷିତ ପାଣି

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ତୁକୁଲା ଗ୍ରାମ ପଞ୍ଚାୟତରେ ବିଶୁଦ୍ଧ ପାଣି ଟୋପେ ପାଇଁ କରିବାକୁ ପଡୁଛି ସଂଘର୍ଷ । ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି । ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ତାହା ତୁକୁଲା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ପାଇଁ ଫେଲ ମାରିଥିବା ଦେଖିବାକୁ ମିଳିଛି । ନଦୀର ଜଳ ଯୋଗାଣ ସ୍ଥାନ ପରିତ୍ୟକ୍ତ ଅବସ୍ଥା ଥିବା ବେଳେ ଅପରିଷ୍କାର ପରିବେଶରୁ ପାଣି ଯୋଗାଣ ହୋଇ ଲୋକେ ନାନାଦି ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି । ଖଡିଆଳ ବ୍ଲକ ତୁକଲା ଗ୍ରାମ ପଞ୍ଚାୟତର ତୁକଲା, ମାଲପଡା, ଡୁଙ୍ଗରିପାଲି, ଖଇରଭାଡି ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିକଟସ୍ଥ ସୁନ୍ଦର ନଦୀରୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି । ହେଲେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପରିବର୍ତ୍ତେ ଏହି ସବୁ ଗାଁକୁ ଅପରିଷ୍କାର ପାଣି ଯୋଗାଉଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ସମୂହ ଗ୍ରାମବାସୀ । ତୁକୁଲା ନଦୀ ତୁଠରେ ତିଆରି ହୋଇଥିବା ପାଣିପମ୍ପ କୂଅ, ଯେଉଁଠୁ ପାଣି ଗାଁକୁ ଯାଉଛି ସେହି ସ୍ଥାନର ପାଇପର ଗ୍ୟାଲେରୀ ଗତ ବନ୍ୟାରେ ଭାଙ୍ଗି ଯାଇଥିଲା । ଫଳରେ ମଣିଷ ଶୌଚଠୁ ନେଇ ପଶୁପକ୍ଷୀଙ୍କ ମଳମୂତ୍ର ଭଳି ଅଳିଆ ଆବର୍ଜନା ପାଣି ଗାଁକୁ ଯାଉଛି । ସେହିପରି ପାଖରେ ଥିବା ଟ୍ୟାଙ୍କ ଖୋଲାମେଳା ଥିବାରୁ ଅସାମାଜିକ ବ୍ୟକ୍ତି ଅନେକ ପ୍ରକାର ନିଶା ସେବନ କରି ସେହି ବୋତଲକୁ କୂଅରେ ଫିଙ୍ଗୁଥିବା ଭଳି ଅଭିଯୋଗ ହେଉଛି । ଆଗାମୀ ଦିନରେ କୌଣସି ଅସାଧୁ ବ୍ୟକ୍ତି ଯେ କୌଣସି ବଡ ଅଘଟଣ ନ ଘଟାଇବେ ତାହା କିଏ କହିବ ବୋଲି ଗ୍ରାମବାସୀ କହିଛନ୍ତି । ତୁକୁଲା ଗ୍ରାମ ପଞ୍ଚାୟତ ବାସୀଙ୍କ ଜଳ ଯୋଗାଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଓଭର ହେଡ ଟ୍ୟାଙ୍କ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଏଠାରେ ଥିବା ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । କୂଅଟି ମୁକୁଳା ରହିଥିବା କାରଣରୁ ବ୍ରଜ୍ୟବସ୍ତୁ ଜମି ରହି ଦୁର୍ଗନ୍ଧ ସହ ପୋକ, ମଶା, ମାଛି ଆଦି ବଂଶ ବିସ୍ତାର କରୁଛନ୍ତି । ସେହି ପାଣି ପାଇପରେ ଗାଁକୁ ଯୋଗାଣ ହୋଇ ଲୋକେ ସେବନ କରୁଥିବା ହେତୁ ଝାଡାବାନ୍ତି ହେବା ସହ ଡାଇରିଆରେ ଲୋକେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ଗ୍ରାମର ଲୋକେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ କରିଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରୁନାହିଁ । ଫଳରେ ଅନ୍ୟ କୌଣସି ଉପାୟ ନପାଇ ଗ୍ରାମବାସୀ ସେହି ପାଣିକୁ ବ୍ୟବହାର କରୁଥିବା କହିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଆମେ ଖଡିଆଳ ବିଡିଓ ମିଳନ ଝାଙ୍କରଙ୍କୁ ପଚାରିବାରୁ ତୁରନ୍ତ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ୮ଦିନ ବିତିଲା, ଗଁଦିଆ ବ୍ଲକର ୮ ମଣ୍ଡି ଖୋଲିଲାନି

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାରେ ଗତ ୧୨ ତାରିଖରୁ ଧାନ କିଣା ଆରମ୍ଭ ହେଲାଣି। ଆଠ ଦିନ ବିତିଗଲେ ବି ଗଁଦିଆ ବ୍ଲକର ୮ ଟି ମଣ୍ଡି ଏବେ ବି ଖୋଲିପାରିଲା ନାହିଁ । ଯୋଗାଣ ମନ୍ତ୍ରିଙ୍କ ଅଞ୍ଚଳରେ ଉଦ୍‌ଘାଟନ ହେବାର ୮ ଦିନ ପରେ ବି ୮ଟି ସ୍ଥାନରେ ମଣ୍ଡି ଖୋଲାଯାଇନଥିବାରୁ ଚାଷୀ ଖୋଜୁଛି ମଣ୍ଡିକୁ । ବାଧ୍ୟ ହୋଇ ଖୋଲା ବଜାରରେ ଚାଷୀ ୧୮ ଶହ ଟଙ୍କାରେ ଧାନ ବିକୁଛି । ଚଳିତଥର ପ୍ରାଥମିକ ଭାବେ ୧୦ ଲକ୍ଷ ୩୫ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ରହିଛି । ଜିଲ୍ଲାର ମୋଟ୍ ୧୧୪ମଣ୍ଡିରୁ ମାତ୍ର ୫୦ଟି ମଣ୍ଡି ଖୋଲିଥିବା ବେଳେ ୧୭ ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି । ଖୁବ୍ ଶୀଘ୍ର ସମସ୍ତ ମଣ୍ଡି ଖୋଲିବ ବୋଲି ଯୋଗାଣ ବିଭାଗ ଅଧିକାରୀ ସଫେଇ ଦେଉଛନ୍ତି । ମାତ୍ର ସବୁ ମିଲରଙ୍କ ସହ ଚୁକ୍ତିନାମା ହୋଇପାରିନଥିବା କାରଣରୁ ଧାନ ମଣ୍ଡି ଖୋଲୁନଥିବା ଜଣାଯାଇଛି । ୧୭ ମିଲରୁ ମାତ୍ର ୮ରୁ ୯ ଜଣଙ୍କ ସହ ଚୁକ୍ତିନାମା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ବିଳମ୍ବ କାରଣରୁ ଟୋକନ୍ ଅବଧି ସରୁଥିବାରୁ ଚାଷୀ ହତାଶ ହୋଇପଡ଼ିଲେଣି । ୧୨ ତାରିଖ ଗଁଦିଆ ବ୍ଲକ୍‌ର କାଶୀପୁର ଠାରେ ଖୋଦ ଯୋଗାଣ ମନ୍ତ୍ରୀ ମଣ୍ଡି ଉଦଘାଟନ କରିଥିଲେ। ଜିଲ୍ଲାରେ ସର୍ବାଧିକ ମଣ୍ଡି ଗଁଦିଆ ବ୍ଲକରେ ରହିଛି । ୨୩ଟି ମଣ୍ଡିରୁ ମାତ୍ର ୧୫ଟି ଖୋଲିଛି । ଚଳିତ ବର୍ଷ ୧୨ ତାରିଖରେ ଆରମ୍ଭ ହୋଇଛି । ବିଳମ୍ବ ସତ୍ତ୍ୱେ ଯୋଗାଣ ବିଭାଗ ପ୍ରସ୍ତୁତ ନହୋଇ ନାମକୁ ମାତ୍ର ଧାନମଣ୍ଡିର ଶୁଭାରମ୍ଭ କରିଦେଇଥିଲା। ଗତ ୧୨ ତାରିଖରେ ମଣ୍ଡି ଖୋଲିଥିଲେ ସୁଧା ମିଲରଙ୍କ ସହ ଚୁକ୍ତିନାମା ହୋଇପାରିନଥିଲା । ଗଁଦିଆ ବ୍ଲକ୍ କାଶିପୁର ସେବା ସମବାୟ ସମିତରେ ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ମଣ୍ଡି ଶୁଭାରମ୍ଭ କରାଯାଇଥିଲେ ହେଁ, ଧାନ କିଣାଯାଇପାରିନଥିଲା । ମିଲରଙ୍କ ଡିମାଣ୍ଡ ଆସିବାରେ ସମସ୍ୟା ହୋଇଥିବା କୁହାଯାଇଥିଲା । ଦୁଇ ଦିନ ତଳେ ମାତ୍ର ୭ ମିଲରଙ୍କ ସହ ଚୁକ୍ତିନାମା ହୋଇଛି। ଯେଉଁଥି ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଚାଲିଛି । ଗଁଦିଆ ବ୍ଲକରେ ଅଦ୍ୟାବଧି ସଛପୁର, କରମୂଳ, ଗଁଦିଆ, ବିଧାରପୁର, ନେଉଳପୋଇ, ବେଗା, ବରଦା, ଲାଉଲଇ ରେ ଧାନ ମଣ୍ଡି ଖୋଲି ନାହିଁ । ଏ ନେଇ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଥିଲେ ଆଜି ସୁଧା ୧୪ ମିଲରଙ୍କ ସହ ଚୁକ୍ତିନାମା ହୋଇଗଲାଣି । ବାକି ୨ ମିଲରଙ୍କ ସହ ଖୁବ୍ ଶୀଘ୍ର ଚୁକ୍ତିନାମା ହୋଇଯିବ। ଜଣେ ମିଲର ୭୦ ପ୍ରତିଶତ କଷ୍ଟମ୍ ଚାଉଳ ଫେରାଇ ପାରିନଥିବାରୁ ତାଙ୍କ ସହ ଚୁକ୍ତିନାମା ବିଳମ୍ବ ହୋଇଥିବା ଯୋଗାଣ ଅଧିକାରୀ ଶ୍ରୀ ଟୁଡୁ କହିଛନ୍ତି । ରାଉସ୍ ମିଲ୍‌ଗୁଡ଼ିକୁ ପ୍ରତିବର୍ଷ ବଏର୍ଲ ସାର୍ଟିଫିକେଟ୍ ଆଣିବାକୁ ପଡ଼ିଥାଏ। ତାହା ମିଳିବାରେ ବିଳମ୍ବ କାରଣରୁ ଚୁକ୍ତିନାମା ବିଳମ୍ବ ହୋଇଛି । ସୋମବାରରୁ ଆରମ୍ଭ ହୋଇଥିବା ଅଧିକାଂଶ ମଣ୍ଡି ଖୋଲିଛି ବୋଲି ଶ୍ରୀ ଟୁଡୁ କହିଛନ୍ତି । ଅନ୍ୟପକ୍ଷରେ, ମଣ୍ଡିରେ ବିଳମ୍ବ କାରଣରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଚାଷୀଙ୍କ ଟୋକନ୍ ଅବଧି ସରିଆସୁଥିବା ବେଳେ ଏଭଳି ବିଳମ୍ବ ସମସ୍ୟା ସୃଷ୍ଟି କରିବ । ଦୈନିକ ପ୍ରତ୍ୟେକ ମଣ୍ଡିରେ ୧ ହଜାର କ୍ୱିଣ୍ଟାଲ ପର୍ଯ୍ୟନ୍ତ ଧାନ କ୍ରୟ କ୍ଷମତା ଥିବା ସ୍ଥଳେ, ବିଳମ୍ବ ହେଲେ ବି ଦୈନିକ ସେତିକି ପରିମାଣରେ ହିଁ କିଣାଯିବ । ଯାହାଫଳରେ ଧାନ କିଣା ଡେରି ହେବାର ଆଶଙ୍କା ରହିଛି। ଯାହା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଲାଣି । ଅନେକ ସ୍ଥାନରେ ଚାଷୀ ଆନ୍ଦୋଳନ ପାଇଁ ସଜବାଜ ହେଲେଣି। ତୁରନ୍ତ ସମସ୍ତ ମଣ୍ଡି ଖୋଲିବା ସହ ଧାନକିଣା ଜୋରଦାର୍ କରିବାକୁ ଦାବି ହୋଇଛି ।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ୮୮ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୨୪ଟି ସବ୍-ପ୍ୟାକ୍ସକୁ ମିଶାଇ ମୋଟ୍ ୧୧୪ଟି ମଣ୍ଡିରେ ଖରିଫ୍ ଧାନକିଣା ଯିବ। ଢେଙ୍କାନାଳ ସଦର ବ୍ଲକ୍‌ରେ ୧୬ଟି ମଣ୍ଡି ହୋଇଥିବା ବେଳେ ଗଁଦିଆରେ ୨୩, ଓଡ଼ାପଡ଼ାର ବ୍ଲକ୍‌ରେ ୯ଟି, କାମାକ୍ଷାନଗରରେ ୧୩ଟି, ଭୂବନରେ ୧୨ଟି, କଙ୍କଡ଼ାହାଡ଼ରେ ୧୨ଟି, ପରଜଙ୍ଗ ବ୍ଲକ୍‌ରେ ୧୩ଟି ଓ ହିନ୍ଦୋଳ ବ୍ଲକ୍‌ରେ ୧୬ଟି ମଣ୍ଡି କରାଯାଇଛି । ଜିଲ୍ଲା ୫୫ ହଜାର ୮୯୭ ଜଣ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ ।



## ଆଜିର ରାଶିଫଳ

| ତାରିଖ<br>୨୨.୧.୨୦୨୬ | ଗୁରୁବାର– ଚତୁର୍ଥୀ<br>ନକ୍ଷତ୍ର– ଶତଭିଷା, କୁମ୍ଭଚନ୍ଦ୍ର |
|---|---|

| | | |
|---|---|---|
| ମେଷ | : | କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ପାଇବେ । |
| ବୃଷ | : | ଆତ୍ମବଳ ବୃଦ୍ଧି ପାଇବ । |
| ମିଥୁନ | : | ଭୟ ଓ ଆଶଙ୍କା ଦୂର ହେବ । |
| କର୍କଟ | : | ଅପମାନ ଯୋଗ ରହିଛି । |
| ସିଂହ | : | ପରିବାରରେ ସ୍ନେହଶ୍ରଦ୍ଧା ବଢ଼ିବ । |
| କନ୍ୟା | : | ଧନ୍ୟପ୍ରାପ୍ତି ହେବ । |
| ତୁଳା | : | ଶ୍ୱାସପୀଡ଼ା କଷ୍ଟ ଦେବ । |
| ବିଛା | : | ଋଣ ତାଗିଦା ପାଇବେ । |
| ଧନୁ | : | ବ୍ୟବସାୟରେ ଲାଭବାନ ହେବେ । |
| ମକର | : | ପଡ଼ୋଶୀଙ୍କ ସହ କଳହ ହେବ । |
| କୁମ୍ଭ | : | ଆଭୂଷଣ ପ୍ରାପ୍ତି ହେବେ । |
| ମୀନ | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |

## ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଡଲଫିନ ଗଣନା

**ଅସ୍ତରଙ୍ଗ, ୨୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଅସ୍ତରଙ୍ଗ ଉପକୂଳ ଅଞ୍ଚଳରେ ୫ଟି ସେଗମେଣ୍ଟରେ ଆରମ୍ଭ ହୋଇଯାଇଛି ଡ଼ଲଫିନ ଗଣନା କାର୍ଯ୍ୟ । ଏହି କାର୍ଯ୍ୟ ପାଇଁ ୪ଟି ଟିମ୍ ପ୍ରସ୍ତୁତି କରାଯାଇଛି । ତଟବର୍ତ୍ତୀ ଅଞ୍ଚଳରେ ପାଦଚଲା ବା ସ୍ଥଳବାହିନୀର ଦୁଇଟି ଟିମ୍ ଓ ସମୁଦ୍ର ନଦୀ ମଧ୍ୟରେ ଦୁଇଟି ଟିମ୍ ଅଛନ୍ତି, ପାଞ୍ଚ ଗୋଟି ସ୍ଥାନରେ ଏହି ଗଣନା ହେଉଛି । ଯଥା ଜାହାନିଆରୁ କେଲୁଣୀ ମୁହାଣ, ଜାହାନିଆରୁ ବେଲେସ୍ୱର, ଦେବୀ ମୁହାଣରୁ କାଦୁଆ ନଦୀ ଅଞ୍ଚଳ, ଦେବୀ ମାଉଥରୁ ଚନ୍ଦ୍ରଭାଗା, ଚନ୍ଦ୍ରଭାଗାରୁ ଅରଖକୁଦ, ଅରଖକୁଦରୁ ଚନ୍ଦ୍ରଭାଗା ଓ ଚନ୍ଦ୍ରଭାଗାରୁ ଦେବୀ ପର୍ଯ୍ୟନ୍ତ, ଏହି କାର୍ଯ୍ୟକ୍ରମରେ ଜଳପଥରେ ବିଭାଗର ବୋଟ, ଟ୍ରଲରର ବ୍ୟବହାର କରାଯାଇଛି । ସମୁଦ୍ର ମଧ୍ୟରେ ଯେଉଁ ଉଚ୍ଚସ୍ଥାନ



ରହିଛି ସେଠି ମଧ୍ୟ ଚାଲି ଚାଲି ଡ଼ଲଫିନ ଗଣନା କରାଯାଇଛି । ବନାଞ୍ଚଳ ଅଧିକାରୀଙ୍କ ସହିତ ସମସ୍ତ ବନପାଳ, ବନରକ୍ଷୀ ଓ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ସାଧାରଣତଃ ଡ଼ଲଫିନ ଏକ ସ୍ତନ୍ୟପାୟୀ ପ୍ରାଣୀ । ଏହାଙ୍କୁ ସର୍ବୋଚ୍ଚ ଶିକାରୀ ଭାବେ ଗ୍ରହଣ କରାଯାଇଛି କାରଣ ସାମୁଦ୍ରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଏହି ବିରଳ ପ୍ରାଣୀ ମାଛ/ସ୍କିଡ଼ ସଂଖ୍ୟାକୁ ନିୟନ୍ତ୍ରଣ କରନ୍ତି ଏବଂ ଖାଦ୍ୟଚକ୍ରର ସନ୍ତୁଳନ ପ୍ରକ୍ରିୟାକୁ ବଜାୟ ରଖନ୍ତି, ତାହାସହ ସମୁଦ୍ର ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସୂଚକ ଭାବେ ମଧ୍ୟ କାର୍ଯ୍ୟ କରନ୍ତି । ଏମାନଙ୍କ ଉପସ୍ଥିତି ସୁସ୍ଥ ପରିସଂସ୍ଥାର ସଂକେତ ଦିଏ ଏବଂ ଏମାନଙ୍କ ହ୍ରାସ ସମୁଦ୍ର ପରିବେଶର ଅସନ୍ତୁଳିତକୁ ସୂଚିତ କରେ, ଯାହା ମଣିଷକୁ ପ୍ରଦୂଷଣ ଓ ଅତ୍ୟଧିକ ମାଛ ଧରିବା ଭଳି ବିପଦକୁ ବୁଝିବାରେ ସାହାଯ୍ୟ କରେ । ଯାହା ଫଳରେ ସାମଗ୍ରିକ ସମୁଦ୍ର କଲ୍ୟାଣ ପାଇଁ ସଂରକ୍ଷଣକୁ ପ୍ରେରଣା ମିଳେ ବୋଲି ପରିବେଶବିତ୍ତ ମାନେ ମତଦାନ ଦେଇଛନ୍ତି । ବର୍ତ୍ତମାନ ମଙ୍ଗଳବାରରୁ ଗୁରୁବାର ପର୍ଯ୍ୟନ୍ତ ଏହି ଗଣନା କାର୍ଯ୍ୟ ଚାଲୁ ରହିବ । ଶେଷ ଦିନ ସମୁଦାୟ ରିପୋର୍ଟ ଦାଖଲ ପରେ ଜିଲ୍ଲା ବନାଞ୍ଚଳ ଅଧିକାରୀ ସମ୍ପୂର୍ଣ୍ଣ ରିପୋର୍ଟ ଦେବେ ବୋଲି ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି ।

# କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣରେ ଅନିୟମିତତା

**ବୈଶିଙ୍ଗା, ୨୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଲୋକଙ୍କ ସୁବିଧା ଦୃଷ୍ଟିରୁ ବୃହତ ପଞ୍ଚାୟତ ଭାବେ ବୈଶିଙ୍ଗା ପଞ୍ଚାୟତକୁ ଭାଙ୍ଗି କେନ୍ଦୁଆକୁ ନୂତନ ପଞ୍ଚାୟତର ମାନ୍ୟତା ପ୍ରଦାନ କରାଗଲା । ନିର୍ବାଚନରେ ପ୍ରଥମ ମହିଳା ସରପଞ୍ଚ ଭାବେ ସ୍ନିଗ୍ଧା ରାଣୀ ହାଁସଦା ନିର୍ବାଚିତ ହୋଇଥିଲେ । କେନ୍ଦୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ବୈଶିଙ୍ଗା ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟରେ କେନ୍ଦୁଆ କାର୍ଯ୍ୟାଳୟ ଚାଲିଥିଲା ଏବେ ବି ଚାଲୁଅଛି । ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁରୀ ମିଳିବା ପରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂ୫୧୮/୧୩.୨.୨୦ ବଳରେ ଉପ ଜିଲ୍ଲାପାଳ ବାରିପଦାଙ୍କ ସହିତ ଯୁଗ୍ମ କମିଟି ଗଠନ କରାଯାଇ ମୋହନପୁର ଠାରେ ଖାତା ନଂ ୧୩୦, ପ୍ଲଟ ନଂ ୨୭୫.ରେ ଗୃହ ନିର୍ମାଣ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା । ଏହା ପରେ ତା ୩୦.୭.୨୦ରିଖରେ ସ୍ୱତନ୍ତ୍ର ପଲ୍ଲୀସଭା ଡକାଯାଇ ଏହି ଜମିଟି ଜଙ୍ଗଲ କିସମ ଥିବାରୁ ଘରବାରିରେ ପରିବର୍ତ୍ତନ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଥିଲା । ପଲ୍ଲୀସଭା ପରେ ତା୧୮.୧୧.୨୦ରିଖ ଗ୍ରାମସଭା ରେ ଅନୁମୋଦନ କରାଯିବା ସହିତ ପ୍ରସ୍ତାବ ପାରିତ କରାଗଲା । ମାତ୍ର କେତେକ ରାଜନୈତିକ ବଡ ପଣ୍ଡାଙ୍କ ଚକ୍ରାନ୍ତରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯିବା ଯୋଗୁଁ ସପକ୍ଷ ଓ ବିପକ୍ଷଙ୍କ ମଧ୍ୟରେ ବଳ କଷା କଷି ଚାଲିଲା ଯାହା ଫଳରେ ସାତବର୍ଷ ପରେ ମଧ୍ୟ ଗୃହ ନିର୍ମାଣ ହୋଇପାରିଲା ନାହିଁ । ଏଥିପାଇଁ ତତ୍କାଳୀନ ସରପଞ୍ଚ ସ୍ନିଗ୍ଧା ରାଣୀ ହାଁସଦଙ୍କ ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ତା୧୮.୧୧.୨୧ ରିଖରେ ଏକ ଦାବିପତ୍ର ଦିଆଯିବା ସହିତ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ଜିଲ୍ଲାପାଳ ଓ ପଞ୍ଚାୟତ ଅଧିକାରୀ ବାରିପଦାଙ୍କୁ ଏହାର ଏକକିତା ନକଲ ଦିଆଗଲା । ଏହାପରେ ଆଉଥରେ ଯୁଗ୍ମ କମିଟି ଦ୍ୱାରା ସ୍ଥାନ ନିରୁପଣ କରାଯିବ ବୋଲି ଜଣାଇ ଦିଆଗଲା । ମାତ୍ର ୨୦୨୨ ପଞ୍ଚାୟତ ନିର୍ବାଚନ ପରେ କୌଣସି ଗ୍ରାମସଭାରେ ସ୍ଥାନ ନିରୁପଣ ପାଇଁ ସିଦ୍ଧାନ୍ତ ନିଆ ନ ଯାଇ ତା ୨୨.୧୧.୨୪ ରିଖରେ ବିଧାୟକ ସନାତନ ବିଜୁଳିଙ୍କ କରକମଳରେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜା କରାଗଲା । ଏଭଳି ଏକଛତ୍ରବାଦ କାର୍ଯ୍ୟକୁ ବିରୋଧ କରି ମୋହନପୁର ଠାରେ ୯ଟି ୱାର୍ଡର ୱାର୍ଡ ସଭ୍ୟଙ୍କ ସହିତ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ପୂର୍ବ ନିର୍ଦ୍ଧାରିତ ସ୍ଥାନ ମୋହନପୁର ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରାଯିବା ପାଇଁ ପ୍ରସ୍ତାବ ପାରିତ କରାଗଲା । ବିଧାୟକଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ସ୍ଥାନଟି ୫/୬ କି.ମି.ଦୂର ହେବା ଯୋଗୁଁ ରାସନ ଚାଉଳ ଆଣିବା, ବୃଦ୍ଧ/ବୃଦ୍ଧାମାନଙ୍କୁ ଭତ୍ତା ଆଣିବା ବହୁ କଷ୍ଟକର ହେବ ବୋଲି ଅଭିଯୋଗ କରାଯାଇଥିଲା । ଏଥି ସହିତ ଯେଉଁ ଉଦ୍ଦେଶ୍ୟରେ ବଡ ପଞ୍ଚାୟତକୁ ଭାଙ୍ଗି ନୂତନ ପଞ୍ଚାୟତ ସୃଷ୍ଟି କରାଗଲା ତା'ର ଉଦ୍ଦେଶ୍ୟ ସାଧନ ହୋଇ ପାରିଲାନାହିଁ । ଏହିସବୁ ଦୃଷ୍ଟିରୁ ପୁନର୍ବାର ସ୍ଥାନ ନିରୁପଣ କରାଯାଇ ଗୃହ ନିର୍ମାଣ କରାଗଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଗ୍ରାମବାସୀମାନେ ମତପ୍ରକାଶ କରିଛନ୍ତି । ନୂତନ ବିଡିଓ ଖୁବ୍ ଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରକାଶ କରିଥିଲେ । ମାତ୍ର ୧୦ ବର୍ଷ ହେବାକୁ ଯାଉଥିବା ବେଳେ ଏହି ଘର ନିର୍ମାଣ ନ ହେବା ପରିତାପର ବିଷୟ ପାଲଟିଛି ।

## ସ୍କୁଲଗାଡ଼ିରୁ ଖସି ଛାତ୍ର ଗୁରୁତର

**ବାସୁଦେବପୁର, ୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଷିଆ ଥାନା ଅଧିନ ସାନକଷ୍ଣପୁରରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ପଞ୍ଚମ ଶ୍ରେଣୀ ଛାତ୍ର ଜ୍ୟୋତିରଞ୍ଜନ ଦାସ ଶିକ୍ଷାନୁଷ୍ଠାନ ଗାଡିରେ ଯାଉଥିବା ସମୟରେ ଡୋର ଖୋଲିଯିବା କାରଣରୁ ତଳେ ପଡିଯାଇଥିଲେ । ପରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଚିକିତ୍ସା ପାଇଁ ନିଆଯିବା ସହିତ ଗୁରୁତର ଛାତ୍ରଙ୍କ ପରିବାକୁ ଖବର ଦିଆଯାଇଥିଲା । ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଥିବା ରାସ୍ତାରେ ବେଆଇନ ଭାବେ ନିର୍ମିତ ହମ୍ପସ ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା କାରଣରୁ ଜନଅସନ୍ତୋଷ ବୃଦ୍ଧି ପାଇଛି ।

## ଯୁବ କଂଗ୍ରେସ ନେତାଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର

**ସୋନପୁର, ୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋନପୁରର ଯୁବ କଂଗ୍ରେସ ନେତା ରାଜେଶ ମିଶ୍ରଙ୍କ ସନ୍ଦେହଜନକ ମୃତ୍ୟୁ । ସୁବର୍ଣ୍ଣପୁର ସହରର ଭଗବତୀ ପ୍ଲଟ ସ୍ଥିତ ନିଜ ଘରୁ ଗୁଳିବିଦ୍ଧ ଅବସ୍ଥାରେ ରାଜେଶଙ୍କ ମୃତଦେହ ଉଦ୍ଧାର ହୋଇଛି । ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ରାଜେଶ ମିଶ୍ର ନିଜକୁ ନିଜେ ଗୁଳି ମାରି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯଉଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ସୂଚନାନୁଯାୟୀ, ଘଟଣାସ୍ଥଳରେ ସୋନପୁର ପୁଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବ ବୋଲି ସୂଚନା ମିଳିଛି । ସେ ଜଣେ ମିଷ୍ଟ ଭାଷୀ ଓ ମେଳାପି ବ୍ୟକ୍ତି ଥିବାବେଳେ କିଛିଦିନ ତଳେ ତାଙ୍କୁ କଂଗ୍ରେସର କୋଷାଧକ୍ଷ ଭାବେ ଦାୟିତ୍ୱ ମିଳିଥିଲା । ଆଗରୁ ମଧ୍ୟ କଂଗ୍ରେସର ବିଭିନ୍ନ ପଦ ପଦବୀରେ ରହି ଆସିଥିଲେ ।

# ନାବାଳିକା ଅସଦାଚରଣ, ଅଭିଯୁକ୍ତଙ୍କୁ ୧୦ ବର୍ଷର କାରାଦଣ୍ଡାଦେଶ

**ବାଲିପାଟଣା, ୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାନ୍ୟବର ଆଡ୍‌ହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ), ଭୁବନେଶ୍ୱରର ବିଚାରପତି ସରୋଜ କୁମାର ସାହୁ, ୨୦୨୫ ମସିହା ଏପ୍ରିଲ ମାସରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଆସାମୀ ମଇନା ଭୋଇଙ୍କୁ ସଜା ଶୁଣାଇଛନ୍ତି ।

ସୂଚନା ଅନୁଯାୟୀ ଗତ ୨୦୨୫ ଏପ୍ରିଲ ମାସ ୨୮ ତାରିଖ ଦିନ ପ୍ରାୟ ୧୧ଟା ସମୟରେ ଅଭିଯୋଗକାରିଣୀଙ୍କ ନାବାଳିକା ଝିଅ (୧୪) ତାଙ୍କ ଘରେ ଏକା ଥିବା ସମୟରେ ଆସାମୀ ମଇନା ଭୋଇ (୫୫) ତାଙ୍କ ଘରକୁ ଆସି ତାଙ୍କ ବାପା ମାଆଙ୍କ ଆଧାର କାର୍ଡ ଆଣିବାକୁ କହିଥିଲେ । ଏହାପରେ ନାବାଳିକା ଝିଅଟି ତାଙ୍କ ବାପା ମାଆଙ୍କ ଆଧାର କାର୍ଡ ସଂଗ୍ରହ କରି ଆସାମୀ ମଇନା ଭୋଇଙ୍କ ଘରକୁ ଦେବା ପାଇଁ ଯାଇଥିଲା । ସେହି ସମୟରେ ଆସାମୀ ମଇନା ଭୋଇ ନାବାଳିକା ଝିଅଟିକୁ ଧମକ ଦେଇ ତାଙ୍କ ସହ ଅନୁପଯୁକ୍ତ କାର୍ଯ୍ୟ କରିଥିଲେ । ନାବାଳିକା ଝିଅଟି ଚିତ୍କାର କରିବା ପରେ ଆସାମୀ ତାଙ୍କ ପାଟି ଚାପି ଦେଇ ଘଟଣା ବିଷୟରେ କାହାକୁ କହିଲେ ସେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିକଟ ଭବିଷ୍ୟତରେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ । ଏହା ସହିତ ଆସାମୀ ନାବାଳିକା ଝିଅଟିର ଏକ ଆପତ୍ତିଜନକ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଥିଲେ । ଘଟଣା ବିଷୟରେ ଜାଣିବା ପରେ ନାବାଳିକା ପୀଡ଼ିତାଙ୍କ ମା' ଏନେଇ ବାଲିପାଟଣା ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ଗତ ତା. ୩୦.୪.୨୦୨୫ ରିଖରେ ବାଲିପାଟଣା ଥାନାର ଆଇଆଇସି ବାଲିପାଟଣା ଥାନା କେସ ନଂ ୧୮୩/୨୦୨୫, ଦଫା-୬୪(୨)(ଏଫ)/୬୫(୧)/୩୫୧(୨) ବିଏନଏସ, ପଠିତ ଧାରା ୪/୧୪ ପୋକସୋ, ଦଫା ୬୭ ଆଇଟି ଆକ୍ଟରେ ଏକ ମାମଲା ରୁଜୁ କରିବା ସହିତ ନିଜେ ଏହାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ଇନ୍ସପେକ୍ଟର ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ମାମଲାର ତଦନ୍ତ କରିବା ସହ ଆସାମୀ ମାଇନା ଭୋଇକୁ ତା ୩.୫.୨୦୨୫ ରିଖରେ ଗିରଫ କରିଥିଲେ । ତଦନ୍ତ ଶେଷରେ ତଦନ୍ତକାରୀ ଅଧିକାରୀ ଦଫା-୬୪(୨)(ଏଫ)/୬୫(୧)/୩୫୧(୨) ବିଏନଏସ, ପଠିତ ଧାରା ୬/୧୪ ପୋକସୋ ଆକ୍ଟ ଓ ଦଫା ୬୭/୬୭-ବି ଆଇଟି ଆକ୍ଟ ଅନୁଯାୟୀ ତା ୨୭.୫.୨୦୨୫ ରିଖରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାନ୍ୟବର ଅଦାଲତରେ କୋର୍ଟ ଟ୍ରାଇଲ୍ ପାଇଁ ଚାର୍ଜସିଟ ଦାଖଲ କରିଥିଲେ ।

ଉପରୋକ୍ତ ମାମଲାର ବିଚାର କରି ମାନ୍ୟବର ଅଦାଲତ ଘଟଣାସହିତ ସଂପୃକ୍ତ ୨୨ ଜଣ ସାକ୍ଷୀଙ୍କ ଜବାନବନ୍ଦି, ୨ଟି ସାମଗ୍ରୀ ଯାଞ୍ଚ ଏବଂ ୧୨୪ଟି ପ୍ରାସଙ୍ଗିକ ଦସ୍ତାବେଜ ଅଧ୍ୟୟନ କରି, ବିଚାରକାର୍ଯ୍ୟ ସମାପ୍ତ କରିଛନ୍ତି । ମଙ୍ଗଳବାର ଅର୍ଥାତ୍ ତା ୨୦.୧.୨୦୨୬ ରିଖରେ ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ମଇନା ଭୋଇଙ୍କୁ ଧାରା ୬୪(୧) ବିଏନଏସ ଅନୁଯାୟୀ ୧୦ ବର୍ଷର ବର୍ଷର ସଶ୍ରମ କାରାଦଣ୍ଡ ସହିତ ୫,୦୦୦/- ଟଙ୍କା ଜୋରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଏବଂ ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି । ମାନ୍ୟବର ଅଦାଲତ ଦଫା-୬୭ ଆଇଟି ଆକ୍ଟ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩୦,୦୦୦/- ଟଙ୍କା ଜୋରିମାନା ଦଣ୍ଡାଦେଶ ଦେଇଛନ୍ତି ଏବଂ ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସର କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି । ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବେ ଚାଲିବ ବୋଲି ମାନ୍ୟବର ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସଫଳତାର ସହ ପରିଚାଳନା କରିଥିଲେ । ଏତଦବ୍ୟତୀତ ମାନ୍ୟବର ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆରପିସିର ଧାରା ୩୭୫-ଏ ଆଧାରରେ ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ରାଶି ପ୍ରଦାନ ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଖେଳ ପଡିଆରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି ଛାତ୍ରଛାତ୍ରୀ

**ସୋର, ୨୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

୫-ଟି ସ୍କୁଲରେ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ମାତ୍ର ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଯାହା ଦେଖିବାକୁ ମିଳିଛି ସୋର ବ୍ଲକ ମଧୁସୁଦନପୁର ପଞ୍ଚାୟତ ବଣବିଷ୍ଣୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ । ବିଦ୍ୟାଳୟରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଗତ କିଛି ଦିନ ହେବ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଖେଳ ପଡିଆରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଦେଖିବାକୁ ମିଳିଛି । ତେବେ କେଉଁ କାରଣରୁ ଛାତ୍ରଛାତ୍ରୀଙ୍କୁ ଖେଳ ପଡିଆରେ ମଧ୍ୟାହ୍ନ ଭୋଜନ ଦିଆଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ଯଦି ଘଟଣା ଏପରି ହୋଇଥାଏ ତେବେ ଏହାକୁ ବନ୍ଦ କରିବେ ବୋଲି କହିଥିଲେ । ବିଇଓଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ । ଏବିଓ ସୋମନାଥ ଦାସଙ୍କୁ ପଚାରିବାରୁ ଏ ବାବଦରେ ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଥିଲେ ।

## ଟ୍ରାକ୍ଟର ଯାଜପୁରରେ, ଚାଲାଣ କଟିଲା ମୟୂରଭଞ୍ଜରେ

**ଯାଜପୁର, ୨୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗାଡ଼ି ଚାଲାଣ କଟିବାକୁ ନେଇ ଏବେ ଚିନ୍ତାରେ ଗାଡ଼ି ଚାଳକ। ଏବେ ଜିଲା ନୁହେଁ ଜିଲା ବାହାରେ ମଧ୍ୟ ଗାଡ଼ିର ଚାଲାଣ କଟୁଛି । ସେ ପୁଣି ଭିନ୍ନ ଢ଼ଙ୍ଗରେ । ନିଜ ଘରେ ବା ଜିଲାରେ ଥିଲେ ବି ଅନ୍ୟ ଜିଲାରେ ଚାଲାଣ କଟି ପାରୁଛି । ଯାଜପୁର ଟାଉନ ଅଞ୍ଚଳର ଅମୀୟ ରଞ୍ଜନ ସାହୁଙ୍କର ଓଡି୩୪-ଜେ-୪୫୫୧ ନମ୍ବରର ଏକ ଟ୍ରାକ୍ଟର ରହିଛି । ଗତ ୨୯/୦୭/୨୦୨୫ ମସିହାରେ ସେ ଯାଜପୁରରେ ଥିବା ବେଳେ ସେହି ନମ୍ବରରେ ମୟୂରଭଞ୍ଜର ଏକ ବାଇକ ବିନା ହେଲମେଟରେ ଚାଲାଣ କଟିଥିଲା । ମାତ୍ର ସେତେବେଳେ ଅମୀୟ ରଞ୍ଜନ ଜାଣିପାରିନଥିଲେ । ବର୍ତ୍ତମାନ ଗାଡ଼ିର ପଲ୍ୟୁସନ ପାଇଁ ପିୟୁସି କରିବାକୁ ଯାଇଥିବା ବେଳେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କ ଟ୍ରାକ୍ଟର ନମ୍ବର ଉପରେ ଏକ ହଜାର ଟଙ୍କାର ଚାଲାଣ ସେ ପୁଣି ବିନା ହେଲମେଟରେ ମୟୂରଭଞ୍ଜରେ କଟିଛି । ଏ ନେଇ ଅମୀୟ ରଞ୍ଜନ ଗତ୧୭ ତାରିଖରେ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ମାତ୍ର ଦୁଇଦିନ ତଳେ ସମାନ ଅଭିଯୋଗ ଚଇନପୁର ପଞ୍ଚାୟତ ଲକ୍ଷ୍ମଣପୁର ଗ୍ରାମର ପ୍ରକାଶ ଚନ୍ଦ୍ର ପତି ମଧ୍ୟ କରିଥିଲେ। ତାଙ୍କର ବାଇକ ଯାଜପୁରରେ ଥିବା ବେଳେ ଗଞ୍ଜାମରେ ଚାଲାଣ କଟିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି ଯାଜପୁରରେ ଗାଡ଼ି ଥିବା ବେଳେ ଗଞ୍ଜାମ ଏବଂ ମୟୂରଭଞ୍ଜରେ ଚାଲାଣ କଟୁଛି କିପରି । କିଏ ଚଲାଉଛି ଏହି ସବୁ ନମ୍ବର ଉପରେ ବାଇକ? ଗୋଟିଏ ନମ୍ବର ଦୁଇ ଦୁଇଟି ଗାଡ଼ି ସେ ପୁଣି ଅଲଗା ଅଲଗା ଜିଲାରେ। ଏପରି କେମିତି ହେଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏଥିପ୍ରତି ପରିବହନ ବିଭାଗ ନଜର ଦେବା ସହ ପୁଲିସ ମଧ୍ୟ ନଜର ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି । ଏ ସମ୍ପର୍କରେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପଚାରିବାରୁ ଏହି ଘଟଣାରେ ଆମର କୌଣସି ଭୂମିକା ନାହିଁ ବୋଲି ସଫେଇ ଦେଇଛନ୍ତି। ତେବେ ଏଭଳି କାଣ୍ଡ ଘଟାଉଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଟ୍ରାକ୍ଟରର ମାଲିକ ଅମୀୟ ରଞ୍ଜନ ସାହୁ କହିଛନ୍ତି ।

## ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇଲେ

**ସାକ୍ଷୀଗୋପାଳ, ୨୧।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସାକ୍ଷୀଗୋପାଳରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ବିଦ୍ୟାଳୟର ଛାତ୍ରୀମାନେ ସେମାନଙ୍କ ମନରେ ଥିବା ଅଭିମାନ ଅସୁବିଧା ସତ୍ୟବାଦୀ ପ୍ରଶାସନିକ ଅଧିକାରୀଙ୍କ ଆଗରେ କହିଛନ୍ତି । ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶାରୀରିକ କ୍ରିଡ଼ା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଜେନାଙ୍କୁ ଅଳଗୁମ ହାଇସ୍କୁଲକୁ ଡେପୁଟିସନରେ ନିଆଯାଇଛି । ସେଠାରୁ ଜୟନ୍ତୀ ପଣ୍ଡାଙ୍କୁ ସେଠାରେ ନିଯୁକ୍ତି ଦିଆଯାଇଛି । ଏହାକୁ ନେଇ ବିଦ୍ୟାଳୟର ଛାତ୍ରୀମାନ ବିରୋଧ କରି ବିଦ୍ୟାଳୟର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ । ସେମାନଙ୍କ ଦାବି ଥିଲା ଯେ ଏଠାରେ ଯେଉଁମାନେ ଦୀର୍ଘଦିନ ଧରି ରହି ରାଜନୀତି କରୁଛନ୍ତି । ଏପରିକି ବିଦ୍ୟାଳୟ ପରିସରରେ ଥିବା ପାନୀୟଜଳ ଚାବି ପକାଇ ରଖାଯାଇଛି । ବିଦ୍ୟାଳୟର ବିଦ୍ୟୁତ ବିଲ ଅଧିକ ଉଠିବ ଆଳ ଦେଖାଇ ବଲ ଲାଗୁନାହିଁ, ସେଠାରେ ଜଣେ ଶିକ୍ଷୟିତ୍ରୀ ନିଜର ବ୍ୟାଟେରୀ ଗାଡିକୁ କିପରି ଚାର୍ଜ କରୁଛନ୍ତି । ସେହିପରି ବଡ଼କଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ କଥାକୁ ଶାରୀରିକ ଶିକ୍ଷୟିତ୍ରୀ ବିରୋଧ କରିବାରୁ ଏହି ବଦଳି କରାଯାଇଛି ବୋଲି ଛାତ୍ରୀମାନେ ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ଦଶମ ଶ୍ରେଣୀ ପିଲାଙ୍କ ପରୀକ୍ଷା ସତ୍ତ୍ୱେ ପିଲାମାନେ ଯାଇପାରି ନଥିଲେ । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ, ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ ଅତିରିକ୍ତ ଶିକ୍ଷା ଅଧିକାରୀ ଛାଟୋଇ ମୋତିଲାଲ ରାୟ ଛାତ୍ରୀମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନରୁ ହଟିବା ସହ ଦଶମ ଶ୍ରେଣୀର କିଛି ଛାତ୍ରୀ ପରୀକ୍ଷା ଦେବାକୁ ବିଦ୍ୟାଳୟକୁ ଯାଇଥିଲେ ।

# ନିଶା କବଳରେ ଯୁବପିଢ଼ି : ପ୍ରତିକାର ଲାଗି ନାହିଁ ଦୃଢ଼ ପ୍ରତିବଦ୍ଧତା

**ଜଳେଶ୍ୱର, ୨୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଶା ସେବନ ଏବେ ସାମାଜିକ ବ୍ୟାଧି ଭାବେ ଚାରିଆଡ଼େ କାୟା ବିସ୍ତାର କରିବାଲିଛି । ମଦ, ପାନ, ବିଡି, ସିଗାରେଟ୍, ଖୁଟୁଖା, ଜରଦା ସହିତ ବ୍ରାଉନ ସୁଗାର ଭଳି ମାରାତ୍ମକ ନିଶା କବଳରେ ପଡି ପଥ ଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି । ଓଡ଼ିଶାରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଥିବା ବେଳେ ହାଟ ବଜାର ସହିତ ସହର ଠାରୁ ଗାଁ ଛକମାନଙ୍କରେ ହାତ ପାହାନ୍ତାରେ ସମସ୍ତ ନିଶା ସାମଗ୍ରୀ ସହଜରେ ଉପଲବ୍ଧ ହେଉଛି । ଏଣୁ ନିଶା କାରବାର ସହ ସେବନକାରୀଙ୍କ ସଂଖ୍ୟା ସବୁଆଡେ ବ୍ୟାପକ ଭାବେ ମାଡ଼ି ମାଡି ଗଲାଣି । ବିଶେଷ କରି ବିଭିନ୍ନ ସ୍ଥାନରେ ଅତି ଅଳ୍ପ ବୟସର କିଶୋରମାନେ ସଚେତନତା ଓ ଅଭିଭାବକଙ୍କ ଦାୟିତ୍ୱହୀନତା ଯୋଗୁଁ ଗୁଡୁଖା, ଜରଦା, ଗଞ୍ଜେଇ ଭଳି ନିଶା ସେବନ କରୁଛନ୍ତି । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ହସ୍ପିଟାଲ ଓ ବିଦ୍ୟାଳୟ ନିକଟରେ ଅବାଧରେ ଗୁଟୁଖା, ଜରଦା ପାନ ଭଳି ମାରାତ୍ମକ ନିଶା ସାମଗ୍ରୀ ବିକ୍ରୟ ସହିତ ଅଧିକ ମତୁଆଲା ହେଉଛନ୍ତି ଯୁବପିଢ଼ି । ନିଶା ଉପରେ ନିୟନ୍ତ୍ରଣ ନ ଥିବାରୁ ସ୍ଥିତି ସାମାଜିକ ଓ ଅର୍ଥ ନୈତିକ ସ୍ଥିତି ଧୀରେଧୀରେ ବିଗିଡ଼ି ବାକୁ ବସିଲାଣି । ଫଳରେ ଯେତେ ସାବଧାନ ହେଲେ ମଧ୍ୟ ନିଶାଗ୍ରସ୍ତ ବେପରୁଆ ଦୃତ ଚାଳନା ଯୋଗୁଁ ପ୍ରତିଦିନ ସଡ଼କ ଦୁର୍ଘଟଣା, ହୃଦଘାତ ଜନିତ ଘଟଣା ମାନ ଘଟି ଚାଲିଛି । ଇତ୍ୟାଦି ବିଭିନ୍ନ ଜାତୀୟ ଉତ୍ସବରେ ନିଶା କାରବାର ହଟାଇବା ସହ ନିଶାମୁକ୍ତ ଭାରତ ଓ ଓଡ଼ିଶା ଗଢ଼ି ତୋଳିବାକୁ ଯୋଜନା ଓ ସଙ୍କଳ୍ପ ସ୍ଲୋଗାନ ଦିଆଯାଇଥିଲା । କିନ୍ତୁ ତାହ ଏବେ ଦିବା ସ୍ୱପ୍ନ ହେବା ସହ ନିଶା ମୁକ୍ତ ସମାଜ ସଙ୍କଳ୍ପ କୋମାକୁ ଚାଲି ଗଲାଣି । କେବଳ ବିଶ୍ୱ ତମାଖୁ ବର୍ଜନ ଓ ନିଶା ନିବାରଣ ଦିବସ ଆସିଲେ ସଭା, ସମିତି, ଶୋଭାଯାତ୍ରା ଓ ଧାରଣା ଆଦି ଗୋଟିଏ ଦିନ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଥାଏ । ପରେ ସବୁ ବନ୍ଦ ହେବା ସଙ୍ଗେସଙ୍ଗେ ସ୍ୱର ଆଉ ଶାଣିତ ହେଉ ନାହିଁ । ଦେଶବ୍ୟାପୀ ନିଶା ମୁକ୍ତ ଭାରତ ଅଭିଯାନ (ଏନ୍‌ଏମ୍ ଏ) ନାମରେ ଏକ ଯୋଜନା ଯୋଜନା କାର୍ଯ୍ୟକାରୀ ପାଇଁ ଜିଲ୍ଲା ସ୍ତରରେ ସାମାଜିକ ସୁରକ୍ଷା ଅଧିକାରୀମାନେ ସେମିତି ଆଗ୍ରହ ଦେଖାଉ ନାହାନ୍ତି । ଯାହାକୁ ନେଇ ସାମାଜିକ ସୁରକ୍ଷା ଓ ନିଶାମୁକ୍ତ ଭାରତ ଅଭିଯାନ ଅଧୁନା କୋମାରେ ଅଛି ବୋଲି କୁହାଯାଇପାରେ । ସବୁଠୁ ବଡ଼ କଥା ହେଉଛି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରସ୍ତୁତି ନିଆଯାଇଛି । ସେହିପରି ଜଳେଶ୍ୱର ମଧ୍ୟ ନିଶା ନିବାରଣ ସଂଗଠନ, ମୋନା ଭଳି ସଂସ୍ଥା କାର୍ଯ୍ୟ କରୁଛି । ଏଥିପାଇଁ ଭାରତ ସରକାର ପ୍ରତି ଜିଲ୍ଲାକୁ ନିଶା ନିବାରଣ ପାଇଁ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ମଧ୍ୟ ବ୍ୟବସ୍ଥା ଅଛି । ଅର୍ଥ ରାଶି ଖର୍ଚ୍ଚ କରିବା ପାଇଁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

ସୂଚନା ଅନୁସାରେ ଲୋକଙ୍କ ମଧ୍ୟରେ ନିଶା ଦ୍ରବ୍ୟ ସେବନର କୁପ୍ରଭାବ ସମ୍ପର୍କରେ ସଚେତତା ସୃଷ୍ଟି ସହିତ ନିଶା ତ୍ୟାଗର ଆବଶ୍ୟକତା ଓ ସେବନ ହ୍ରାସ କରିବା ଏହି ଯୋଜନାର ଉଦ୍ଦେଶ୍ୟଛ ଏଥିସହ ନିଶା ନିବାରଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେବାର ଥିଲା । ଛୋଟ ପିଲା, ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ଏଥରେ ସମିଲ କରି ନିଶା ସେବନ ଠାରୁ ଦୂରେଇ ରହିବା ପାଇଁ ପ୍ରବର୍ତ୍ତାଇବା ଏହାର ଲକ୍ଷ୍ୟ ଥିଲାଛ ଏହି କାମରେ ଏସ୍‌ଏସପିଡି ବିଭାଗ, ଅବକାରୀ ବିଭାଗ ସହିତ ବିଭିନ୍ନ ସାମାଜିକ, ବେସରକାରୀ ଏବଂ ଆଧ୍ୟାତ୍ମିକ ଅନୁଷ୍ଠାନଙ୍କୁ ସାମିଲ ପାଇଁ ନିର୍ଦ୍ଦେଶ ରହିଛି । ଏହା ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ରାଜନୈତିକ ସଭା ସମିତି, ମେଳା ମଉଛବ, ପର୍ବପର୍ବାଣି ପିକନିକ ପାର୍ଟି, ଅବସର ସମୟରେ ଅଧିକ ମାତ୍ରାରେ ବିଭିନ୍ନ ନିଶା ସେବନ ହେଉଛି । ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ ଥିବାବେଳେ ଜଳେଶ୍ୱର ଅଞ୍ଚଳରେ ସମସ୍ତ ପେଣ୍ଠସ୍ଥଳୀରେ ନିଶା ସାମଗ୍ରୀ ବିକ୍ରୟ ଓ ମାରାତ୍ମକ ନିଶା ସେବନ ସାଧାରଣ ଘଟଣାରେ ପରିଣତ ହୋଇଛି । ଜାତୀୟ ରାଜପଥ ଠାରୁ ଆରମ୍ଭ କରି ହସ୍ପିଟାଲ, ବିଦ୍ୟାଳୟ ପର୍ଯ୍ୟନ୍ତ ମଦ ଗୁଡୁଖା ବିକ୍ରୟ, ସେବନ ଓ ଛେପ ପକାଇବା ଦେଖାଯାଉଛି । ଯୁବପିଢ଼ି ନିଶା ସେବନକୁ ଫେସନ୍ ଓ ଟାଇମ୍ ପାସ୍ ଭାବରେ ନେଇ ଜୀବନକୁ ବିପଦ ଆଡ଼କୁ ଠେଲି ଯାଉଛନ୍ତି । ଅନ୍ୟପଟେ ଜଳେଶ୍ୱର ଅବକାରୀ ବିଭାଗ ଓ ସେଟ୍ ଲାଇଟ୍ ୟୁନିଟ ପାଖରେ ଅବାଧ ନିଶା ସାମଗ୍ରୀ ଉପରେ ରୋକ୍ ଲଗାଇବା ପାଇଁ ପର୍ଯ୍ୟାପ୍ତ ସାଧନର ଅଭାବ ରହିଛି । ଅପେକ୍ଷାକୃତ ବିହାର ଭଳି ପଛୁଆ ରାଜ୍ୟରେ ମଦ ପାନ ସମ୍ପୂର୍ଣ୍ଣ ନିଷେଧ ଥିବା ବେଳେ ଓଡ଼ିଶାରେ ସେ ସଙ୍କଳ୍ପ ପ୍ରତିଶ୍ରୁତି ସମସ୍ତେ ଭୁଲିଗଲେଣି । ଅବକାରୀ ଟିକସ ଆଦାୟ ନାଁରେ ସମସ୍ତ ଦୁର୍ଘଟଣାର କାରଣ ନିଶା ସେବନ ବୋଲି ଜାଣି ସମସ୍ତେ ଅଜଣା ହେଉଛନ୍ତି । ତେଣୁ ମାନସିକ, ସାମାଜିକ ରାଜନୈତିକ, ଆଧ୍ୟାତ୍ମିକ ଏବଂ ସବୁ ସ୍ତରରେ ଅବାଧ ନିଶା ନିବାରଣ ପାଇଁ ପ୍ରତିବଦ୍ଧତା ଓ ସଙ୍କଳ୍ପ ରହିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ମତ ରଖୁଛନ୍ତି ।

ଆଜିର ଦିନରେ ସବୁଠି ଠକିଯିବାର ଭୟ, ଆଇନ୍‌ର ହନନ ହେବାର ଆଶଙ୍କା, ମାନବାଧିକାର ଉଲ୍ଲଂଘନ ଏକ ନିୟମିତ ପ୍ରକ୍ରିୟା । ତେଣୁ ଜଣେ ସୂଚନା ଅଧିକାର ଆଇନ୍ ଅଧୀନରେ ବିଭିନ୍ନ ତଥ୍ୟ ମାଗିବା ସ୍ୱାଭାବିକ । ଜୀବନର ପ୍ରତିଟି କ୍ଷେତ୍ରରେ ସିଏ ଅନ୍ୟାୟର ଶିକାର ହେଉଛି । ତେଣୁ ବାରମ୍ବାର ଅଧିକଥର ତାକୁ ସୂଚନା ଆଇନ୍‌ର ସହାୟତା ଦରକାର ହେଉଛି । ତେଣୁ ସୂଚନା ଯୋଗାଇବାରେ ତାକୁ ସହଯୋଗ କରିବା ଦରକାର । ସୂଚନା ନଦେବା ମଧ୍ୟ ଏକ ଆଇନ୍ ଏବଂ ମାନବାଧିକାର ଉଲ୍ଲଂଘନ ବୋଲି ଧରାଯିବା ଉଚିତ୍ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୨ ଜାନୁଆରୀ, ୨୦୨୬ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ଜଣେ ବ୍ୟକ୍ତି କ'ଣ ବର୍ଷକୁ ମାତ୍ର ୧୨ଥର ଅନ୍ୟାୟର ଶିକାର ହୁଏ?

**ପ୍ର**ତିଟି କ୍ଷେତ୍ରରେ ଆଜିର ଦିନରେ ମଣିଷ ଅନ୍ୟାୟର ଶିକାର ହେଉଛି । ଯେଉଁ କାମ ପାଇଁ ଯେକୌଣସି ସରକାରୀ ଅଫିସ୍‌କୁ ଯାଆନ୍ତୁ ଆପଣଙ୍କ କାମ ଯେ ଦିନକ ଭିତରେ ହୋଇଯିବ ଏ ଆଶା ଆମ ଦେଶରେ କି ରାଜ୍ୟରେ କରିହୁଏନି । ବାରମ୍ବାର ଦୌଡ଼ିବାକୁ ପଡ଼େ, ଆପଣଙ୍କ ଆଉ ସବୁପ୍ରକାର କାଗଜପତ୍ର ଠିକ୍ ଥାଇ ମଧ୍ୟ । ତେଣୁ ଜଣେ ସଚେତନ ମଣିଷ ଯିଏ ଆଇନ୍ କାନୁନ୍ ଜାଣେ ସିଏ ନିଶ୍ଚେ ସୂଚନା ଅଧିକାର ଆଇନ୍ ଅଧୀନରେ ତଥ୍ୟ ମାଗିବା ସ୍ୱଭାବିକ, ଯଦି ସିଏ ଅନ୍ୟାୟର ଶିକାର ହେଉଥାଏ । ତେଣୁ ଜଣେ ଯେ କେବଳ ବର୍ଷକୁ ୧୨ଥର ଅନ୍ୟାୟର ଶିକାର ହେବ ଏକଥା କହିହେବନି । ଆମ ଦେଶର ଶାସନ ବ୍ୟବସ୍ଥା ଏବଂ ପ୍ରଶାସନିକ ସେବାର ମାନ ଯେଉଁଭଳି ବିପର୍ଯ୍ୟସ୍ତ ସେଠି ୧୨ଥର କ'ଣ ବର୍ଷକୁ ୧୨ଶହ ଥର ମଧ୍ୟ ବିଭିନ୍ନ ତଥ୍ୟ ଜଣେ ମାଗିବାର ଆବଶ୍ୟକତା ପଡ଼ିପାରେ । ଆଇନ୍‌ର ପ୍ରୟୋଗ କେତେ ସ୍ୱଚ୍ଛତାର ସହ ଅନୁପାଳନ କରାଯାଉଛି ସେଇଟା ହିଁ ଗୁରୁତ୍ୱପୂର୍ଣ୍ଣ । କେବଳ ଆଇନ୍ କରିଦେଲେ ତାହା ଯଥେଷ୍ଟ ନୁହେଁ । ଏଭଳି ଏକ ସମୟରେ ମାନ୍ୟବର ହାଇକୋର୍ଟଙ୍କ ରାୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ ।

ସୂଚନା ଅଧିକାର ଆଇନ୍ (ଆର୍‌ଟିଆଇ) ଅଧୀନରେ ବାରମ୍ବାର ତଥ୍ୟ ମାଗି ଦରଖାସ୍ତ ଦାଖଲ କରୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ଓଡ଼ିଶା ସୂଚନା କମିଶନ ଲଗାଇଥିବା କଟକଣାକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଛନ୍ତି । ଆର୍‌ଟିଆଇ ଆଇନ୍ ଅନୁସାରେ ତଥ୍ୟ ଲୋଡ଼ି ଦରଖାସ୍ତ ଦାଖଲ କରିବା ଆବେଦନକାରୀଙ୍କ ଅଭ୍ୟାସ ହୋଇଥିଲେ ମଧ୍ୟ କମିଶନ ଏପରି କଟକଣା ଜାରି କରିବା ଆଇନ୍ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ଏଥିସହିତ, ଏକବର୍ଷ ପାଇଁ ଆର୍‌ଟିଆଇ ଅଧୀନରେ କମିଶନଙ୍କ ନିକଟରେ କୌଣସି ଦରଖାସ୍ତ ଦାଖଲ କରିବା ପାଇଁ ଆବେଦନକାରୀଙ୍କୁ ବାରଣ କରି ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ବର୍ଷକୁ ଆବେଦନକାରୀ ଆର୍‌ଟିଆଇ ଆଇନ୍ ଅନୁସାରେ ୧୨ଟି ଦରଖାସ୍ତ ଦାଖଲ କରିପାରିବେ ବୋଲି କମିଶନ ଦେଇଥିବା ନିର୍ଦ୍ଦେଶ ଅଯୌକ୍ତିକ ବୋଲି ହାଇକୋର୍ଟ କହିଛନ୍ତି । ଦରଖାସ୍ତ ଅନୁସାରେ ଆବେଦନକାରୀଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ତେଣୁ ପୂର୍ବରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ବାଦ୍ ଦେଇ ଅବଶିଷ୍ଟ ତଥ୍ୟ ଆବେଦନକାରୀଙ୍କୁ ପ୍ରଦାନ କରାଯିବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି ।

ଅନେକ ସମୟରେ ଦେଖାଯାଉଛି– ଆବେଦନକାରୀଙ୍କୁ ତଥ୍ୟ ପାଇଁ ଅନେକ ସମୟ ଅପେକ୍ଷା କରିବାକୁ ପଡୁଛି, ବେଳେବେଳେ ଯେଉଁ ତଥ୍ୟ ମିଳୁଛି ତାହା ଅସଂପୂର୍ଣ୍ଣ ମଧ୍ୟ ରହୁଛି । ତଥ୍ୟ ମାଗିଥିବା ବ୍ୟକ୍ତିଙ୍କର ଯେଉଁ ତଥ୍ୟ ଦରକାର ତାହା ମିଳୁନାହିଁ ।

ଏଇଠି ଏକ ଉଦାହରଣ ଦେଉଛି– ଏକ ଖବରରୁ ଜଣାଯାଇଛି ରାଜ୍ୟରେ ମାଲମାଲ ଫେକ୍ ବା ନକଲି ପଲ୍ୟୁସନ ସେଣ୍ଟର ଗାଡ଼ି ଚାଳକଙ୍କୁ ଠକିଛନ୍ତି ବୋଲି ଜଣାଯାଇଛି । ୫୨ଟି ସେଣ୍ଟରର ଲାଇସେନ୍ସ ରଦ୍ଦ କରାଯାଇଛି । ପ୍ରଶ୍ନ ଉଠୁଛି ସେମାନଙ୍କୁ ଲାଇସେନ୍ସ ଦେଲା କିଏ? ଯଦି ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ସରକାର ସଫେଇ ଦେଉଛନ୍ତି ତା'ହେଲେ ସେମାନେ ନିଶ୍ଚିତ ଭାବରେ ଲାଇସେନ୍ସ ପାଇଥିଲେ? କିନ୍ତୁ ସେମାନେ ଅସଲି କି ନକଲି ଏକଥା ପରିବହନ ବିଭାଗ ଜାଣିପାରିଲାନି କେମିତି? ଆଉ ଏକ ପ୍ରଶ୍ନ ହେଉଛି ଯେଉଁମାନେ ନକଲି ପଲ୍ୟୁସନ ସେଣ୍ଟରରେ ଗାଡ଼ିର ପଲ୍ୟୁସନ ଟେଷ୍ଟ କରାଇ ସାର୍ଟିଫିକେଟ୍ ନେଇଥିଲେ ସେମାନେ ଆଉଥରେ କାହିଁକି ଅସଲି ସେଣ୍ଟରରେ ଟେଷ୍ଟ କରାଇବେ, ପରିବହନ ବିଭାଗର ଦାୟିତ୍ୱହୀନତା ପାଇଁ?

ଅସଲି ନକଲି ଯାଞ୍ଚ କରିବାର ଦାୟିତ୍ୱ କାହାର?

ଆମେ ଯେଉଁ ତେଲ, ଘିଅ, ଖାଦ୍ୟ ସାମଗ୍ରୀ ଏବଂ ଔଷଧ ଖାଉଛେ ତାହା ଯେ ନକଲି ହୋଇଥାଇପାରେ ଆମେ କେମିତି ଜାଣିବା? ସେସବୁର ଯାଞ୍ଚ ପାଇଁ ସରକାରୀ ସଂସ୍ଥା ରହିଛି । ତେଣୁ ସେମାନେ ଯାଞ୍ଚ କରିବା ଉଚିତ୍ । ଠିକ୍ ସେମିତି ପଲ୍ୟୁସନ ସେଣ୍ଟରଗୁଡ଼ିକ ଅସଲି କି ନକଲି ଏହାର ଯାଞ୍ଚ ପରିବହନ ବିଭାଗ କରିବା ଉଚିତ୍ ଥିଲା । ରାସ୍ତାରେ ପଲ୍ୟୁସନ ସେଣ୍ଟର ଗାଡ଼ି ରଖି ବିଭିନ୍ନ ଜାଗାରେ ପଲ୍ୟୁସନ ଟେଷ୍ଟ କରାଯାଉଥିଲା, ଏ ଦୃଶ୍ୟ କ'ଣ ପରିବହନ ବିଭାଗ ଆଖିରେ ପଡ଼ିନି? ଯାଞ୍ଚ କଲେନି କାହିଁକି? ଯଦି ନିୟମିତ ଯାଞ୍ଚ କରିଥାନ୍ତେ ତା'ହେଲେ ସାଧାରଣ ଲୋକେ ଏଭଳି ହରକର ହେଉନଥାନ୍ତେ କି ଠକାମିର ଶିକାର ହେଉନଥାନ୍ତେ ।

ତେଣୁ ଆଜିର ଦିନରେ ସବୁଠି ଠକିଯିବାର ଭୟ, ଆଇନ୍‌ର ହନନ ହେବାର ଆଶଙ୍କା, ମାନବାଧିକାର ଉଲ୍ଲଂଘନ ଏକ ନିୟମିତ ପ୍ରକ୍ରିୟା । ତେଣୁ ଜଣେ ସୂଚନା ଅଧିକାର ଆଇନ୍ ଅଧୀନରେ ବିଭିନ୍ନ ତଥ୍ୟ ମାଗିବା ସ୍ୱାଭାବିକ । ଜୀବନର ପ୍ରତିଟି କ୍ଷେତ୍ରରେ ସିଏ ଅନ୍ୟାୟର ଶିକାର ହେଉଛି । ତେଣୁ ବାରମ୍ବାର ଅଧିକଥର ତାକୁ ସୂଚନା ଆଇନ୍‌ର ସହାୟତା ଦରକାର ହେଉଛି । ତେଣୁ ସୂଚନା ଯୋଗାଇବାରେ ତାକୁ ସହଯୋଗ କରିବା ଦରକାର । ସୂଚନା ନଦେବା ମଧ୍ୟ ଏକ ଆଇନ୍ ଏବଂ ମାନବାଧିକାର ଉଲ୍ଲଂଘନ ବୋଲି ଧରାଯିବା ଉଚିତ୍ ।

# ଭଗବାନଙ୍କୁ ସାଥି କରିନେଲେ ଭୟ ଦୂରେଇଯାଏ...

### ସତ କହିବାକୁ କିଆଁ ଡରିବି

◆ **ଅମ୍ବିକା ପ୍ରସାଦ ଦାସ** ◆

**ଏବେ ଠିକଣା ବଦଳିଛି, ହୁଏତ ଅନ୍ୟ କାହାରିକୁ ସେହି ଘର ଆବଣ୍ଟନ ହୋଇସାରିବଣି, କିନ୍ତୁ ପ୍ରତିବର୍ଷ ନିୟମିତ ବ୍ୟବଧାନରେ ଭଗବାନଙ୍କର ଦିବ୍ୟ ପ୍ରତିମାଙ୍କ ଉପସ୍ଥିତି ସାଙ୍ଗକୁ ଆଧ୍ୟାତ୍ମିକ ବାତାବରଣ ଯେ ସମସ୍ତ ନକରାତ୍ମକ ଶକ୍ତିକୁ ନାଶ କରିସାରିଛି ଏଥିନେଇ ଅନ୍ତତଃ ମୋ ମନରେ କୌଣସି ଦ୍ୱନ୍ଦ୍ୱ ନାହିଁ । ମଣିଷ ଅହମିକାର ବଶବର୍ତ୍ତୀ ହୋଇ ଭାବେ- ଯାହାକିଛି ମିଳିଛି ବା ମିଳୁଛି ସେସବୁ ତା' ନିଜ ଉଦ୍ୟମରୁ, କେବେବି ଭାବେନି- ସମଗ୍ର ସୃଷ୍ଟିକୁ ଯିଏ ନିୟନ୍ତ୍ରଣ କରୁଛନ୍ତି ତାଙ୍କ ଇସାରାରେ ସବୁକିଛି ଘଟୁଛି ।**

**ବେ**ଳେବେଳେ ଆଖି ସାମ୍ନାରେ ସବୁ ଠିକ୍‌ଠାକ୍ ଥାଇ ବି ମଣିଷ ଦ୍ୱନ୍ଦ୍ୱରେ ପଡ଼େ। ମନକୁ ମନ ପଚାରେ– ଏହା ସମ୍ଭବ ହେଲା କେମିତି? କେମିତିର କାରଣ ଖୋଜୁଖୋଜୁ ଉତ୍ତର ଯାହାଙ୍କ ପାଖରୁ ମିଳେ ସେ କିନ୍ତୁ ଦୃଶ୍ୟମାନ ହୁଅନ୍ତିନି । ଅନୁଭବରେ ହିଁ ତାଙ୍କୁ ପାଇହୁଏ ।

ଏମିତି ଦ୍ୱନ୍ଦ୍ୱରେ ପଡ଼ିଥିଲେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର କୃତ୍ତିବାସ ପରିଡ଼ା । ତାଙ୍କ ମନରୁ ସଂଶୟ ଦୂର ହେବାକୁ ଲାଗିଗଲା ବେଶ୍ କିଛିବର୍ଷ ।

ଘଟଣାଟି ଏଥର ଫିଟେଇ କୁହେ । ୨୫ବର୍ଷ ତଳର କଥା। ରାଜ୍ୟସ୍ତରୀୟ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ଅନ୍ୟମାନଙ୍କୁ ରାଜଧାନୀରେ ରିହାତି ମୂଲ୍ୟରେ ସରକାରୀ ଘରେ ରହିବାର ସୁବିଧା ମିଳିଥିଲେ ହେଁ ମୋତେ ଚଢ଼ାଦରରେ ଭଡ଼ାଘରେ ରହିବାକୁ ପଡୁଥିଲା । ମୋର ଆବେଦନ ସାଧାରଣ ପ୍ରଶାସନ ବିଭାଗରେ ବେଶ୍ କିଛିବର୍ଷ ପଡ଼ିକି ରହିଲା । ସକରାତ୍ମକ ବିଚାର ସମ୍ଭବ ହେଲାନି ମୋ' ସପକ୍ଷରେ ।

୨୦୦୧ ମସିହା ଆରମ୍ଭରେ ସ୍ଥିତି ବଦଳିଲା, ମୋତେ ଓ 'ହିନ୍ଦୁ'ର ପ୍ରତିନିଧି ପ୍ରଫୁଲ୍ଲ ଦାସଙ୍କୁ ସରକାରୀ ଘର ଆବଣ୍ଟନ ହେଲା । ରାଜୀବ ଭବନ ପଛପଟେ ମିଳିଥିଲା ଘର । ଢେର୍ ରାତିରେ କାମ ସାରି ଅଫିସ୍‌ରୁ ଫେରିବାକୁ ପଡୁଥିଲା, ତେଣୁ ଶୁନ୍‌ଶାନ୍ ରାତିରେ ନିଛାଟିଆ ଜାଗାରେ ରହିବାକୁ ମନ ମାନିଲାନି ।

ସେତେବେଳେ ମୁଖ୍ୟ ସଚିବ ଥା'ନ୍ତି ଦେବୀ ପ୍ରସାଦ ବାଗ୍‌ଚୀ । ବ୍ୟକ୍ତିଗତ ଭାବେ ଜାଣିଥିଲେ ମୋତେ । ତାଙ୍କୁ ମନକଥା କହିଲି । ୟୁନିଟ୍–୬ ମନ୍ଦିର ପାଖରେ ଘରଟିଏ ଖାଲିଅଛି, ଯଦି ସେଠାକୁ ବଦଳାଇ ଦିଅନ୍ତେ ତେବେ ଭଲ ହୁଅନ୍ତା । ସେ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଡାକି ୟୁନିଟ୍–୬ରେ ଘର ଆବଣ୍ଟନ ଲାଗି ମୌଖିକ ଆଦେଶ ଦେଲେ । ସ୍ୱତନ୍ତ୍ର ସଚିବ କହିଲେ– ଆପଣଙ୍କ ସପକ୍ଷରେ ପୂର୍ବରୁ ଦିଆଯାଇଥିବା ଆବଣ୍ଟନ ଆଦେଶ ଏବେ ବଦଳିଯିବ । ହେଲେ ଆପଣ ଯେଉଁ କ୍ୱାର୍ଟର୍ସରେ ରହିବା ପାଇଁ ଚାହୁଁଛନ୍ତି ସେଠି କେହି ବି ରହୁନାହାନ୍ତି । ଯିଏ ନେଉଛନ୍ତି ଛାଡ଼ି ଦେଉଛନ୍ତି । ତେଣୁ ଦ୍ୱିତୀୟ ଥର ପାଇଁ ଆପଣଙ୍କ ଆବଣ୍ଟନ ଆଦେଶ ବଦଳିଲେ ଆଉ ପରେ ବଦଳାଇବାକୁ କହିବେନି । ତାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଲି । ପଚାରିଲି– କାଇଁ ସେ ଘର କ'ଣ ଭୂତକୋଠି? ଲୋକେ ଛାଡ଼ି ଦେଉଛନ୍ତି କାହିଁକି?

ସେ ବୁଝାଇବାକୁ ଯାଇ କହିଲେ– ସେମିତି କିଛି ନୁହେଁ, କିନ୍ତୁ ପାଖରେ ଥିବା ଖେଳପଡ଼ିଆରୁ ବଲ୍ ପଡୁଥିବାରୁ ସେଇ କ୍ୱାର୍ଟର୍ସରେ ରହିବାକୁ କେହି ଚାହୁଁନାହାନ୍ତି । ଆଶ୍ୱସ୍ତ ହେଲି । ଭାବିଲି– ସରକାରଙ୍କ ଘର, ସରକାର ପାଚେରି କରିଦେଲେ ବଲ୍ ସମସ୍ୟା ସମାଧାନ ହୋଇଯିବ !! ପରେ ଅବଶ୍ୟ ପାଚେରି ତିଆରି ହେଲା ।

ସରକାରୀ ଘରେ ରହିବା ପରେ ଅଗ୍ରଜପ୍ରତିମ ଡାକ୍ତର ପରିଡ଼ା ବହୁବାର ଆସିଛନ୍ତି, ହେଲେ ମୋ' ଆଡ଼କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହାନ୍ତି । କିନ୍ତୁ ତାଙ୍କ ମନର ପ୍ରଶ୍ନକୁ ସେମିତି ମନରେ ରଖି ଫେରିଯା'ନ୍ତି ସେ । ଏମିତିରେ ବର୍ଷ ପରେ ବର୍ଷ ଗଡ଼ିଚାଲିଲା ।

ଦିନକର କଥା, ସକାଳ ବୁଲା ସାରି ସେ, ମୁଁ ଓ ରାଜ୍ୟପାଳଙ୍କ ଏଡିସି ଫେରୁଥାଉ । କ୍ୱାର୍ଟର୍ସ ପାଖ ରାଧାକୃଷ୍ଣ ମନ୍ଦିରରେ ତିନିହେଁ ମୁଣ୍ଡିଆ ମାରିଲୁ, ସେ ହଠାତ୍ ଏଡିସିଙ୍କ ଉଦ୍ଦେଶ୍ୟରେ କହିଲେ– ଆପଣ ଜାଣିଛନ୍ତି, ଅମ୍ବିକା ଯେଉଁ କ୍ୱାର୍ଟର୍ସରେ ରହୁଛି ତା' ପଛର ରହସ୍ୟ ? ଏଡିସି ଓ ମୁଁ ଦୁହେଁ ତାଙ୍କଠାରୁ ଏକଥା ଶୁଣି ଚିନ୍ତାରେ ପଡ଼ିଲୁ । କେଉଁ ରହସ୍ୟ କଥା କହୁଛନ୍ତି ସେ? ସେ କହିଲେ– ଏଇ କ୍ୱାର୍ଟର୍ସ ବରାବର ଖାଲିପଡୁଥିଲା, ସାଧ୍ୱୀ ରାସେଶ୍ୱରୀଦେବୀ ଭୁବନେଶ୍ୱର ଆସିଲେ ରହନ୍ତି ସେଠି । ଦିନେ ଚିକିତ୍ସା ପାଇଁ ତାଙ୍କ ପାଖକୁ ଯିବା ବେଳେ ସେ ଏକ ଆତଙ୍କପ୍ରଦ ସୂଚନା ଦେଲେ । କହିଲେ– ଏଠି କେହି ରହିପାରିବେନି !! ଏଇ କ୍ୱାର୍ଟର୍ସରେ ଏମିତି ଗୋଟେ ଶକ୍ତି ଅଛି ଯାହାର ନକରାତ୍ମକ ପ୍ରଭାବରେ ନାନା ଅଘଟଣ ଘଟେ । ମୁଁ ଏଠାକୁ ଆସିଲେ ଯଜ୍ଞାନୁଷ୍ଠାନ କରେ, ତା'ପରେ ରୁହେ... । ଅମ୍ବିକାକୁ କ୍ୱାର୍ଟର୍ସ ମିଳିବା ପରେ ଚିନ୍ତାରେ ପଡ଼ିଲି ମୁଁ । କାଳେ ଏକଥା କହିଲେ ସେ ମନରେ ଭୟ ପାଇଯିବ ତେଣୁ ରାସେଶ୍ୱରୀଦେବୀଙ୍କ ଆତଙ୍କପ୍ରଦ ସୂଚନା ସମ୍ପର୍କରେ କିଛି ବି କହିନଥିଲି ତାକୁ । ହେଲେ ଏତେବର୍ଷ ପରେ ସେ ସ୍ୱାଭାବିକ ଭାବେ ସେଠି ରହିବା ସହ ତା' ଜୀବନରେ ଅନେକକିଛି ପ୍ରାପ୍ତି ସମ୍ଭବ ହେବା ଦେଖି ଆଶ୍ଚର୍ଯ୍ୟ ଲାଗିଲା ମୋତେ । ସବୁବେଳେ ମନରେ ପ୍ରଶ୍ନ ଜାଗେ– ଏହା ସମ୍ଭବ ହେଲା କେମିତି?

ସେଦିନ କୃତ୍ତିବାସଭାଇ ଏତକ କହିସାରିବା ପରେ ମୁଁ କହିଥିଲି– ସବୁ ପଛରେ ହିଁ ସିଏ, ପରମାତ୍ମା ପରମେଶ୍ୱର !!! ତାଙ୍କୁ ସାଥୀ କରିନେଲେ ଭୟ ଓ କଷ୍ଟ ତା' ବାଟ କାଟି ଚାଲିଯାଏ। ଏକଥା ମର୍ମେ ମର୍ମେ ଅନୁଭବ କରିଛି । କୃତ୍ତିବାସଭାଇ ୟୁନିଟ୍–୬ସ୍ଥିତ ତାଙ୍କ ସରକାରୀ ଘର ଛାଡ଼ି ନିଜ ଘରକୁ ଚାଲିଯିବାର କିଛିବର୍ଷ ହେଲାଣି, ମୁଁ ମଧ୍ୟ ଏହା ଭିତରେ ୨୫ବର୍ଷ ପୂରିବା ଆଗରୁ ସରକାରୀ ଘର ସରକାରଙ୍କୁ ହସ୍ତାନ୍ତର କରି ନିଜସ୍ୱ ଘରକୁ ସ୍ଥାନାନ୍ତରିତ ହୋଇସାରିଲିଣି । କିନ୍ତୁ ରାସେଶ୍ୱରୀଦେବୀଙ୍କର ଆତଙ୍କପ୍ରଦ ସୂଚନା ଆଧାରରେ ସେମିତି କିଛି ଅନୁଭବ କରିନଥିଲି ସେଠି ମୋର ଦୀର୍ଘକାଳୀନ ରହଣୀ ମଧ୍ୟରେ ।

ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ମନ୍ଦିର ଯାଏ, ଦୋଳରେ ଚାଚେରି ଭୋଗଲାଗି ବିମାନରେ କ୍ୱାର୍ଟର୍ସକୁ ବିଜେ କରନ୍ତି ମହାପ୍ରଭୁ । ରାଧାଷ୍ଟମୀରେ ମା' ରାଧାରାଣୀ ଆମ କ୍ୱାର୍ଟର୍ସକୁ ବିଜେ କରନ୍ତି, ପୂଜାର୍ଚ୍ଚନା ହୁଏ, ଗୁଣ୍ଡିଚା ବେଳେ ରଥରେ ଠାକୁରେ ଆସିଲେ ଦଣ୍ଡେ ଅଟକନ୍ତି ସେହି କ୍ୱାର୍ଟର୍ସ ସାମ୍ନାରେ । ପୋଡ଼ ପିଠା ଭୋଗହୁଏ । ଏହି ଅତୁଟ ବନ୍ଧନରେ କେତେବେଳେ ଏତେବର୍ଷ ଚାଲିଗଲା ଜାଣିହେଲାନି ।

ଖାଲି ମୋ' କ୍ଷେତ୍ରରେ ନୁହେଁ ଭଗବତ୍‌ସମର୍ପିତ ପ୍ରତିଟି ମଣିଷ କ୍ଷେତ୍ରରେ ଏମିତି ଚମତ୍କାର ହୁଏ, ସାମ୍ନାରେ ଥିବା ଲୋକେ 'କେମିତି'ର ସିନା ଉତ୍ତର ଖୋଜିଚାଲନ୍ତି, ଉତ୍ତର କିନ୍ତୁ ଥାଏ ତାଙ୍କ ପାଖରେ ଯାହାଙ୍କୁ କେବଳ ଅନୁଭବ କରିହୁଏ ।

ଏବେ ଠିକଣା ବଦଳିଛି, ହୁଏତ ଅନ୍ୟ କାହାରିକୁ ସେହି ଘର ଆବଣ୍ଟନ ହୋଇସାରିବଣି, କିନ୍ତୁ ପ୍ରତିବର୍ଷ ନିୟମିତ ବ୍ୟବଧାନରେ ଭଗବାନଙ୍କର ଦିବ୍ୟ ପ୍ରତିମାଙ୍କ ଉପସ୍ଥିତି ସାଙ୍ଗକୁ ଆଧ୍ୟାତ୍ମିକ ବାତାବରଣ ଯେ ସମସ୍ତ ନକରାତ୍ମକ ଶକ୍ତିକୁ ନାଶ କରିସାରିଛି ଏଥିନେଇ ଅନ୍ତତଃ ମୋ ମନରେ କୌଣସି ଦ୍ୱନ୍ଦ୍ୱ ନାହିଁ ।

ମଣିଷ ଅହମିକାର ବଶବର୍ତ୍ତୀ ହୋଇ ଭାବେ– ଯାହାକିଛି ମିଳିଛି ବା ମିଳୁଛି ସେସବୁ ତା' ନିଜ ଉଦ୍ୟମରୁ, କେବେବି ଭାବେନି– ସମଗ୍ର ସୃଷ୍ଟିକୁ ଯିଏ ନିୟନ୍ତ୍ରଣ କରୁଛନ୍ତି ତାଙ୍କ ଇସାରାରେ ସବୁକିଛି ଘଟୁଛି ।

ବଡ଼ିମା ଦେଖାଉଥିବା ଅନେକ ବଡ଼ବଡ଼ିଆ କଚଡ଼ା ଖା'ନ୍ତି । କିନ୍ତୁ ଭଲ ସମୟ ହେଉ କି କଷ୍ଟ ସମୟ ହେଉ ସବୁ ସମୟରେ ଯିଏ ଭଗବାନଙ୍କୁ ମନେମନେ ନିଜର ସାଥି କରିନିଏ ତା' ମନରୁ ଆପେ ଭୟ ଦୂରେଇ ଯାଏ । ଏଥିସହିତ ଭଗବାନ ଯେ ତା' ପାଖେ ପାଖେ ଅଛନ୍ତି ଏତିକି ଭାବି ମନକୁ ଦୃଢ଼ କରିନେଲେ ନକରାତ୍ମକ ଭାବନା ଓ ଶକ୍ତି ଯେ ବାଟକାଟି ଚାଲିଯା'ନ୍ତି ଏଇ ଘଟଣା ଏକ ଛୋଟ ଉଦାହରଣ ମାତ୍ର ।

# ମାଘ ସପ୍ତମୀ ଚନ୍ଦ୍ରଭାଗା ବୁଡ ଓ ସୂର୍ଯ୍ୟ ଦର୍ଶନ

■ **ନିର୍ମଳ କୁମାର ପ୍ରଧାନ** ■

**ଯ**ଥା ପିଣ୍ଡ ତଥା ବ୍ରହ୍ମାଣ୍ଡରୁ ଜଣାଯାଏ ଯେ ପିଣ୍ଡ ଓ ବ୍ରହ୍ମାଣ୍ଡ ଏକ ଅଟେ । ପଞ୍ଚଭୂତରେ ବ୍ରହ୍ମାଣ୍ଡ ତିଆରି ହୋଇଥିବା ବେଳେ ପଞ୍ଚଭୂତରେ ମଧ୍ୟ ପିଣ୍ଡ ତିଆରି ହୋଇଛି । ଜୀବ ଶରୀର ଯେଉଁ ଉପାଦାନରେ ନିର୍ମିତ ପୃଥିବୀ ସେହି ଉପାଦାନର ଭଣ୍ଡାର ଅଟେ । ପୃଥିବୀ ଓ ଜୀବର ଉପାଦାନ ଏକ ହେଲେ ହେଁ ପୃଥିବୀ ଜଡ ଓ ଜୀବ ଚେତନଶୀଳ ଅଟେ । ସେହିପରି ପୃଥିବୀ ବିଶ୍ୱ ବ୍ରହ୍ମାଣ୍ଡର ଅଂଶ ଭାବେ ବିଶ୍ୱ ବ୍ରହ୍ମାଣ୍ଡର ମୂଳ ଉପାଦାନ ପୃଥିବୀ ସହିତ ସୌରମଣ୍ଡଳରେ ମଧ୍ୟ ବ୍ୟାପୀ ରହିଛି । ସୌର ମଣ୍ଡଳର ଯେ ମୁଖ୍ୟ ଯେ ସୂର୍ଯ୍ୟ, ସେ ସକଳ ଶକ୍ତିର ଆଧାର । ମୁଖ୍ୟତ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ସାକାର ଓ ନିରାକାର ରୂପେ ପ୍ରକାଶିତ ଅଣୁରୁ ଜୀବଜଗତ ତିଷ୍ଠି ରହିଛି । ସେହି ସାକାର ଓ ନିରାକାର ଅଣୁ ଜ୍ୟୋତିର ତାରତମ୍ୟରେ ଜୀବଜଗତର ଅବସାନ ଘଟିଥାଏ । ସେହି ଅଦ୍ଭୁତ ଶକ୍ତି ସଂପୂର୍ଣ୍ଣ ଦିବ୍ୟ ଜ୍ୟୋତିକୁ ଦର୍ଶନ କରି ମୁକ୍ତି ମାର୍ଗର ଅନ୍ୱେଷଣ ପାଇଁ ସୃଷ୍ଟି ଆଦ୍ୟରୁ ସାମିପ୍ୟ ଓ ସାନ୍ନିଧ ଦର୍ଶନ ପାଇଁ ଏହି କୋଣାର୍କ ଚନ୍ଦ୍ରଭାଗାକୁ ପୂର୍ବପୁରୁଷ ନିର୍ଦ୍ଦିଷ୍ଟ କରିଯାଇ ଅଛନ୍ତି । ପ୍ରତି ବର୍ଷ ମାଘ ଶୁକ୍ଳ ସପ୍ତମୀ ଦିନ ସୂର୍ଯ୍ୟ ଏଠାରେ ଅତି ନିକଟରେ ଅର୍ଥାତ ସୂର୍ଯ୍ୟ ଚକ୍ରବାକରେ ଉପସ୍ଥିତ ହୁଅନ୍ତି । ମାଘ ମାସ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟ ମକର କ୍ରାନ୍ତିରେ ଅବସ୍ଥାନ କରୁଥିବାରୁ ଅତି ନିକଟରେ ଦେଖାଯାନ୍ତି ।

ସୂର୍ଯ୍ୟକିରଣ ପଡିବାର ବହୁ ପୂର୍ବରୁ ଉଷାବେଳରୁ ହିଁ ମନୁଷ୍ୟର କଲ୍ୟାଣକାରିଣୀ ବିଭୂତି ପୃଥିବୀ ପୃଷ୍ଠରେ ଅବତରଣ କରେ । ଜୀବମାନଙ୍କର ଆଳସ୍ୟ ଓ ନିଦ୍ରା ଦୂର ହୁଏ । ନବ ଜୀବନ ସଞ୍ଚାରିତ ହୁଏ । ଦେହରେ ଦୂଷିତ ଅଂଶ ମଳ ମୂତ୍ରାଦି ବହିର୍ଗତ ହୁଏ । ଏହି ସମୟରେ ବାୟୁ ମଣ୍ଡଳ ପ୍ରଦୂଷଣ ରହିତ ଥାଏ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ସବୁଠାରୁ ଅଧିକ (୪୧ ପ୍ରତିଶତ) ଥାଏ । ଯାହା ଫୁସଫୁସର ବୃଦ୍ଧି ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଶୁଦ୍ଧ ବାୟୁ ମିଳିବ ଦ୍ୱାରା ମନ, ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏ, ଋକ୍‌ବେଦ, ମଣ୍ଡଳ ୧୦ ସୂକ୍ତ ୧୩୭, ମନ୍ତ୍ର ୨ରେ କୁହାଯାଇଛି–

'ଦ୍ୱାବି ମୌ ବା ତୌ ବାତ–
ଆମ୍ବିନ୍ଧୋରା ପରବତ,
ଦକ୍ଷଞ୍ଚତେ ଅନ୍ୟ ଆ ବାତୁ–
ପରା ଦ୍ୟୋ ବାତୁ ଯଦ୍ରପ ।'

ଅର୍ଥାତ–ମନୁଷ୍ୟ ଶରୀରରେ ପ୍ରାଣ ଓ ଅପାନ ଦୁଇଟି ବାୟୁ ଯାତାୟାତ କରୁଅଛି । ପ୍ରାଣବାୟୁ ବାହାରୁ ନାସିକା ମଧ୍ୟ ଦେଇ ଶରୀର ଭିତରକୁ ଯାଇ ବଳ ପ୍ରଦାନ କରି ପ୍ରାଣଶକ୍ତିକୁ ବଢାଇବା ସଙ୍ଗେ ସଙ୍ଗେ ରକ୍ତ ସହିତ ସଂଯୋଗ ହୋଇ ଦେହ ମଧ୍ୟରେ ଜନ୍ମିଥିବା ଦୂଷିତ ଅଂଶକୁ ଅପାନ ବାୟୁ ରୂପରେ ବାହାରକୁ ନିକ୍ଷେପ କରେ । ଏହା ଦ୍ୱାରା ରକ୍ତ ଶୁଦ୍ଧ ହୁଏ, କର୍ମ ପାଇଁ ଉତ୍ସାହ ଜନ୍ମେ । ଆୟୁର୍ବେଦ ଅନୁସାରେ ବ୍ରହ୍ମ ମୁହୂର୍ତ୍ତରେ ଉଠି ବୁଲାବୁଲି କରିବା ଦ୍ୱାରା ଶରୀରରେ ସଞ୍ଜିବନୀ ଶକ୍ତି ସଂଚାରିତ ହୋଇଥାଏ । ଉକ୍ତ ସ୍ଥାନଟି ଭାରତର ପୂର୍ବ ଭାଗର ବିଶାଳ ସମୁଦ୍ର ଜଳରାଶି, ବାଲୁକାମୟ ବେଳାଭୂମି ଓ ଚନ୍ଦ୍ରଭାଗା ନଦୀ ସଂଯୋଗର ଏକ ମହନୀୟ ପରିବେଶ ଅଟେ ।

ସ୍ୱର୍ଗଲୋକ ଚିର, ବାସୋ ୟେଷା, ମନସି ବର୍ତରେ, ଯତ୍ର କ୍ୱାପି ଜଳେ ତେସ୍ତୁ ସ୍ନାତୟ, ମୃଗ ଭାସ୍କରେ ।'

ଅର୍ଥାତ–ଯେଉଁ ମନୁଷ୍ୟମାନେ ଚିରକାଳ ପର୍ଯ୍ୟନ୍ତ ସ୍ୱର୍ଗ ଲୋକରେ ରହିବାକୁ ଇଚ୍ଛା କରନ୍ତି । ସେମାନେ ମାଘ ମାସରେ ସୂର୍ଯ୍ୟଙ୍କ ମକର ରାଶିରେ ଅବସ୍ଥାନ ହେବା ଅବସରରେ ପବିତ୍ର ନଦୀରେ ପ୍ରାତଃ ସମୟରେ ସ୍ନାନ କରିବା ଉଚିତ । ତେଣୁ ସ୍ରୋତଜଳ, ନଦୀ, ନାଳ, ଝରଣା ପାଣିର ସ୍ୱଚ୍ଛ ଓ ନିର୍ମଳ ପାଣିରେ ପ୍ରାତଃ ସ୍ନାନ କରିବା ଉଚିତ । କୋଣାର୍କର ଚନ୍ଦ୍ରଭାଗା ଏକ ପବିତ୍ର ଏବଂ ଚିରସ୍ରୋତା ନଦୀ ଭାବେ ପ୍ରବାହିତ ଜଳରେ ସ୍ନାନ କରିବା ଦ୍ୱାରା ଦେହ ଓ ମନ ପବିତ୍ର ରହିଥାଏ ।

ପ୍ରାତଃ ସ୍ନାନ ପରେ ସୂର୍ଯ୍ୟ ଭଗବାନଙ୍କୁ ଅର୍ଘ୍ୟଦାନ କରୁଥିବା ଲୋକର ବୌଦ୍ଧିକ ବିକାଶ ହୋଇଥାଏ । ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଆକାରରେ ମୁଖ୍ୟତଃ ଜଳଦାନ କରାଯାଇଥାଏ । ଜଳଦାନ ସମୟରେ ଉଦୟ ସୂର୍ଯ୍ୟଙ୍କ କିରଣ ହସ୍ତରେଥିବା ଜଳରେ ପ୍ରତିବିମ୍ବିତ ହୋଇ ଚକ୍ଷୁ ମଧ୍ୟରେ ପ୍ରବେଶ କରି ଚକ୍ଷୁ ରୋଗ ଦୂର କରେ । ଉଦୟ ସୂର୍ଯ୍ୟକିରଣ ଆହରଣ ଦ୍ୱାରା ଶରୀର ରୋଗମୁକ୍ତ ହୋଇଥାଏ । ଏହି ସମୟରେ ସୂର୍ଯ୍ୟକିରଣରୁ ଶରୀରକୁ ଅଧିକ କ୍ୟାଲସିୟମ ଶୋଷଣରେ ସାହାଯ୍ୟ କରୁଥିବା ବେଳେ ଅସ୍ଥି ବୃଦ୍ଧିରେ ସହାୟକ ହୁଏ । କର୍କଟ ରୋଗ ସହ ଫେରିଫେରାଲ ଆର୍ଟେରୀ ଡିଜିଜ ଏବଂ ଯକ୍ଷ୍ମାରୋଗ ପ୍ରତିରୋଧ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହି କଅଁଳ ସୂର୍ଯ୍ୟକିରଣରେ ପ୍ରଚୁର ପରିମାଣରେ ଭିଟାମିନ 'ଘ' ଭାରି ରହିଥିବାରୁ ମଧୁମେହ, ପିଲାମାନଙ୍କୁ ରିକେଟସ ଏବଂ ବଡମାନଙ୍କୁ ଅଷ୍ଟିଓସୋରେସିସ ରୋଗ ବୃଦ୍ଧିର ଆଶଙ୍କାକୁ କମ କରିଥାଏ ।

ସୂର୍ଯ୍ୟ ଉଦୟ ଏକ ଘଣ୍ଟା ପରେ କିମ୍ବା ସୂର୍ଯ୍ୟାସ୍ତର ଏକ ଘଣ୍ଟା ପୂର୍ବରୁ ସୌରରଶ୍ମିକୁ ଚକ୍ଷୁ ମାଧ୍ୟମରେ ଗ୍ରହଣ କରିବା ଏକ ନିରାପଦ ବ୍ୟବସ୍ଥା ଯଦ୍ୱାରା ଏହା ମସ୍ତିଷ୍କ ମାଧ୍ୟମରେ କ୍ରିୟା କରିପାରେ । ଏହି ସମୟରେ ସୂର୍ଯ୍ୟାଲୋକ ଅଧିପଟଳ ରଶ୍ମୀ (Infred ray) ଏବଂ ପାରଲୋହିତ ରଶ୍ମୀ (Ultra voulate)ର ପ୍ରଭାବ ମୁକ୍ତ ଥାଏ । ଭିଟାମିନି 'କ' ଓ ଭିଟାମିନ 'ଘ' ଚକ୍ଷୁ ମାଧ୍ୟମରେ ସୂର୍ଯ୍ୟ ରଶ୍ମିରୁ ମସ୍ତିଷ୍କକୁ ପ୍ରଭାବିତ ହୋଇ ଶରୀରକୁ ମୁକ୍ତ ଦେଇଥାଏ । ବୈଜ୍ଞାନିକ ଇଞ୍ଜିନିୟର ଏଚ. ଆର. ମାନେକଙ୍କ ଗବେଷଣାରୁ ଜଣାଯାଏ ଉପଯୁକ୍ତ ସ୍ଥାନ ଓ ସମୟର ବ୍ୟବଧାନରେ ସୌରଶକ୍ତି ଆହରଣ କଲେ କଲ୍ୟାଣ ମିଳିଥାଏ । କ୍ରମାଗତ ଭାବେ ସୌରଶକ୍ତି ଆହରଣ ଦ୍ୱାରା ଅଲୌକିକ ଶକ୍ତି ପ୍ରାପ୍ତ ହେବା ସହିତ ଉତ୍ତମ ଗୁଣ, ସ୍ୱଭାବ ବୃଦ୍ଧି, ଅଜ୍ଞାନତା ଦୂର, ଆତ୍ମନିର୍ଭରଶୀଳତା ବୃଦ୍ଧି, ସ୍ୱଚ୍ଛ ବିଚାର, ମନରେ ସ୍ଥିରତା ଓ ସମତା ସୃଷ୍ଟି ହେବ ସହିତ କ୍ରୋଧ, ହିଂସା, କୃପଣତା ଦୂର ହୁଏ । ନିର୍ଭରତା ଓ ସମ୍ବେଦନଶୀଳତା ବୃଦ୍ଧି ପାଇଥାଏ ।

ସୂର୍ଯ୍ୟଙ୍କର ସପ୍ତରଙ୍ଗ ଶରୀରସ୍ଥ ଅଙ୍ଗପ୍ରତ୍ୟଙ୍ଗମାନଙ୍କୁ ପ୍ରବାହିତ ହୋଇ ଲାଲରଙ୍ଗ ଯକୃତକୁ ହଳଦିଆ ରଙ୍ଗ ହୃଦତନ୍ତ୍ରକୁ, ସବୁଜ ରଙ୍ଗ ପ୍ଲିହାକୁ ପ୍ରବାହିତ କରି ପୀଡା ନିବାରଣ କରିଥାଏ । ବୈଜ୍ଞାନିକ ମନେକ ଆହୁରି ମଧ୍ୟ କହିଛନ୍ତି ଯେ–ମସ୍ତିଷ୍କର ପିନିଆଲ ଗ୍ରନ୍ଥି (Optic Nerve) ଯାହାକୁ ଅନ୍ୟ ଅର୍ଥରେ ତୃତୀୟ ନୟନ (Third eye) କୁହାଯାଇଥାଏ, ତାହା ଉନ୍ମୋଚିତ ହୁଏ । ପାଦର ବୃଦ୍ଧାଙ୍ଗୁଳି ଏହି ଗ୍ରନ୍ଥିର ପ୍ରତିନିଧି କରିଥାଏ । ପିନିଆଲ ଗ୍ରନ୍ଥିର ଶେଷାନ୍ତ ଅଟେ । ଖାଲି ପାଦରେ ଚାଲିବ ବେଳେ ବୃଦ୍ଧାଙ୍ଗୁଳି ବ୍ୟତୀତ ପଦର ଅନ୍ୟ ଚାରି ଅଙ୍ଗୁଳି ଅନ୍ୟ ଗ୍ରନ୍ଥିମାନଙ୍କୁ ଯଥା–ପୋଷକ ଗ୍ରନ୍ଥି, ଥାଲାମସ ଓ ହାଇପୋଥାଲାମସ ଗ୍ରନ୍ଥିଗୁଡିକୁ ପ୍ରଭାବିତ କରିଥାଏ । ତଥା ପାଦ ମଧ୍ୟ ଦେଇ ସୌରଶକ୍ତି ଶରୀରକୁ ପ୍ରବେଶ କରିଥାଏ । ତଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି, ସ୍ମରଣ ଶକ୍ତି ବୃଦ୍ଧି ଓ ଦୂର ସମ୍ବେଦନ ଶକ୍ତିର ବିକାଶ ଘଟିଥାଏ । ସେଥିପାଇଁ କୁହାଯାଇଛି– ସାତଥର ଯିବ ଗଙ୍ଗା, ଥରେ ଯାଇଥିବ ଚନ୍ଦ୍ରଭାଗା ମୁହଁ ପଡିଯିବ ରଙ୍ଗା । ପୂର୍ବେ ଉକ୍ତ ତୀର୍ଥ ସ୍ଥଳକୁ ଯିବା ପାଇଁ ବାଲିରେ ଚାଲି ଚାଲି ଯିବା ଆସିବା କରିବାକୁ ପଡୁଥିଲା ଏବେ କିନ୍ତୁ ତାହା ନାହିଁ କି ପାଦଚଲା ନାହିଁ ।

ତଥାପି ଶାରୀରିକ ବ୍ୟାଧି, ଚର୍ମରୋଗ ଆଦିର ନିରାକରଣ ପାଇଁ ସୂର୍ଯ୍ୟ ବ୍ରତ ବା ସୂର୍ଯ୍ୟ ଉପାସନା କଲେ ସକଳ ବ୍ୟାଧି ଦୂର ହୁଏ ବୋଲି ବିଶ୍ୱାସ ଥିବାବେଳେ ଏହି ସ୍ଥାନକୁ ଏହି ସମୟରେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ (ପ୍ରକୃତି)ର ବ୍ୟବଧାନରେ ଏକ ଅଦ୍ଭୁତ ସଂଯୋଗ ରହି ମନୁଷ୍ୟ ତଥା ଜୀବଜଗତର କଲ୍ୟାଣ ସାଧନ କରୁଥିବାରୁ କେଉଁ ପୂର୍ବ ପୁରୁଷରୁ ଏଠାରେ ଅଦ୍ୟାବଧି ମାଘ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥିରେ କୋଣାର୍କ ସ୍ଥିତ ଚନ୍ଦ୍ରଭାଗା ନଦୀରେ ବୁଡ ପକାଇ ସୂର୍ଯ୍ୟ ଭଗବାନଙ୍କୁ ଦର୍ଶନର ମହତ୍ତ୍ୱକୁ ଉପଲବ୍ଧି କରୁଥିବାରୁ ଭାରତର ବିଭିନ୍ନ ପ୍ରାନ୍ତରୁ ତଥା ବିଦେଶରୁ ମଧ୍ୟ ତୀର୍ଥଯାତ୍ରୀ ତଥା ଶ୍ରଦ୍ଧାଳୁମାନେ ଏଠାକୁ ଆସିଥାନ୍ତି । ଚଳିତ ବର୍ଷ ଉକ୍ତ ବୁଡ ରବିବାରରେ ପଡୁଥିବାରୁ ଏହି ବୁଡ ଏକ ଅଲଭ୍ୟ ସ୍ନାନ ଯୋଗ ଅଟେ ।


ବଇରିପୁର, କୋଣାର୍କ


# ମୁମ୍ବାଇରେ ଟ୍ରିପୁଲ ଇଞ୍ଜିନ

■ **ସୌଭାଗ୍ୟ ରଞ୍ଜନ ମହାନ୍ତି** ■

**ମ**ହାରାଷ୍ଟ୍ରରେ ବ୍ରିହନ ମୁମ୍ବାଇ ସମେତ ୨୯ଟି ପୌରମହାନଗର ନିଗମ ନିର୍ବାଚନରେ ରାଜ୍ୟରେ କ୍ଷମତାସୀନ ବିଜେପି ଏବଂ ଏହାର ଦୁଇ ସହଯୋଗୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ପରିଚାଳିତ ଶିବସେନା ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ୨୪ଟି ମହାନଗର ନିଗମରେ ବିଜୟୀ ହେବା ଗତ ନଭେମ୍ବରରେ ବିଧାନସଭା ନିର୍ବାଚନରେ ସେମାନଙ୍କର ଏକପାଖିଆ ବିଜୟ ଅପ୍ରତ୍ୟାଶିତ ସୌଭାଗ୍ୟ ନଥିଲା ବୋଲି ସନ୍ଦେଶ ପ୍ରଦାନ କରେ । ବିଧାନସଭା ନିର୍ବାଚନରେ ବିଜେପି, ଶିବସେନା ଏବଂ ଏନସିପିକୁ ନେଇ ଗଠିତ ମହାଯୁତି ୨୮୮ଟି ଆସନ ମଧ୍ୟରୁ ୨୩୫ଟି ଆସନରେ ବିଜୟୀ ହୋଇ ମେ' ମାସରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସହିଥିବା କ୍ଷତିକୁ ଭରଣା କରିବା ରାଜ୍ୟରେ ଜନମତ ଓଲଟାଇ ନିଜ ସପକ୍ଷରେ ଆଣିବାକୁ ବିଜେପି ସଫଳ ହୋଇଛି ବୋଲି କୁହାଯାଇପାରିବ। କହିବା ଯଥାର୍ଥ ହେବ ଯେ, ବିଧାନସଭା ନିର୍ବାଚନରେ ବିଜେପି ଯେଉଁ ସଫଳତା ହାସଲ କରିଥିଲା, ପୌର ମହାନଗର ନିବାଚନରେ, ତାହାର ପୁନରାବୃତି ଘଟିଛି । ରାଜ୍ୟର ୨୯ଟି ମହାନଗର ନିଗମ ମଧ୍ୟରୁ ବିଜେପି ୧୬ଟି ପୌର ନିଗମରେ ଏକାକୀ ନିର୍ବାଚନ ଲଢିଥିବାବେଳେ ୧୩ଟି ଦଖଲ କରିବାରେ ସମର୍ଥ ହୋଇଛି । ଯାହାକି ସ୍ୱାଧୀନତାର ପ୍ରଥମ ଚାରି ଦଶନ୍ଧିରେ କଂଗ୍ରେସ ଦଖଲରେ ଥିଲା। ଏକଦା ମହାରାଷ୍ଟ୍ରରେ ଆଧିପତ୍ୟ ବିସ୍ତାର କରିଥିବା କଂଗ୍ରେସର ଶକ୍ତି, ସାମର୍ଥ୍ୟ ଏବଂ ପ୍ରଭାବ ଏବେ ରାଜ୍ୟରେ ହ୍ରାସ ପାଇବାରେ ଲାଗିଛି । କେବଳ ଏତିକି ନୁହେଁ, ଦେଶର ଆର୍ଥିକ ରାଜଧାନୀ ଭାବେ ପରିଚିତ ତଥା ସବୁଠାରୁ ବିତଶାଳୀ ମର୍ଯ୍ୟାଦାଜନକ ମହାନଗର ନିଗମ ବିହ୍ରନ ମୁମ୍ବାଇ ମୁନିସ୍‌ପାଲ କର୍ପୋରେସନ (ବିଏମସି)ର ପ୍ରଶାସନ ଏବେ ବିଜେପି ନିୟନ୍ତ୍ରଣରେ। ଅବିଭାଜିତ ଶିବସେନାର ଦଖଲରେ ଗତ ତିନି ଦଶନ୍ଧି ଧରି ରହିଥିବା ବ୍ରିହନ ମୁମ୍ବାଇ ମହାନଗର ନିଗମକୁ ପ୍ରଥମ ଥର ପାଇଁ ବିଜେପି ତଥା ଟ୍ରିପୁଲ ଇଞ୍ଜିନ ପ୍ରଶାସନ ନିଜ ନିୟନ୍ତ୍ରଣକୁ ଆଣିବାରେ ସମର୍ଥ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହୋଇଥିବାବେଳେ ଏବେ ବିଏମସିରେ ମଧ୍ୟ ପରିଷଦ ଗଠନ କରିବାକୁ ସମର୍ଥ ହୋଇଛି । ବିଏମସିର ୨୨୭ଟି ୱାର୍ଡ ମଧ୍ୟରୁ ବିଜେପି ଏକାକୀ ୮୯ଟି ୱାର୍ଡରେ ବିଜୟୀ ହୋଇଥିବାବେଳେ ସହଯୋଗୀ ଶିବସେନା (ସିନ୍ଧେ) ୨୮ଟି, ଏନସିପି (ଅଜିତ) ୩ଟି, ଶିବସେନା (ୟୁବିଟି) ୬୬ଟି, କଂଗ୍ରେସ ୨୪ଟି, ଏମଏନଏସ ୬ଟି, ଏନସିପି (ଶରଦ୍) ଗୋଟିଏ ୱାର୍ଡରେ ବିଜୟୀ ହୋଇଛି । କହିବା ବାହୁଲ୍ୟ ଯେ, ୧୯୬୬ରେ ବାଲ୍ ଠାକରେ ଶିବସେନା ପ୍ରତିଷ୍ଠା କରିବା ବାହୁଲ୍ୟ ଯେ, ୧୯୬୬ରେ ବାଲ୍ ଠାକ୍‌ରେ ଶିବସେନା' ପ୍ରତିଷ୍ଠା କରିବା ପରେ ଗଲା ୩ଦଶନ୍ଧି ଧରି ମୁମ୍ବାଇରେ ପ୍ରଭାବ ବିସ୍ତାର କରିଥିଲା । ଇତିମଧ୍ୟରେ ଶିବସେନା ବହୁବାର ବିଭାଜନର ସମ୍ମୁଖୀନ ହୋଇଥିବାବେଳେ ପ୍ରଥମ ଥର ଲାଗି ତଥା ଦଳର ପ୍ରତିଷ୍ଠାତାଙ୍କ ଜନ୍ମ ଶତବାର୍ଷିକୀରେ ମୁମ୍ବାଇ ଦଳ ହାତରୁ ଖସି ଯାଇଛି । କେବଳ ଏତିକି ନୁହେଁ, ଶିବ ସେନାର ନେତୃତ୍ୱ, ନାମ ଓ ସଂକେତ ମଧ୍ୟ ଠାକ୍‌ରେ ପରିବାରର ହାତରୁ ସିନ୍ଧେଙ୍କ ହାତକୁ ଚାଲିଯାଇଛି । ମହାନଗର ନିର୍ବାଚନରେ ଠାକ୍‌ରେ ପରିବାର ଏବଂ ପାୱାର ପରିବାରର ପୁନଃମିଳନ କୌଣସି ପ୍ରଭାବ ପକାଇ ପାରିନାହିଁ । ପୁନେରେ ଗତ କିଛି ଦଶନ୍ଧି ଧରି ଦବ୍ଦବା ଜାହିର କରିଆସିଥିବା ପାୱାର ପରିବାର ଏଥର ନିର୍ବାଚନରେ ବିଜେପି ଠାରୁ ଶୋଚନୀୟ ଭାବେ ପରାଜିତ ହୋଇଛି । ଦେଶର ବିତଶାଳୀ ତଥା ୭୫ହଜାର କୋଟି ବଜେଟର ମହାନଗର ନିଗମ ବ୍ରିହନ ମୁମ୍ବାଇ ଗତ ଚାରିବର୍ଷ ଧରି ପ୍ରଶାସନର ନିୟନ୍ତ୍ରଣରେ ରହିଥିଲା। କହିବା ବାହୁଲ୍ୟ ଯେ, ଗୋଆ ଏବଂ ହିମାଚଳ ପ୍ରଦେଶ ପରି ରାଜ୍ୟର ବଜେଟ ଠାରୁ ମୁମ୍ବାଇର ବଜେଟ ଅଧିକ ଥିବାବେଳେ ଗତ ଚାରି ବର୍ଷ ଧରି ବିନା ଲୋକପ୍ରତିନିଧିରେ କାର୍ଯ୍ୟ କରିଥିଲା। ଦେଶର ପ୍ରବେଶ ଦ୍ୱାର ଭାବେ ପରିଚିତ ମୁମ୍ବାଇକୁ ଆଉ ଏକ ସାଂଘାଇରେ ପରିଣତ କରିବାକୁ ୮୦ଦଶକରେ ଶରଦ୍ ପାୱାର ମୁଖ୍ୟମନ୍ତ୍ରୀ ଥିବାବେଳେ ଘୋଷଣା କରିଥିଲେ। ସେହିପରି ନାରାୟଣ ରାଣେ ମୁଖ୍ୟମନ୍ତ୍ରୀ ଥିବାବେଳେ ଏ ଦିଗରେ କିଛି ମାତ୍ରାରେ ଅଗ୍ରସର ହୋଇଥିବା ସମୟରେ ୨୦୦୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ମୁମ୍ବାଇକୁ ଆଉ ଏକ ସାଂଘାଇ'ରେ ପରିଣତ କରିବା ଲାଗି ସଂକଳ୍ପ ଘୋଷଣା କରି ବନ୍ଦ୍ରା–ୱାର୍ଲି ସାଗରଲିଙ୍କ, ଉପକୂଳ ରାଜପଥ, ମେଟ୍ରୋ କରିଡର ଆଦିର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ତେବେ ୨୦୦୭ରେ ସିଙ୍ଗାପୁରର ପ୍ରତିଷ୍ଠାତା ଜନକ ଲିକୁନ ୟିଉ କହିଥିଲେ ଯେ, ମୁମ୍ବାଇକୁ ଯଦି ରାଜ୍ୟ' ମାନ୍ୟତା ଦିଆଯାଏ, ତେବେ ସିଙ୍ଗାପୁର ବା ସାଂଘାଇ ହୋଇପାରିବ । ମାତ୍ର ମୁମ୍ବାଇକୁ ସ୍ୱତନ୍ତ୍ର ରାଜ୍ୟ ଭାବେ ମାନ୍ୟତା ସ୍ୱପ୍ନ ଏବେ ବି ସ୍ୱପ୍ନରେ ରହିଯାଇଛି। ଏବେ ବ୍ରିହନ ମୁମ୍ବାଇ ଟ୍ରିପୁଲ ଇଂଜିନ ସରକାର ନିୟନ୍ତ୍ରଣକୁ ଆସିଥିବାରୁ ମୁମ୍ବାଇର ବାସିନ୍ଦା ବହୁତ କିଛି ଆଶାବାଦୀ ଏଥିରେ କିଛି ସନ୍ଦେହ ନାହିଁ।



ଗାଙ୍ଗୋତ୍ରୀ ନଗର,
ଶିଶୁପାଳଗଡ
ମୋ. ୭୯୭୮୬୬୬୪୦୩



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

### ଡାଇରୀ ସାଇତା କବିତା



● ରମେଶ ମଙ୍ଗରାଜ

**୪୬୯**

ବଣକୁ ଯିବା ଲୋ ଆ...
ସାଙ୍ଗ ହୋଇ ତୋଳିବା ଲୋ କୋଳି
ସେ କହିଲା ଅଲାଜୁକ
ପିଲାଦିନ ଗଲାଣିତ ଚାଲି ।୧।

ମୁଁ କହିଲି ଆସୁନୁ ତୁ'
ସାଥି ହୋଇ ଭିଜିବା ବର୍ଷାରେ
ସେ କହିଲା ଏ ବୟସେ
ଜଣେ ଦେଖି ଜଳିବ ଈର୍ଷାରେ।୨।

ଆ' ଉଡ଼ିବା ପକ୍ଷୀ ହୋଇ
ମୁଁ ତାକୁ କହିଲି ବୁଝେଇ
ସେ କହିଲା ଡର ଲାଗେ
ଉଡ଼ିବାକୁ ଡେଣା ମୋର ନାହିଁ ।୩।

**୪୭୦**

ତମେ ଯଦି ତମେ କୁହ
ସେ ଶବ୍ଦରେ ଏତେ ମିଠାଥାଏ
ହଜାରେ ତମେ ଭିତରେ
ତମ କଥା ବାରି ହୋଇଯାଏ ।୧।

ତମ ଡାକ ଲାଗିଥାଏ
ଅମୃତର ବାରିଧାରା ପରି
ଉଜୁଡ଼ା ଛାତିରେ ମୋର
ତମ ପ୍ରେମ ଯାଇଥାଏ ପୁରି ।୨।

ତମେ ଲାଗ ତମ ଭଳି
ତମ ଛୁଆଁ ଆନମନା କରେ
ତମେ ତ ରହିଛି ମୋର
ହୃଦୟର ଗୁପ୍ତ ସିନ୍ଦୁକରେ ।୩।

**୪୭୧**

ତମରି ପଣତ ତଳେ
ପଣବନ୍ଦୀ କରିଛ ତ ମୋତେ
ହରାଇଛି ନିଜ ସତ୍ତା
ମୁଁ ନାହିଁ ମୋଅରି ଆୟତେ।୧।

ତମରି ଛାତିରେ ଶୋଇ
ଥକାମନ ଥକା ମେଣ୍ଟାଉଛି
ନିଜକୁ ସମର୍ପି ଦେଇ
ତମ ପ୍ରେମ ପ୍ରୀତିକୁ ପାଇଛି ।୨।

ହଟାଅନି ପଣତକୁ
ମୋ ପାଇଁ କି ନତି ଉଡୁଥାଉ
ଦେଖୁଥାଏ ତୁମକୁ ମୁଁ
ଏ ଜୀବନ କେତେ ଦିନ ଆଉ ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୧୬୨୮୦**

## ମୋହିନୀ ତା ନାଁ

● ପ୍ରଶାନ୍ତ କୁମାର ନାୟକ



ଦେଲ ମୋତେ ସୀମାହୀନ ଦୁଃଖ
ଆଦୌ ସହି ହେଲାନି,
ହେଲେ ବି ସାଥି ତୁମବିନା
ଦିନରାତି ଜମାରୁ କଟେନି ।

ମହଣ ମହଣ ଶୂନ୍ୟତା
ହୃଦୟପୂର୍ଣ୍ଣ ଝରାଶେଫାଳିର ସ୍ମୃତି,
ନଈ ମଧ୍ୟରେ ନାଉରିଆର ଗୀତ
ବାଟସାରା ରଙ୍ଗଭିଜା କେତେଯେ ଅତୀତ ।

ବୋହି ବୋହି ଚାଲିଯାଏ ସମୟର ନଈ
ପାରି ହେବାପାଇଁ କିନ୍ତୁ ନୌକାଟିଏ ବି ନାହିଁ,
ପାରିହେବି କେମିତି ଏ ଦୁଃଖର ଦରିଆ
ସେ ଯେ ଏକ ମାୟାବିନୀ ମୋହିନୀ ତା ନାଁ ।

ତା' ସ୍ମୃତିର କୌଣସି ଅସ୍ତ୍ର ନଥାଏ ସତ
କିନ୍ତୁ ଆଜିବି ମୋ ଶୁଖିଲା ଘାଆକୁ ସିଏ,
ଉଖୁରେଇ ଉଖୁରେଇ ଲହୁଲୁହାଣ କରେ
ଏବଂ ଅନେକ ଯନ୍ତ୍ରଣା ମୋତେ ସେ ଦିଏ ।

ପୁଣିଥରେ ତାକୁ ଆଜି ସ୍ୱପ୍ନରେ ଦେଖିଲି
ସେ ମୋ ହାତ ଧରିଥିବାରୁ ସବୁ ଭୁଲିଗଲି,
ଋତୁପରି ସେ ପୁଣିଗଲା ବଦଳି
ଆଉ ମୁଁ... ଫସଲ ପ୍ରାୟେ ନଷ୍ଟ ହେଇଗଲି ।

ୟୁନିଟ୍-୫, ଭୁବନେଶ୍ୱର
ମୋ. ୮୨୪୯୬୫୦୪୧୪

## ଶୀତ ଫେରେଇ ପାରେନା ତାରୁଣ୍ୟ



### କଥା ଏତିକି

● ସୁନୀଲ ବୋଷ

**ବ**ର୍ଷା ଛିଟା ଦେହରେ ବାଜିଲେ ଶିହରଣ ଖେଳିଯାଏ ମନରେ, ଭିଜିଲେ ତ ମନେପଡ଼ିଯାଏ କଲେଜ ବୟସର ଦିନସବୁ, ତାରୁଣ୍ୟର ଏକ ସ୍ରୋତ ବହିଯାଏ ଭିତରେ ଭିତରେ- ବର୍ଷାର ଏମିତି ଗୋଟେ କ୍ଷମତା ରହିଛି । ହେଲେ ଶୀତର ଛୁଆଁ ଫେରେଇ ପାରେନା ଅତୀତର ସେ ସଜ ଛନ୍‌ଛନ୍ ମନସବୁକୁ, ଗତ ଯୌବନକୁ ଆଉ ଟଟକା ତାରୁଣ୍ୟକୁ, ବରଂ ଶୀତର ଛୁଆଁ କାରୁଣ୍ୟ ଭରିଦିଏ ମନରେ ।

ଶୀତର ଛୁଆଁ ସବୁବେଳେ ପାକଳ ବୟସର ମଣିଷଙ୍କ ପାଇଁ ଅସହ୍ୟ ହୋଇଥାଏ । ଆଣ୍ଠୁଗଣ୍ଠି ଧରିଲେ ଆଉ ଧଇଁପେଲା କାଶ ଆରମ୍ଭ ହେଲେ ଜାଣିହୁଏ ଶୀତ ଆସିଛି, କ୍ୟାଲେଣ୍ଡର ଦେଖିବାକୁ ପଡ଼େନି ।

ଶୀତର ଛୁଆଁ ଏ ବୟସର ତ୍ୱଚାକୁ ଅଧିକ ରୁକ୍ଷ କରାଏ । ବୟସର ହିସାବ ସିଏ ଗୋଟି ଗୋଟି କରି ଦିଏ ଲୋଳିତ ତ୍ୱଚାରେ ।

ଶୀତର ଛୁଆଁରେ ବାର୍ଦ୍ଧକ୍ୟ ଯନ୍ତ୍ରଣାଦାୟକ ହେଲାବେଳେ କ'ଣ ତାରୁଣ୍ୟ ମନେପଡ଼େ, ଯେମିତି ବର୍ଷାର ଛୁଆଁରେ ମନେପଡ଼େ? କେବେବି ମନେପଡ଼େନି କଲେଜ ବୟସର ସେସବୁ ଦିନକଥା, ଯେତେବେଳେ ଅଳ୍ପ ଶୀତରେ ଲାଜେଇ ପ୍ରେମିକା ସହ ଅଳ୍ପ ପରିଚୟ ବେଶ୍ ଉଷ୍ମତା ଦେଉଥିବାର ଅନୁଭବ । ଶୀତ ବଢ଼ିବା ସହ ପରିଚୟ ପାକଳ ହେଉଥାଏ । ଫୁଟ୍‌ପାଥ୍‌ରେ ପ୍ରେମିକା ସହ ଚିନାବାଦାମ ଖାଇ ଖାଇ ବାଟ ଚାଲିବା ଭିତରେ ଅନେକଥର ମନର କଥା କହିବେ କହିବେ ହୋଇ କହିପାରିନଥିବେ, ଚିନିବାଦାମ ସରିଯାଇଥିବ । ରାତିରେ ରେଜେଇ ଭିତରେ ଶୋଇ ଶୋଇ ଅନେକ ସ୍ୱପ୍ନ ଦେଖିଥିବେ, ଯେଉଁ ସ୍ୱପ୍ନ ବାରମ୍ବାର ଦେଖିବାକୁ ମନ ଚାହିଁଥିବ । ଶୀତ ଫେରିଯିବା ଭଳି ଦିନେ ସେ ପ୍ରେମିକା ଫେରିଯାଇଥିବ ଆପଣଙ୍କ ହାତ ପାଆନ୍ତାରୁ ହୃଦୟରେ କିଛି ସ୍ଥାନ ଅଧିକାର କରି ।

ଶୀତ କ'ଣ ଏସବୁ ସ୍ମୃତିକୁ ଫେରେଇପାରେ ଯେମିତି ବର୍ଷା ଫେରେଇପାରେ ତା' ସାମାନ୍ୟ ଛୁଆଁରେ?

ଶୀତ ଫେରିଯିବାକୁ ବସିଥିବ । ହଷ୍ଟେଲରୁ ଘରକୁ ଆସିଥିବା ପଡ଼ିଶା ଘର କଲେଜ ପଢୁଆ ଝିଅଟି ଫେରିବ ଫେରିବ ବୋଲି ହେଉଥିବ ହଷ୍ଟେଲକୁ । ଆପଣ ସେ ବୟସରେ ଭାବୁଥିବେ ଛାତ ଉପରେ ହୁଏତ ଆଉ ତାକୁ ଦେଖିବାକୁ ମିଳିବନି, ସିଏ ଗାଧୋଇ ସାରି ତା' ଓଦା କେଶକୁ ଶୁଖାଉଥିବା ବେଳେ । ଛାଇ ଲେଉଟିଲେ କ'ଣ ଆଉ ଆସିବ ତା' ଡ୍ରେସ ସବୁକୁ ତୋଳିନେବାକୁ ତାରରୁ? ସେ ନିଶ୍ଚେ ଫେରିଯିବ ଆଉ କେଇଦିନରେ ।

ବାର୍ଦ୍ଧକ୍ୟରେ ଶୀତର ଛୁଆଁ ଏସବୁ ସ୍ମୃତିକୁ ମନେପକେଇ ଦିଏନି ବରଂ ମନ ଚାହେଁ ଏ ଶୀତ କେବେ ଫେରିଯିବ ।

## ମାଉସୀ ଅଛ ଟି?

● ତପନ ମହାପାତ୍ର



**ଦା**ଣ୍ଡ ଦୁଆରୁ ଏ ଡ଼ାକଟି ଶୁଣୁଶୁଣୁ ବୋଉ ଘର ଭିତରେ ଥାଇ ଉତ୍ତର ଦିଏ ନାଇଁନାଇଁ ମାଉସୀ ନାହାନ୍ତି ।

ମୁଁ ଏକଥାଟିକୁ ପ୍ରଥମେ ପ୍ରଥମେ ବୁଝିପାରୁ ନଥିଲି । ଧାଡ଼ିଆ ନନା ବୋଉକୁ ଡାକୁଛନ୍ତି ଅଥଚ ବୋଉ ନିଜେ ଉତ୍ତର ଦେଉଛି ନାଇଁନାଇଁ ନାହାନ୍ତି !

ଧାଡ଼ିଆ ନନା ଏଥର ଘର ଭିତରକୁ ଆସି ସାରିଥାନ୍ତି । ସେମିତି ପଚାରନ୍ତି ମାଉସୀ ଅଛ ଟି? ବୋଉ ସେଇ ଏକାକଥା କୁହେ ଓ ନାଇଁନାଇଁ ମାଉସୀ ନାହାନ୍ତି ।

ମୁଁ ପରେ ବୁଝିଲି ଦିହିଁଙ୍କ ଭିତରର ଏ ସଂପର୍କକୁ ।

ବୋଉର ମିଛ ରାଗ କି ଅଭିମାନ କି ଅସନ୍ତୁଷ୍ଟ କ'ଣ ଥାଏ କେଜାଣି ସବୁଥର ଦିହିଁଙ୍କ କଥାବାର୍ତ୍ତା ଏମିତିରୁ ହିଁ ଆରମ୍ଭ ହୁଏ । ଧାଡ଼ିଆ ନନା ହିଁ ସଫଳ ହୁଏ । ଦ୍ୱିତୀୟ ଥର ଏକଥା ଶୁଣିବା ପରେ ମୁଁ ଯାଇ ସେମାନଙ୍କ ପାଖରେ ଛିଡା ହୋଇ ଯାଇଥିଲି ।

ଧଡ଼ିଆ ନନା ନେହୁରା ହୋଇ କହୁଥାଏ ମୁଁ ଜାଣେ ମା ମାଉସୀ ମୋତେ ଖାଲିହାତରେ କେବେ ଫେରାଇବନି ।

ବୋଉ ଟିକେ ବି ନରମି ଯାଏନି। ବରଂ ସେମିତି ଦୃଢ଼ହୋଇ କହେ, ତମେ ତ ମଇଳା କରିବନି, ଯତ୍ନରେ ନେବ ଆଣିବ କହୁଛ ସବୁଥର ସେମିତି ମଇଳା ଲଗାଉଛ। ଅଳତା କି କିକି ରଙ୍ଗ ବି ଲଗାଉଛ ମୁଁ ତାକୁ ସଫା କରିକରି ହାଲିଆ ହେଉଛି। ଛାଡୁନି ସହଜେ ।

ଧଡ଼ିଆ ନନା ସେମିତି ନେହୁରା ହୁଏ, କୁହେ ନାଇଁ ମାଉସୀ, ଗଲାଥର କ'ଣ ହେଲାକି ଯୋଉଟା ମନ୍ଦୋଦରୀ ହୋଇଥିଲା ସେଇପରା ଅଳତା ହାତରେ ଏ ଶାଢ଼ୀଟାକୁ ଲକ୍ଷ୍ୟକରି ଦୌଡ଼ିଆସି ହାତ ମାରିଦେଲା ଓ କହିଲା, ଏତେ ସୁନ୍ଦର ଶାଢ଼ୀ କୋଉଠୁ ଆଣିଛୁ କିରେ? ମୋତେ ଦେଉନୁ ।

ସେତେବେଳକୁ ତା ଅଳତା ଲଗା ଆଙ୍ଗୁଠି ଦାଗଟା ଶାଢୀରେ ଲାଗିଯାଇଥିଲା। ମୁଁ ବି ତାକୁ ବିରକ୍ତ ହେଲି। କହିଲି, ବେଶି ଗୋଟେ ହମହମ ହୁଅନା। ତୁ ତ ଜାଣିଛୁ, ଚିତ୍ରାଳୟ ଶାଢ଼ୀ ମୁଁ ପିନ୍ଧି ପାରିବିନି। ସେ ବର୍ଷ ପିନ୍ଧି ଦେଇଥିଲି ଯେ ମୋ ଦେହ ଫଳିଗଲା। ତା' ପରେ ମାଉସୀ ଯେତେବେଳେ ଅଛ' ମୁଁ ତାଙ୍କରି ଶାଢ଼ୀ ହିଁ ପିନ୍ଧିବି । ପର ବର୍ଷ ଯୋଉ କହୁଛ ଫୁଲଦାଗ ଟିକେ ଲାଗି ଯାଇଥିଲା। କଣ କରିବି କହୁନ ମାଉସୀ ସକାଳ ଗୁନଥା ଫୁଲ ରାତିକୁ ପିନ୍ଧିବ, ତାକୁ ପୁଣି ସାରାରାତି ବେକରେ ପକାଇବ ଫୁଲର ଦାଗ ଲାଗିବନି ! ହେଲେ ମାଉସୀ, ସେ ରଙ୍ଗଟା ତ ଛାଡି ଯାଇଥିବ?

ବୋଉ କୁହେ, ହଁ ଛାଡ଼ିଲା। ହେଲେ ମୁଁ ବୋଲି ଛଡେଇଲି। ସତ କହୁଛି, ଧଡ଼ିଆ ଏଥର ମୁଁ ଶାଢ଼ୀ ଦେବିନି। ମୋତେ ବି ବାଧ୍ୟ କରନି।

ଧଡିଆ ନନା ରାମଲୀଳାରେ ସୀତା ହୁଏ। ବେଶୀ ଗୋରା ନହେଲେ ବି ଗଢ଼ଣ ଭଲ। କଳା ସିନ୍ଦୁର ଟିକେ ଲଗାଇ ବେଣୀ ବାନ୍ଧିଦେଲେ ସୀତା ହିଁ ସୀତା। ଭଲ ବି ଅଭିନୟ କରେ।

ଧଡ଼ିଆ ନନା ଯିବ କଣ, ରାମାୟଣର ପଦ ପକାଇବା ହେ ବନଗିରି... ହେ ଲତାଗିରି... ମୋ କାନ୍ତ ଗଲେ ମୃଗମାରି... ବାହୁନି ବସିବା ସେ ଅଭିନୟକୁ ବି କିଏ କଣ ମୁହଁ ବୁଲାଇ ଚାଲି ପାରିବ? ଗୋଟେ ଲୁହଝରା ବାହୁନା ଯେମିତି ଭାଙ୍ଗି ପଡୁଥାଏ ଆମଘର ଭିତରେ।

ବୋଉ ଶାଢ଼ୀ ଦେଇଦିଏ। ଧଡିଆ ନନା ଶାଢ଼ୀ ନେଇଯାଏ। ତା' ଆର ବର୍ଷକୁ ସେମିତି। ସେମିତି ଡାକରା, ସେମିତି ବୋଉର ନା..ନା, ଧଡିଆ ନନାର ବୋଉ ପାଖରେ ଅଭିନୟ।

ବୋଉ ବାକ୍ସରେ ଯେଉଁ କେତୋଟି ଭଲ ଶାଢ଼ୀ ଥିଲା ତା' ଭିତରେ ଥିଲା ଏଇ ଶାଢ଼ୀଟି । ଯେଉଁଟାକୁ ନିଜେ ଧଡିଆ ନନା ବାଛନ୍ତି । ସେତେବେଳେ ତ ଶିଳିକି ଶାଢ଼ୀ ଗୋଟେ ଅଭିଜାତ୍ୟ ଥିଲା ବାଲା ଘରର ପରିଧାନ। ଭଲଶାଢ଼ୀ ବା ଆସିବ କୋଉଠୁ? ଯେଉଁଠି ରାମଲୀଳା ହୁଏ ସେମାନେ କିଛି ସଜ ରଖିଥାନ୍ତି । ବେଶି ଗୁଡ଼େ ମୁଖା, ମୁକୁଟ, ଖଣ୍ଡା, ଧନୁଶର କି ଏମିତି କିଛି କିନ୍ତୁ ବର୍ଷକ ଯାକ ବନ୍ଧାହୋଇ ରହିଲେ ଶାଢ଼ୀ ନଷ୍ଟ ହୋଇଯିବ ବୋଲି ପ୍ରାୟ ଶାଢ଼ୀ ରଖିନଥାନ୍ତି । ତେଣୁ ଯିଏ ସବୁ ଅଭିନୟ କରିବେ ସେମାନେ ନିଜନିଜ ଘରୁ ଶାଢ଼ୀ ଆଣିଥାନ୍ତି । ଧଡିଆ ନନା କୋଉଠୁ ଆଣିବେ, ତାଙ୍କର ତ ନଥିଲା ପକ୍ଷା ମାଗିଲେ ବି ତାଙ୍କୁ ଦେବ କିଏ? ସେ କାହାକୁ ମାଗି ପାରନ୍ତିନି। ଅଭିନୟଟି ବି ଯଦି ଦାସୀର ହୋଇଥାନ୍ତା ହୁଏତ ସେ ଘର ଶାଢୀରେ ଚଳାଇ ନେଇଥାନ୍ତେ କିନ୍ତୁ ସେ ତ ଜନକ ନନ୍ଦିନୀ ଓ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଧରମପତ୍ନୀ, ମା' ସୀତା! ସେ ଭୂମିକା ଲାଗି ହିଁ ତାଙ୍କର ଗୁରୁତ୍ୱ। ସୀତା ହେବେ ଅଥଚ ଭଲ ଶାଢ଼ୀଟିଏ ନଥିବ? ସେଇ ଦୃଷ୍ଟିରେ ବୋଉ ବି ତାଙ୍କ କଥାଟିକୁ ଭାଙ୍ଗି ପାରେନା।

ଶାଢ଼ୀଟି କେତେକର ହୋଇଥିବ କେଜାଣି? କିନ୍ତୁ ଖୁବ ସୁନ୍ଦର ଶାଢ଼ୀଟିଏ। ଶିଳିକି ଶାଢ଼ୀ। ପତ୍ରନେଳିରଙ୍ଗ । ଶାଢ଼ୀଯାକ ଏକ ନିର୍ଦ୍ଦିଷ୍ଟ ମାପର ବୃତ୍ତବୃତ୍ତ ପ୍ରିଣ୍ଟ। ସେ ବୃତ୍ତ ମଧ୍ୟରେ ଗୋଟାଏ ସେଇ ରଙ୍ଗର ଗାଢ଼ଫୁଲ। ସେ ପ୍ରିଣ୍ଟ ଯାହା ବୃତ୍ତକୁ ଯେମିତି ଅଲଗା କରୁଥାଏ ସବୁ ଫୁଲକୁ ସେମିତି ଚିହ୍ନିତ କରୁଥାଏ। ସମଗ୍ର ଶାଢ଼ୀଟି ଦେଖିଲେ ଗୋଟେ ଲୋଭ ହିଁ ଲାଗିବ।



ସେ ଶାଢ଼ୀ ପିନ୍ଧିଲେ ଧଡିଆ ନନା ସୁନ୍ଦର ଲାଗିବନି କେମିତି !

ଯେଉଁଦିନ ସୀତା ବିବାହ ଥାଏ ସେଇଟିକୁ ସେ ପିନ୍ଧେ। ମୁଣ୍ଡରେ ମୁକୁଟ, ହାତ, ପାଦ, ପାପୁଲି ଭର୍ତ୍ତି ଅଳଙ୍କାର। ବେକରେ ଅଳଙ୍କାର, ତା' ଉପରେ ଫୁଲମାଳ। ଚମ୍ପାଫୁଲର ଗୋଟେ ଲମ୍ବାମାଳ ବେକରୁ ଆସି ପାଦତଳକୁ ଛୁଉଁଥିବ । କି ହୁଳହୁଳି କି ବାଜା କି ବାଣ କି ବନ୍ଦାପନା ! ଟଙ୍କା, ଚାଉଳ ଗଦେଇ ହୋଇପଡୁଥିବା ରାମସୀତା ଆଶୀର୍ବାଦ ଦେବାପରି ଛିଡାହୋଇଥିବେ। ଦୂରରେ ଭୋଜିରନ୍ଧା ଚାଲୁଥିବ। ଫୁଲ ବାସ୍ନାକୁ ଭୋଜି ବାସ୍ନା ଖଣ୍ଡମଣ୍ଡଳ ମହକୁଥିବ। ସତରେ ସେତେବେଳେ ସୀତାଙ୍କୁ ଦେଖିଲେ ଧଡ଼ିଆନନା କୁ ଭୁଲିଯିବ । ମୁଁ ବି ଦେଖିଛି ତାଙ୍କୁ ବନ୍ଦାପନା କରୁକରୁ କେତେ ଆର୍ତ୍ତଙ୍କ କରୁଣ ବିଳାପ। ମୁଁ ନିଜେ ବି ପଇସା ଦେଇଛି। ମୁଣ୍ଡିଆ ମାରିଛି ।

ରାମଲୀଳା ସରିଯାଏ। ଧଡିଆ ନନା ଶାଢ଼ୀ ଫେରାଏ କିଛି ଦାଗ ସହିତ। ବୋଉ ପୁଣି ବିରକ୍ତ ହୁଏ। ଧଡ଼ିଆ ନନା ସେମିତି ନେହୁର ହୁଏ। ବୋଉ ଶାଢ଼ୀ ଦିଏ ତା ପରବର୍ଷ ।

ଏବେ ରାମଲୀଳା ହେଉନି। ଧଡିଆ ନନାଙ୍କ ଖବରନାହିଁ। ତାଙ୍କର ମୁହଁଟିକୁ ମନେ ପକାଇଲେ ବି ମନକୁ ଆସୁନି। ରାମଲୀଳା ଗାଁ ସହିତ ବି ସମ୍ପର୍କ ନାହିଁ ଆଉ।

ବୋଉ ଏବେ ଧଳା ଲୁଗା ପିନ୍ଧୁଛି । ଅଥଚ ସେଦିନର ସେଇ ଦୃଶ୍ୟଟି ମନେପଡିଗଲେ ମୋ' ଆଖିକୁ ବୋଉ ଦିନେଦିନେ ସୀତା ପରି ଦିଶୁଛି ।

ଶ୍ରୀବିହାର, ଖୋର୍ଦ୍ଧା
ମୋ.୭୦୭୭୧୯୪୯୮୬

## ପଦାଙ୍କ

• ମନୋରମା ମିଶ୍ର

**ଝି**ଅ କଲେଜରୁ ନିଜ ପସନ୍ଦର ପୁଅଟି ସହିତ ଚାଲିଗଲା । ବାପା, ମା' ବ୍ୟସ୍ତ ହେଲେ । ଅନେକ ଦିନଯାଏ ବାହାରେ ମୁଣ୍ଡ ଟେକି ଚାଲିପାରିଲେନି କି ବନ୍ଧୁବାନ୍ଧବଙ୍କ ସହ ମିଶି ପାରିଲେନି । କିନ୍ତୁ ସମୟକ୍ରମେ ମନକୁ ବୁଝାଇ ଝିଅର ଭବିଷ୍ୟତ ଚିନ୍ତା କରି ଝିଅ-ଜୋଇଁଙ୍କୁ ଆପଣେଇ ନେଲେ ।




ପ୍ରାୟ ତିନି/ଚାରିବର୍ଷ ପରେ ଝିଅର ଝିଅଟିଏ ହେଲା । ବାପା, ମା' ଭାରି ଖୁସି । ଝିଅ ବାହାଘର ଭୋଜି ଦେଇପାରିନଥିବାର ଦୁଃଖ ନାତୁଣୀ ଜନ୍ମରେ ଭୋଜି ଦେଇ ଭୁଲିବାକୁ ଚେଷ୍ଟା କଲେ । ନିର୍ଦ୍ଦିଷ୍ଟ ଦିନ ସମସ୍ତେ ଆସିଲେ । ଖାଇପିଇ ଧୀରେ ଧୀରେ ଫେରିଗଲେ । ଏତିକିବେଳେ ଝିଅର ସାଙ୍ଗ ଟୁନି ତା'ର ତିନିବର୍ଷର ପୁଅ ଏବଂ ସ୍ୱାମୀ ସହ ଯିବାକୁ ବାହାରିଲା । ହଠାତ୍ ତା' ପୁଅଟିକୁ କୋଳେଇ ନେଇ ଝିଅ କହିଲା- ଦେଖ ଟୁନି! ତୋ, ମୋ ବନ୍ଧୁତା ଯେମିତି ଆହୁରି ଦୃଢ଼ ହେବ ସେଥିପାଇଁ ତୋ ପୁଅ ଆଉ ମୋ ଝିଅ ବଡ଼ ହେଲେ ସେମାନଙ୍କର ବାହାଘର କରିବା । ଆଜିଠୁ କଥା ପକ୍କା ହେଲା । ଟୁନି କିଛି ନକହି ହସୁଥିଲା । କିନ୍ତୁ ଝିଅର ମାଈଁ ଆଗେଇ ଆସି କହିଉଠିଲେ- ଆହା, ନିଜେ କାହିଁକି ଏତେ ଛୋଟଛୁଆର ବାହାଘର ଠିକ୍ କରୁଛ? ବଡ଼ ହେଲେ ଯଦି ସିଏ ତମଭଳି ତା' ଇଚ୍ଛାରେ କାହା ସହିତ ଚାଲିଯିବ?

ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ. ୮୮୭୧୫୭୮୫୩୭

## ଅଳ୍ପ କଥାର ୨ଟି ଗଳ୍ପ

**ଡ. ପ୍ରତିଭା ମହାରଥୀ**



### ଅପ୍ରତ୍ୟାଶିତ

**ସୁ**ନୀତା ଏଇ ଚାରି ପାଞ୍ଚଦିନ ହେବ, କାମ କରି କରି ଥକି ପଡ଼ିଲେଣି । ସ୍କୁଲ୍‌ରେ ପଢୁଥିବା ଦୁଇ ପିଲାଙ୍କ କାମ, ସ୍ୱାମୀଙ୍କର କାମ, ଅସୁସ୍ଥ ଶ୍ୱଶୁରଙ୍କ କାମ ସାଙ୍ଗକୁ ଘର ଓଳାଇବା, ବାସନ ମାଜିବା, ଲୁଗାପଟା ସଫା କରିବା କାମରେ ସେ ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡ଼ିଲେଣି । ଦୁଇ/ଚାରିଦିନ ହେଲାଣି କାମବାଲୀ ଝରଣା ଛୁଟି ନେଇ ତା' ଶାଶୂଘର ଗାଁକୁ ଯାଇଛି, ତା'ର ନଣନ୍ଦର ବାହାଘର ପାଇଁ । ସିଏ ଏକୁଟିଆ ସବୁ କାମ ନିଖୁଣ ଭାବରେ କରିଦେଉଥାଏ । ତେଣୁ ସୁନୀତା ଦେବୀଙ୍କୁ କେବଳ ରୋଷେଇ ଛଡ଼ା ଅନ୍ୟ କିଛି କରିବାକୁ ପଡେନାହିଁ । ଏବେତ ଝରଣା ଯିବାର ଦୁଇଦିନ ଭିତରେ ସୁନୀତା ଅଧୈର୍ଯ୍ୟ ହୋଇପଡ଼ିଲେଣି । ପୁଣି ଦଶଦିନ କିପରି ଚଳିବେ!!

ଝରଣା ଯିବା ଆଗରୁ ନଣନ୍ଦ ବାହାଘର ପାଇଁ ସୁନୀତାଙ୍କଠାରୁ ଦଶହଜାର ଟଙ୍କା ମାଗି ନେଇଛି । ସୁନୀତା ସ୍ଥିର କରିଛନ୍ତି ଏହି ଟଙ୍କା ଝରଣାର ମାସିକ ବେତନରୁ କାଟି ରଖିବା ପାଇଁ ! ଛୁଟି ନେଇ ଗାଁକୁ ଯିବାର ଦୁଇଦିନ ପରେ ତା'ର ସ୍ୱାମୀ ଚଗଲାକୁ ଘର ସାମ୍ନାରେ ଠିଆ ହୋଇଥିବାର ଦେଖି ସୁନୀତା କ'ଣ କ'ଣ ଭାବି ଚାଲିଲେ । ଚଗଲାର ପୁଣିଥରେ ଆସିବାର କାରଣ କ'ଣ ହୋଇପାରେ?? ନିଶ୍ଚିତ ଭାବରେ ଆଉ କିଛି ଟଙ୍କା ମାଗିବାକୁ ଚାଲିଆସିଛି ?? ଏହା ଭାବି ସୁନୀତା ଦେବୀ ଗୁଣୁଗୁଣୁ ହୋଇ ନିଜକୁ ନିଜେ କହିଚାଲିଲେ- ଏଠି କ'ଣ ଟଙ୍କା ଗଛ ଲାଗିଛି, ଯେତେବେଳେ ମାଗିବ, ମୁଁ ଦେଇଦେବି?? ବାରଣ୍ଡାକୁ ବାହାରି ଆସି ବିରକ୍ତିରେ ଚଗଲାକୁ କହିଲେ 'ଟଙ୍କା ଫଙ୍କା ଆଉ କିଛି ମିଳିବନି, ଯେତିକି ନେଇଛୁ ସେତିକିରେ ବାହାଘର କାମ ଚଳା, ମୁଁ ଆଉ ଦେଇପାରିବିନି, ବୁଝିଲୁ ।

ଏତିକିବେଳେ ଛେପ ଢୋକି ଢୋକି ଅତି ସନ୍ତର୍ପଣରେ ଡରି ଡରି ଚଗଲା କହିଲା ''ମା' ମୁଁ ଆପଣଙ୍କଠାରୁ ଆଉ ଟଙ୍କା ଉଧାର ନବାକୁ ଆସିନି । ଆସିଛି ଆପଣଙ୍କଠାରୁ ଉଧାର ନେଇଥିବା ଦଶହଜାର ଟଙ୍କା ପରିଶୋଧ କରିବାକୁ । ମା', ଆପଣ ଜାଣି ଖୁସି ହେବେ, ସରକାରଙ୍କ ନବକଳେବର ରାସ୍ତାଟି ଆମ ଘର ପଛପଟ ଜମି ଭିତରେ ଗଲା । ତେଣୁ ସରକାରଙ୍କଠୁ ଜମି ବାବଦକୁ ଏକଲକ୍ଷ ପନ୍ଦର ହଜାର ଟଙ୍କା ମିଳିଲା । ମା' ଅରକ୍ଷିତକୁ ଦଇବ ସାହା ସିନା, ଏଇ ଟଙ୍କାଟା ବାହାଘର କାମରେ ତ ଲାଗିଯିବ । ହେଲେ ଆମେ ଗରିବ ଲୋକ, ଆପଣଙ୍କ ଟଙ୍କାଟା ଆଗ ଫେରେଇ ଦେଲା ପରେ ଆଉ ଯାହା ଅନ୍ୟାନ୍ୟ ଖର୍ଚ୍ଚବାର୍ଚ୍ଚ କରିବୁ । ଏହା କହି ସୁନୀତାଙ୍କ ହାତକୁ ବଢ଼ାଇଦେଲା ଦଶହଜାର ଟଙ୍କାର ବିଡାଏ ନୋଟ୍ ।

ସୁନୀତା ଦେବୀ ଚଗଲାଠାରୁ ଏ କଥା ଶୁଣି ଏକରକମ ଅପ୍ରସ୍ତୁତ ହୋଇପଡୁଥିଲେ । ତା' ହାତରୁ ଦଶହଜାର ଟଙ୍କା ଫେରେଇ ନେଲାବେଳେ ଚଗଲାର ବିଶାଳ ହୃଦୟ ଆଗରେ ସଂକୁଚିତ ହୋଇ ଆସୁଥିଲା ସୁନୀତାଙ୍କ ଅହଂଭରା କ୍ଷୁଦ୍ର ହୃଦୟଟି । ଚଗଲାର ମଣିଷପଣିଆ ଆଗରେ ନଇଁ ଆସୁଥିଲା ମୁଣ୍ଡ ସୁନୀତା ଦେବୀଙ୍କର।

### ନୂଆ ମନ୍ତ୍ର



**ମୋ**ହନ ଭୁବନେଶ୍ୱରରେ ଥିବା ଇଣ୍ଡିଆନ୍ ବ୍ୟାଙ୍କରେ ପିଓ ଅଛନ୍ତି । ଏବେ ଦୁଇବର୍ଷ ହେଲା ତାଙ୍କର ବିବାହ ହୋଇଛି । ବିବାହ ଆଗରୁ ସିଏ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମପୁରରୁ ନିତିଦିନ ବସ୍‌ରେ ଅଫିସ୍‌କୁ ଯିବା ଆସିବା କରୁଥିଲେ । ଏବେ କିନ୍ତୁ ସ୍ତ୍ରୀ 'ମାନୀ'ଙ୍କ ସହ ଭୁବନେଶ୍ୱରରେ ଏକ ଭଡ଼ାଘରେ ରହୁଛନ୍ତି । ବାପା, ମାଆ ତାଙ୍କର ମଝିରେ ମଝିରେ ଆସି ଆଠ/ଦଶଦିନ ରହି ପୁଣି ଗାଁକୁ ଫେରିଯାଆନ୍ତି । ସେମାନେ କୁହନ୍ତି ଗାଁ ଛାଡିଦେଇ ସମସ୍ତେ ଯଦି ସହରରେ ରହିବା ତେବେ ବାପା ଜେଜେବାପା ଅମଳର ଘରଟି ଶ୍ମଶାନ ପାଲଟିବ । ସେଠି ବିଲୁଆ ଶାଗୁଣାଙ୍କର ଦୌରାତ୍ମ୍ୟ ବଢ଼ିବ । ଜମିବାଡ଼ି ସବୁ ଭଗାରି ମାଡ଼ିବସିବେ । ତେଣୁ ସେମାନେ ପୁଅ ବୋହୂଙ୍କର ଅନୁରୋଧକୁ ରଖିନପାରି ଗାଁରେ ରୁହନ୍ତି ।

ଏବେ ଦୁଇ/ଚାରି ଦିନ ହେବ ବାପା, ମାଆ ଗାଁରୁ ଆସି ଭୁବନେଶ୍ୱରରେ ଅଛନ୍ତି । ମୋହନ ଓ ମାନୀଙ୍କ ଗୋଡ଼ ଆଉ ଖୁସିରେ ତଳେ ଲାଗୁନି । କେମିତି କେଉଁଠୁ ଭଲ ଭଲ ଦରବ ଆଣି ତାଙ୍କୁ ଖାଇବାକୁ ଦେବେ, ଭଲ ଭଲ ସ୍ଥାନ ବୁଲାଇ ଦେଖାଇବେ ଏମିତି କେତେ କ'ଣ କରିବସନ୍ତି ସେମାନେ । ପୁଅ ବୋହୂଙ୍କ ସ୍ନେହ, ଶ୍ରଦ୍ଧାରେ ବୁଢ଼ା ବୁଢ଼ୀ ଦୁଇଜଣ ଖୁବ୍ ସନ୍ତୁଷ୍ଟ । ମୋହନ ତ ତାଙ୍କର ଏକମାତ୍ର ପୁତ୍ର । ଏକୋଇର ବଳା ବିଶିକେସନ । ହଠାତ୍ ବାପା ଗୋପୀନାଥଙ୍କର ଭୁବନେଶ୍ୱରର ବରା ଆଉ ଘୁଗୁନି ଖାଇବାକୁ ଇଚ୍ଛା ହେଲା । ସେଦିନ ମାନି ସକାଳୁ ଆଉ କିଛି ଜଳଖିଆ ପ୍ରସ୍ତୁତ ନକରି ବାପାଙ୍କ ଇଚ୍ଛା ମୁତାବକ ରାମମନ୍ଦିର ପାଖରେ ମିଳୁଥିବା ବରା ଘୁଗୁନି ମୋହନଙ୍କ ହାତରେ ମଗାଇଦେଲା । ବାପାଙ୍କର ଏକା ଜିଦ୍ ଆଜି ସମସ୍ତେ ଏକାସାଥୀରେ ଡାଇନିଂ ଟେବୁଲ୍‌ରେ ଖାଇବା । ବାଧ ହୋଇ ମାନି ସମସ୍ତଙ୍କ ପାଇଁ ଟେବୁଲ୍‌ରେ ବାଢ଼ିଦେଲା ଓ ସେମାନେ ଏକାସଙ୍ଗେ ଖାଇବସିଲେ । ବଳକା ବରା ଘୁଗୁନିକୁ ସିଏ ରୋଷେଇ ଘରେ ହଟ୍‌କେସ୍‌ରେ ରଖି ଦେଇଥାଏ । ଆଉ ପଛରେ ଦରକାର ହେଲେ ନେବ, ଏଥିପାଇଁ... ବାପାଙ୍କ ପ୍ଲେଟ୍ ପ୍ରଥମେ ଖାଲି ହୋଇଗଲା । ଭାରି ଆଗ୍ରହରେ ବାପା ମଧ୍ୟ ଖାଉଥିଲେ, ଆଉ ବରା ଘୁଗୁନିର ଖୁବ୍ ତାରିଫ୍ ମଧ୍ୟ କରୁଥିଲେ । ତେଣୁ ମାନୀ ଧଡ଼୍‌ପଡ଼୍ ହୋଇ ଉଠି ରୋଷେଇ ଘରକୁ ଆସିଲା ଆଉ ବରା ଘୁଗୁନି ନେଇ ବାପାଙ୍କୁ ବାଢ଼ିଦେବାକୁ । ମାତ୍ର ରୋଷେଇ ଘର ଦୃଶ୍ୟ ଦେଖି ସିଏ ଆଶ୍ଚର୍ଯ୍ୟ ନହୋଇ ରହିପାରିଲାନି । ରୋଷେଇ ଘରର ଗୋଟିଏ କଣରେ ଚକାମାଡ଼ି ବସିପଡ଼ି ତାଙ୍କଘରେ ରୋଷେଇ କରୁଥିବା ଭୋଳା ବାକି ସବୁଯାକ ବରା ଓ ଘୁଗୁନି ପ୍ଲେଟ୍‌ରେ ନେଇ ଖାଇଚାଲିଛି । ମାନୀ ଖୁବ୍ ବିରକ୍ତ ହୋଇ ଭୋଳାକୁ ବହେ ଗାଳିଗୁଲଜ କରି ଡାଇନିଂ ଟେବୁଲ୍ ପାଖକୁ ଫେରିଆସି ସବୁ କଥା କହିଗଲେ । ମୋହନ ମଧ୍ୟ ଖୁବ୍ ବିରକ୍ତ ହୋଇ ଏଭଳି ମନମୋଟିଆ ଉଦ୍ଧତ ରୋଷେୟାକୁ ବାହାର କରିଦେବାକୁ ପ୍ରସ୍ତାବ ଦେଲେ । ମାଲିକ୍ ନଖାଉଣୁ ସବୁ ନେଇ ଆଗତୁରା ଖାଇଦେବ, ଟିକିଏ ଲାଜ ସରମ ନାହିଁ, ଏ କଥା କହିଲେ ମା' ରୁକ୍ମିଣୀ ଦେବୀ । ସମସ୍ତଙ୍କ ପରେ ଏଥର ମୁହଁ ଖୋଲିଲେ ପିତା ଗୋପୀନାଥ ବାବୁ । ଜୀବନଟାଯାକ ଜଣେ ଆଦର୍ଶ ଶିକ୍ଷକ ହିସାବରେ କଟିଯାଇଛି ତାଙ୍କର । ତେଣୁ ତାଙ୍କ 'ରାଏ' ଟା ନିଆରା ହେବା ସ୍ୱାଭାବିକ । ସେ କହିଲେ, ମୋ ମତରେ ତା' ପ୍ରତି ଉଚିତ୍ ଦଣ୍ଡବିଧାନଟା ଏୟା ହେବ ଯେ ଏଣିକି ଘରକୁ ଯେତେବେଳେ ଭଲ ଭଲ ଖାଦ୍ୟଦ୍ରବ୍ୟ କେଉଁଠାରୁ ଆସିବ କିମ୍ବା ଘରେ ଯାହାସବୁ ରୋଷେଇ ହେବ, ମାନୀ ମା' ଆଗ ଭୋଳାକୁ ଖାଇବାକୁ ଦେବା ପରେ ସେମାନେ ଦୁହେଁ ଖାଇବେ । ତା'ର ଖାଦ୍ୟ ଲାଳସା ଆଗ ଅବଦମିତ ହୋଇଯାଇଥିବ । ତା'ଛଡ଼ା ସିଏ ତ ତୁମ ଆମ ଭଳି ମଣିଷଟିଏ, ତାର ବି ଆମ ଭଳି ଆତ୍ମାଟିଏ ଅଛି । ଆମ ଘରେ ନୌକରୀ କରୁଛି ବୋଲି କ'ଣ ତାର କିଛି ଖାଇବାର ସ୍ୱାଧୀନତା ନାହିଁ ?? ବାପାଙ୍କର ଏହି 'ରାଏ' କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ମୋହନ, ମାନୀ ଓ ମା' ରୁକ୍ମିଣୀ ଦେବୀ ।

ଏଣିକି ଘରକୁ ଯେତେବେଳେ ଯେଉଁଠୁ ଭଲ ଭଲ ଖାଦ୍ୟ ଦ୍ରବ୍ୟ ଆସେ ମାନୀ ପ୍ରଥମେ ଭୋଳାକୁ ଡାକି ଖାଇବାକୁ ଦେଲା ପରେ ସେମାନେ ଦୁହେଁ ଖାଆନ୍ତି କିମ୍ବା ଅତିଥି ଅଭ୍ୟାଗତଙ୍କୁ ଦିଅନ୍ତି । ଭୋଳା ମଧ୍ୟ ଏବେ ଆଗ ଅପେକ୍ଷା ଅଧିକ ମନଧ୍ୟାନ ଦେଇ ଖୁସିରେ ଖୁସିରେ ରୋଷେଇ ସହ ଅନ୍ୟାନ୍ୟ କାମ କରିଚାଲିଛି ।

ମୋ. ୯୪୩୭୦୩୭୬୮୦୯

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୨ ଜାନୁଆରୀ ୨୦୨୬ । ଗୁରୁବାର

# ପରମିଟ୍ ସରିବା ପରେ ବି ଗାଡି ଗଡୁଛି

**ଝାରସୁଗୁଡ଼ା,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**



କୋଇଲା ପରିବହନରେ ରାଜ୍ୟ ବାହାର ଗାଡ଼ି ଝାରସୁଗୁଡ଼ା, ଝାରସୁଗୁଡ଼ାରେ ପ୍ରଦୂଷଣକୁ ନେଇ ସମସ୍ତେ ଚ଼ିନ୍ତାରେ। ରାସ୍ତାରେ ଗଲେ ଧୂଳି ଆଖି, ନାକ ଓ ପାଟିରେ ପଶୁଛି। ପୋଷାକ ଗୋଟିଏ ଦିନରେ କଳା ଓ ମାଟିଆ ହୋଇଯାଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ହିରଣ୍ୟ ନାୟକ ଗାଡ଼ିମୋଟର ଯୋଗୁଁ ପ୍ରଦୂଷଣ ବଢୁଛି ବୋଲି କହୁଛନ୍ତି। ଯଦି ଗାଡ଼ି ବନ୍ଦ କରାଯାଏ, ଖାସ କରି କୋଇଲା ପରିବହନରେ ବ୍ୟବହୃତ ଟ୍ରକ୍ ବନ୍ଦ କଲେ ପ୍ରଦୂଷଣ କମିଯାନ୍ତା ବୋଲି କହିଛନ୍ତି। କିନ୍ତୁ ଆଞ୍ଚଳିକ ପରିବହନ ଅଧିକାରୀ କେବଳ ସ୍କୁଲ ଓ କଲେଜରେ ସଡ଼କ ସୁରକ୍ଷା ସଚେତନତାରେ ମାତିଛନ୍ତି। ଅନ୍ୟପକ୍ଷରେ ବିନା ପରମିଟ ଏବଂ ୧୫ ବର୍ଷ ହୋଇଯାଇଥିବା ଗାଡ଼ି ବେଫିକର ଭାବେ ଗଡ଼ୁଛି। ନିଜର ଫାଇଦା ପାଇଁ କାଗଜପତ୍ର ଯାଞ୍ଚ କରାଯାଉନାହିଁ କି ଜରିମାନା ଆଦାୟ ହେଉ ନାହିଁ।

ଝାରସୁଗୁଡ଼ା ଜିଲ୍ଲା ବିନା ପଞ୍ଜୀକରଣ ଗାଡ଼ିର ଭୂସ୍ୱର୍ଗ ପାଲଟିଛି। ଏନେଇ ଖୋଳତାଡ଼ କରିବାରୁ ଆଞ୍ଚଳିକପରିବହନ ଅଧିକାରୀଙ୍କୁ କୁହାଯାଇଛି। ହେଲେ ସେ ନିଦାବିଷ୍ଟୁ ସାଜିଛନ୍ତି। ସୂଚ଼ନାରୁ ପ୍ରକାଶ ଯେ, ୨୦୨୩ ଅକ୍ଟୋବର ୧୭ରେ ସଦର ଥାନା ଅଞ୍ଚଳରେ ଦୁର୍ଘଟଣାରେ କ୍ରିଷ୍ଣା ସିଂଙ୍କ ମୃତ୍ୟୁ ହୋଇଥିଲା। ଧକ୍କା କରିଥିବା ଟ୍ରକ୍ (ଓଆର-୦୪- କେ-୫୭୭୫) ବିରୋଧରେ ଇନ୍‌ସୁରାନ୍ସ କ୍ଲେମ୍ ପରେ ଟ୍ରକରେ ବ୍ୟବହୃତ ନମ୍ବର ବିକାଶ ନାୟକଙ୍କ ମୋଟରସାଇକେଲର ନମ୍ବର ବୋଲି ଜଣାପଡ଼ିଥିଲା। ଟ୍ରକ୍‌ର ଇନ୍‌ସୁରାନ୍ସ ୫୦ରୁ ୭୦ ହଜାର ଟଙ୍କା ହେଉଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ମୋଟରସାଇକେଲ ନମ୍ବରକୁ ୫୩୯ ଟଙ୍କାରେ ଇନ୍‌ସୁରାନ୍ସ କରି ପରେ ନମ୍ବରକୁ ଟ୍ରକ୍‌ରେ ବ୍ୟବହାର କରାଯାଇଥିଲା। ଏହା ସହିତ ବିକାଶ ନାୟକବଦଳରେ ଶୈଳେନ୍ଦ୍ରୀ ନାୟକ ବୋଲି ବଦଳାଇ ଦିଆଯାଇଥିଲା। ବନହରପାଲି ଥାନାରେ ୨୦୨୩ ମାର୍ଚ୍ଚ ୨୬ରେ ବଜାଜ ପ୍ଲାଟିନା ଗାଡ଼ିରେ ଯାଉଥିବା ସତ୍ୟଭାମା ସାହୁଙ୍କ ମୃତ୍ୟୁ ହୋଇଥିଲା। ତଦନ୍ତରୁ ପ୍ଲାଟିନା ଗାଡ଼ି ନମ୍ବର (ଆର-୨୩-ବି-୨୯୫୧) ଏକ ସ୍କୁଟିର ବୋଲି ଜଣା ପଡିଥିଲା।। ଓରିଏଣ୍ଟ ଥାନା ଅଞ୍ଚଳରେ ଏକ ଟ୍ରକ୍ (ଓଡି-୨୩-ଏ- ୭୮୪୪) ମହମ୍ମଦ ସୋହେଲକୁ ଚଡେଇ ମାରି ଦେଇଥିଲା। ଥାନାରେ ମାମଲା ପରେ ସମାନ ନମ୍ବର ଥିବା ମୋଟର ସାଇକେଲ ମଥନ ଠାକୁରଙ୍କ ବୋଲି ଜଣାପଡ଼ିଥିଲା। ପଲିସି ୬୬୮ ଟଙ୍କାର କରାଯିବା ପରେ ଜାଲିଆତି କରି ୪୯୩୫୮ ଟଙ୍କାର ବୋଲି ଦୁର୍ଘଟଣା କରିଥିବା ଟ୍ରକ୍‌ର କରାଯାଇଥିଲା। ବ୍ରଜରାଜନଗର ଥାନା ଅଞ୍ଚଳରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିପ୍ରାଣ ହରାଇଥିଲେ। ଓଆର-୦୪- ଏଲ-୯୭୮୬ ଗାଡ଼ିର ଇନ୍‌ସୁରାନ୍ସ କ୍ଲେମ ହେବାରୁ ଗାଡ଼ିର ଇନ୍‌ସୁରାନ୍ସ ନଥିବା ଜଣାପଡ଼ିଥିଲା। ପରେ ତଦନ୍ତ ହେବାରୁ ଜାଲିଆତି କରି ପୂର୍ବ ତାରିଖରେ ଇନ୍‌ସୁରାନ୍ସ ଅଛି ବୋଲି ଦର୍ଶାଯାଇଥିଲା। ଏନେଇ ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିଯୋଗ ପରେ ଇନ୍‌ସୁରାନ୍ସ ନଥିବା ଜଣାପଡ଼ିଥିଲା। ଠେଲକୋଲୋଇ ଥାନାରେ ରୁଜୁ ମାମଲାରୁ ଏକ କାରର (ଓଡି-୨୩-ପି-୪୫୮୫) ନମ୍ବରକୁ ଟ୍ରକରେ ବ୍ୟବହାର କରାଯାଇଥିବା ସ୍ପଷ୍ଟ ହୋଇଥିଲା। କାର ବାବଦରେ ୧୯୮୨ ଟଙ୍କା ଦେଇ କରାଯାଇଥିବା ଇନ୍‌ସୁରାନ୍ସ କାଗଜକୁ ଜାଲିଆତି କରି ୯୭୩୪୦ ଟଙ୍କାର ଇନ୍‌ସୁରାନ୍ସ କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଥାନାରେ ଏହିଭଳି ମାଳ ମାଳ ଅଭିଯୋଗ। କିନ୍ତୁ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ପୋଲିସ ତଦନ୍ତ ନକରି ଛାଡ଼ି ଦେଉଛନ୍ତି। ଏହାର ସୁଯୋଗ ନେଇ ବହୁ ଗାଡ଼ି ମାଲିକ ବିହାର ଏବଂ ଛତିଶଗଡ଼ରୁ ଚୋରା ଓ ପରମିଟ ନଥିବା ଟ୍ରକ୍ ଆଣି ଏଠାରେ ବିନା ପରମିଟ୍, ବିନା ପଞ୍ଜିକରଣ ଏବଂ ବିନା ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ଚ଼ଳାଉଛନ୍ତି। ରାଜ୍ୟ ସରକାର ତୁରନ୍ତ ତଦନ୍ତ ପୂର୍ବକ କାର୍ଯ୍ୟରେ ଅବହେଳା କରୁଥିବା ଦୋଷୀ ଅଧିକାରୀ ଓ କର୍ମଚ଼ାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ପ୍ରେମିକା ଘର ସାମ୍ନାରେ ବ୍ଲେଡ୍‌ରେ ଦେହ କାଟିଲେ ପ୍ରେମିକ



**ଘଟଗାଁ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ସାନମସିଣାବିଲା ଗ୍ରାମରେ ବିଫଳ ପ୍ରେମିକର ଉନ୍ମାଦକାଣ୍ଡ ପ୍ରେମିକା ଘର ସାମ୍ନାରେ ନିଜର ଶରୀରରେ ଏକାଧିକ ସ୍ଥାନରେ ବ୍ଲେଡ଼ରେ ନିଜକୁ କ୍ଷତାକ୍ତ କଲେ ଯୁବକ। ସୂଚନା ଅନୁଯାୟୀ ଯୋଡା ଅଞ୍ଚଳର ଯୁବକ ଆକାଶ କୁମାର ବାରିକ ସାନମସିଣାବିଲା ଗ୍ରାମର ଜଣେ ଯୁବତୀଙ୍କ ସହ ଦୀର୍ଘ ୪ବର୍ଷ ହେବ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ତେବେ ବୁଧବାର ଯୁବକ ଜଣକ ପ୍ରେମିକା ଘର ସାମ୍ନାରେ ନିଜ ଶରୀରରେ ଏକାଧିକ ସ୍ଥାନରେ ବ୍ଲେଡରେ କ୍ଷତାକ୍ତ କରିଥିଲେ। ଖବର ପାଇଁ ପୋଲିସ ଘଟଣାସ୍ଥଳରେ ପହଁଚ଼ି ଯୁବକକୁ ଉଦ୍ଧାର କରି ଘଟଗାଁ ମେଡିକାଲରେ ଚ଼ିକିତ୍ସା କରାଇବା ପରେ ଥାନାରେ ଅଟକ ରଖି ପଚ଼ାରାଉଚ଼ରା ଜାରି ରଖିଛି।

# ୮ରେ ସୁଧା ସର୍ଜନା ମହାମହୋତ୍ସବ

**ଭୁବନେଶ୍ୱର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ସହରରେ ସତସଙ୍ଗ ମହା ମହୋତ୍ସବର ଆୟୋଜନ ନିମନ୍ତେ ସତସଙ୍ଗର ପ୍ରଧାନ ଆଚ଼ାର୍ଯ୍ୟ ଦେବ ଶ୍ରୀ ଶ୍ରୀ ଆଚ଼ାର୍ଯ୍ୟ ଦେବଙ୍କ ଇଚ୍ଛାକୁ ବାସ୍ତବତାର ରୂପ ଦେବାକୁ ତାଙ୍କର ଜ୍ୟେଷ୍ଠ ପୁତ୍ର ପୂଜନୀୟ ଶ୍ରୀ ଶ୍ରୀ ଅଭିନ୍ନ ଦାଦାଙ୍କୁ ଅଗ୍ରଭାଗରେ ରଖି, ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚ଼ନ୍ଦ୍ରଙ୍କ ୧୩୮ତମ ଜନ୍ମ ମହାମହୋତ୍ସବ ତଥା ଭୁବନେଶ୍ୱର ସତସଙ୍ଗ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ଶତାଧିକ ଯୁବକର୍ମୀ, ମା'ମାନେ ସହର ମଧ୍ୟରେ ଘର ଘର ପରିକ୍ରମା କରି ଏହି ଉତ୍ସବରେ ଲକ୍ଷାଧିକ ଜନ ସମାଗମ ହୋଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚ଼ନ୍ଦ୍ରଙ୍କ ଆଶୀର୍ବାଦ ନେବା ପାଇଁ ନିମନ୍ତ୍ରଣ କରୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଧର୍ମ ଆଲୋଚ଼ନା, ଶିଶୁମାନଙ୍କ ମଧ୍ୟରେ ବଞ୍ଚିବାର ରାହା, ମା'ମାନେ, ମାତୃ ସମ୍ମିଳନୀରେ ଯୋଗ ଦେବା ପ୍ରସାଦ ସେବନ ପାଇଁ ବିଭିନ୍ନ ପ୍ରକାରର ଆୟୋଜନ କରାଯାଇଛି। ସୁନାମଧନ୍ୟ 'ହ୍ୱାଇଟ୍ ବ୍ୟାଣ୍ଡ୍' ଦ୍ୱାରା ବହୁ ଚ଼ିତାକର୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳ, ସନ୍ଧ୍ୟାରେ ବିନତି ପ୍ରାର୍ଥନା, ଗ୍ରନ୍ଥାବଳୀ ପାଠ, ଉଷା କୀର୍ତ୍ତନ, ନଗର କୀର୍ତ୍ତନରେ ଦେଶର ବିଭିନ୍ନ ଅଞ୍ଚଳର ସାଧୁ, ସନ୍ଥ, ଅନୁରାଗୀ, ସତସଙ୍ଗର କର୍ମୀ ଏବଂ ଅନୁରାଗୀମାନେ ଯୋଗ ଦେବା ଆଶା କରାଯାଏ। ଏହି ମହାମହୋତ୍ସବ ସଫଳ କରିବା ପାଇଁ ଉତ୍ସବ କମିଟି ତରଫରୁ ସମସ୍ତ ନଗର ବାସିନ୍ଦା ଙ୍କୁ ଅନୁରୋଧ କରାଯାଇଛି।

# ମେଗା ରକ୍ତଦାନ ଶିବିର

**ବ୍ରହ୍ମପୁର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅର୍ବାନ୍ ବ୍ୟାଙ୍କ ସଭାପତି, ପୂର୍ବତନ କର୍ପୋରେଟର ତଥା ସମାଜସେବୀ ଆର୍, ମୁରଲୀ ମୋହନ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରି ଉଦାହରଣ ସୃଷ୍ଟି କରିଛନ୍ତି। ଗତ ୧୫ ବର୍ଷ ଧରି ଜନ୍ମଦିନରେ ଏଭଳି ମହତ୍ କାର୍ଯ୍ୟ କରିଆସୁଥିବା ବେଳେ ଚ଼ଳିତ ବର୍ଷ ମେଗା ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ରାଧାକୃଷ୍ଣ ବଣିକ ସଂଘ, ଫ୍ରେଣ୍ଡସ୍ ଫର୍ ଏଭର୍ ଗ୍ରୁପ ଓ ଶଙ୍କର ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ତୁଳସୀ ନଗର ମେଇନ ରୋଡରେ ଥିବା ଲକି ସେଲେବ୍ରେକ୍ସନ ରେ ମେଗା ରକ୍ତଦାନ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଚ଼କ୍ଷୁ ପରୀକ୍ଷା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚ଼ନ୍ଦ୍ର ଚ଼୍ୟାଉପଟ୍ଟନାୟକ, ପୂର୍ବତନ ସାଂସଦ ଚ଼ନ୍ଦ୍ର ଶେଖର ସାହୁ, ମୂରଲୀଙ୍କ ମା' ଆର ସାବିତ୍ରୀ, ସମାଜସେବୀ ଅରକ୍ଷିତ ଜେନା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡି, ବରିଷ୍ଠ ନେତା ସୁବାଷ ମହାରଣା ଯୋଗ ଦେଇ ରକ୍ତଦାନ ଶିବରର ଶୁଭାରମ୍ଭ କରିଥିଲେ। ମହାନଗର ନିଗମର କର୍ପୋରେଟର ତିରୁପତି ପାତ୍ର, ପ୍ରଦୀପ ଶତପଥୀ, ଡି କରୁନ କର, ଏନ ଆପା ରାଓ, ଟି କିଶୋର, ରଞ୍ଜିତା ବେହେରା, ଜ ଶ୍ରିନୁ, ବନିତା ସାହୁ, ଗୀତା ରାଣୀ ପଣ୍ଡା, ସୋନାଲି ଗନ୍ତାୟତ, ସନ୍ତୋଷ ସେଠୀ, ଆରତୀ ତନ୍ତୀ, ପ୍ରଶାନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା, ସବିତା ସାହୁ, ନୀଳକଣ୍ଠ ସାହୁ, ରଶ୍ମିତା ପ୍ରଧାନ, ପାର୍ବତୀ ପ୍ରଧାନ, ଦଣ୍ଡପାଣି ନାୟକ, ମମତା ପାତ୍ର, ନରସିଂହ ସେଠୀ, ସମୀର ମିଶ୍ର, ଯୋଗ ଦେବା ସହ ଅର୍ବାନ ବ୍ୟାଙ୍କର ସମସ୍ତ ସଦସ୍ୟ ଓ କର୍ମଚ଼ାରୀ ଯୋଗଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବ୍ରହ୍ମପୁର ସହର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜଣାଇଥିଲେ।

# ଯାଜପୁରକୁ ହରାଇ କଟକ ବିଜୟୀ

**ରାଜନଗର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମଦନପୁର ପଡିଆରେ ଚ଼ାଲିଥିବା ରାଜ୍ୟସ୍ତରୀୟ ମହାବୀର ଚ୍ୟାଲେଞ୍ଜ ଟ୍ରଫିର ତୃତୀୟ କ୍ରିଟେର ଫାଇନାଲ ମ୍ୟାଚରେ ଅକରପଡ଼ା, ଯାଜପୁର କ୍ରିକେଟ କ୍ଲବକୁ ହରାଇ ପ୍ରେସ କ୍ଲବ କଟକ ବିଜୟୀ ହୋଇଛି ପ୍ରଥମେ ବ୍ୟାଟିଂ କରି କଟକ ନିର୍ଦ୍ଧାରିତ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ କରିଥିଲେ। ଦଳର ସୋଇବ ୨୧ ବଲରୁ ୩୪ ରନ କରିଥିଲେ। ୧୪୦ ରନ ବିଜୟ ଲକ୍ଷ ନେଇ ପଡିଆକୁ ଓଲାହି ଥିବା ଯାଜପୁର ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ ହାସଲ କରି ପରାଜିତ ହୋଇଥିଲା। ଦଳର ସାନ୍ତ୍ୱନ ଦାସ ୧୯ ବଲରୁ ୩୭ ରନ କରିଥିଲେ। ସାନ୍ତ୍ୱନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜସେବୀ ମନ୍ମଥ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ

**ମାର୍ଶାଘାଇ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନଙ୍କୁ ନେଇ ନିଶାମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଶଶୀକାନ୍ତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଅଭିଯାନରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ଅଧ୍ୟାପିକା ପ୍ରଭାସିନୀ ସ୍ୱାଇଁ ସମବେତ ଛାତ୍ରଛାତ୍ରୀମାନଙ୍କୁ ନିଶାସେବନର ଭୟାବହତା ଏବଂ ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବସମାଜର ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବଜାର ପରିକ୍ରମା କରି ଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିପିନ ବିହାରୀ ନାଥ, ବିଜୟ କୁମାର ପାତ୍ର, ଅଧ୍ୟାପକ ଧୀରେନ ଚୌଧୁରୀ, ମନୋଜ କୁମାର ରାଉତ, ଶାଶ୍ୱତ ଚନ୍ଦନ ସାମନ୍ତରାୟ, ଡ଼ଃ ଲଚ୍ଛମନ ବୈରାଗୀ ଉପସ୍ଥିତ ଥିଲାବେଳେ କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଲୁସିସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୪୯ ଏକର ଗଞ୍ଜେଇ ଗଛ ନଷ୍ଟ

**ଜୟପୁର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଝିଗୁଡା ପଞ୍ଚାୟତର ଖେମାବେଡା ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ପୋଲିସ, ଅବକାରୀ, ବନବିଭାଗ ଏବଂ ରାଜସ୍ୱ ବିଭାଗର ଉପସ୍ଥିତିରେ ମିଳିତ ଚଢାଉ କରାଯାଇଥିଲା। ଏହି ଚଢାଉରେ ୪୯ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ବୈପାରୀଗୁଡା ଥାନା ଓଆଇସି ଉମାଧର ବାରିକଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ୨୪ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଅବକାରୀ ଅଧିକାରୀ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ୨୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ମୋଟ ୪୯ ଏକର ସରକାରୀ ଜାଗାରେ ଲାଗିଥିବା ୫୮ ହଜାର ଆଠ ଶହ ଗଛ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପାଖ କୋଟି ୮୮ ଲକ୍ଷ ହେବ ବୋଲି ସୂଚ଼ନା ରହିଛି। ଏଥିରେ ବୈପାରିଗୁଡା ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ବୈପାରୀଗୁଡା ଭାରପ୍ରାପ୍ତ ଅବକାରୀ ଅଧିକାରୀ ଅଜୟ କୁମାର ନାୟକ, ଅବକାରୀ ବିଭାଗର ଡିଏଫଏସ ଚ଼ନ୍ଦ୍ର ଶେଖର ପାଡିଆରୀ, ବୈପାରୀଗୁଡା ଏଏସଆଇ ସରୋଜ କୁମାର ବେହେରା ଏଏସଆଇ ଜୟପୁର ସୋନା ମାଝୀ, ରଘୁନାଥ ସାଉନ୍ତା, ମହେଶ ବେହେରା, ରାଉତୁ ଦୀନବନ୍ଧୁ ପ୍ରମୁଖ ଉପସ୍ଥିତ ରହି ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡିଛି।

# କପ୍ ସିରଫ ଜବତ, ଦୁଇ ଗିରଫ

**ସମ୍ବଲପୁର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁରର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ପୃଥକ ପୃଥକ ଖାନତଲାସରେ ୭୯୦ ବୋତଲ ନିଶା କପ୍ ସିରଫ ଜବତ କରିବାସହିତ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ସକାଳେ ଜିଲ୍ଲାର ଠେଲାକୋଳି ପୋଲିସ ଥାନା ଓ ରେଙ୍ଗାଲି ଅବକାରୀ ଥାନା ଅନ୍ତର୍ଗତ ଖିଣ୍ଡା ଗ୍ରାମରେ ଚଢାଉ କରାଯାଇଥିଲା। ଏଥିରେ ରିନୁ ସାହୁ(୪୩) ନାମ୍ନୀ ଜନୈକା ମହିଳାଠାରୁ୬୯୦ ବୋତଲ ନିଶା କପ୍ ସିରଫ ଜବତ କରାଯାଇଛି। ଅବକାରୀ ବିଭାଗର ଅଧିକାରୀମାନେ କୌଣସି ସୂତ୍ରରୁ ସୂଚ଼ନା ପାଇ ମହିଳାଙ୍କ ଘରୁ ଉକ୍ତ ସିରଫ୍ ଉଦ୍ଧାର କରିଥିଲେ। ଏନେଇ ଅବକାରୀ ଥାନାରେ ଏକ ଏନଡିପିଏସ୍ ମାମଲା ରୁଜୁ କରାଯାଇ ଅଭିଯୁକଙ୍କୁ କୋର୍ଟ ଚ଼ାଲାଣ କରାଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ।

ସେହିଭଳି ପୂର୍ବରୁ ବିଭାଗର ମୋବାଇଲ ୟୁନିଟ ପକ୍ଷରୁ ସ୍ଥାନୀୟ ଧନୁପାଲି ଥାନା ଅନ୍ତର୍ଗତ ଚାରଭାଟି ଅଞ୍ଚଳରେ ଚଢାଉ କରାଯାଇ ଭଗ ଓରାମ (୩୨) ଠାରୁ ୧ ଶହ ବୋତଲ ନିଶା କପ୍ ସିରଫ୍ ଜବତ କରିବାସହିତ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଉଚ୍ଚ ବିଦ୍ୟାଳୟରେ ନିଃଶୁଳ୍କ ଚ଼କ୍ଷୁ ପରୀକ୍ଷା

**ଶେରଗଡ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ପିଉଳ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଆନୁକୂଲ୍ୟରେ ଏକ ନିଃଶୁଳ୍କ ଚ଼କ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ନିଃଶୁଳ୍କ ଚ଼କ୍ଷୁ ପରୀକ୍ଷା ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ବେହେରା ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ପଞ୍ଚାୟତର ସମିତି ସଭ୍ୟ ଜନାର୍ଦ୍ଦନ ପାତ୍ର ଯୋଗ ଦେଇଥିଲେ। ଉକ୍ତ ଶିବିର ବିଆରଟି ମାଗତା ପଣ୍ଡା ଓ ସିଆରସିସି ବିନୋଦ ସେନାପତିଙ୍କ ନେତୃତ୍ୱରେ ହିଞ୍ଜିଲିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତର ରମେଶ ଚ଼ନ୍ଦ୍ର ଦଳାଇ ଚ଼କ୍ଷୁ ପରୀକ୍ଷା କରୁଥିବା ବେଳେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁଶ୍ରୀ ଶ୍ରୁତି ସାହୁ ଓ କୁକୁଡାଖଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରର ଓପିଏଚ଼ ସଞ୍ଜୟ ଲେଙ୍କା ସହଯୋଗ କରିଥିଲେ। ଏହି ଶିବିରରେ ରାମଚ଼ନ୍ଦ୍ରପୁର ଓ ପିଉଳ କ୍ଲଷ୍ଟରର ଦୃଷ୍ଟି ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କ ଚ଼କ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରେ ମୋଟ ୨୧୩ ଜଣଙ୍କ ଚ଼କ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୦ ଜଣଙ୍କୁ ଚ଼ଷମା ଯୋଗାଇ ଦିଆଯିବ ବୋଲି ଜଣାପଡିଥିବା ବେଳେ ୭ ଜଣ ଙ୍କୁ ଚ଼ିକିତ୍ସା ଲାଗି ପଠାଯାଇଥିଲା। ଏହି ଶିବିରକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ

**ପଟ୍ଟାମୁଣ୍ଡାଇ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଧୁନିକ ଓଡ଼ିଆ ଗଳ୍ପର ଜନକ ବ୍ୟାସକବି ଫକୀରମୋହନ ସେନାପତି ତାଙ୍କ କାଳଜୟୀ କୃତି ପାଇଁ ରାଜ୍ୟବାସୀଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ବ୍ୟାସକବି ଏକାଧାରରେ ଜଣେ କବି, ଔପନ୍ୟାସିକ, ଦାର୍ଶନିକ ଓ ସମାଜ ସଂସ୍କାରକ ଥିଲେ। ଓଡ଼ିଆ ଭାଷାର ସୁରକ୍ଷା, ଓଡ଼ିଆ ସାହିତ୍ୟର ପ୍ରଚାରପ୍ରସାର ପାଇଁ ସେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ସେଥିପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଦୁହୁଡିପୁର ଜଗନ୍ନାଥ କୋଚିଙ୍ଗ ସେଣ୍ଟର ଠାରେ ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷମାନେ ମତ ରଖିଛନ୍ତି। ପ୍ରକୃତୀବନ୍ଧୁ ନରହରି ଦାସଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସରକାରୀ ଉପ-ଶିକ୍ଷାଅଧିକାରୀ ବ୍ରହ୍ମାନନ୍ଦ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀର ମୋହନଙ୍କୁ ଓଡ଼ିଆ ଭାଷାର ଜଣେ କିମ୍ବଦନ୍ତୀ ପୁରୁଷ ବୋଲି କହିବା ସହ ସାମାଜିକ ବ୍ୟବସ୍ଥାରେ ନାରୀ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଅଦମ୍ୟ ଚେଷ୍ଟା ତାଙ୍କୁ କାଳଜୟୀ କରିଛି। ଫକୀରମୋହନଙ୍କ ଅଭିନବ ଗଦ୍ୟଶୈଳୀ, କଥାସାହିତ୍ୟ ଓ କାଳ୍ପନିକ ଚରିତ୍ରଗୁଡ଼ିକ ଥିଲା ଅନନ୍ୟ। ତାଙ୍କୁ ଓଡ଼ିଆ ଭାଷାସାହିତ୍ୟର ଜନକ, କଥାସମ୍ରାଟ, ବ୍ୟାସକବି ଭାବେ ସମ୍ମାନ ଦିଆଯାଇଛି ବୋଲି ସେ ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗାଳ୍ପିକ ପ୍ରଦୀପ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟାସକବିଙ୍କ ଫକୀର ମୋହନଙ୍କ କାଳଜୟୀ ଓ ଛ ମାଣ ଆଠ ଗୁଣ୍ଠ ଉପନ୍ୟାସ କୌଣସି ବିପର୍ଯ୍ୟୟ ହେଲେବି ନଷ୍ଟ ହେବନାହିଁ ବୋଲି ସେତେବେଳେ ଏକ ସମାରୋହରେ ପଣ୍ଡିତ ଗୋପବନ୍ଧୁ ଦାସ କହିଥିଲେ। ଆଜିତାହା ରାଜ୍ୟରୁ ଦେଶ ଓ ବିଶ୍ୱରେ ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୋଇଛି। ଭୂମି ଅଧିକାର କଥା ଯେ ପର୍ଯ୍ୟନ୍ତ ଏ ପୃଥିବୀରେ ଥିବ, ସେ ଯାଏଁ ଫକୀର ମୋହନଙ୍କ ସାରିଆ ଓ ଭଗିଆ ବଂଚିଥିବେ। ଜମି ଅଧିକାର ଲାଗି ସେବେ ଜମିଦାରଙ୍କ ବିରୋଧରେ ସାରିଆ ଓ ଭଗିଆ ଲଢୁଥିଲେ। ଆଜି ସେଇ ସଂଘର୍ଷ ଭାଇ ଭାଇ, ପଡା ପଡୋଶୀ, ସରକାର ଓ କମ୍ପାନୀ ବିରୋଧରେ ପରିବର୍ତ୍ତିତ ହୋଇ ଚାଲିଛି। ଭାରତୀୟ ସାହିତ୍ୟରେ ଫକୀର ମୋହନ ଭୂମି ଅଧିକାରକୁ ନେଇ ଏକ ଶାଶ୍ୱତ ଆନ୍ଦାଳନର ମହାନାୟକ ଥିଲେ।

# ଦୁଇ କେନାଲ ୫ ପଞ୍ଚାୟତ ଚାଷୀଙ୍କୁ ଉପକୃତ କରିବ

**ମାହାଙ୍ଗା,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**




ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଉଷୁମା ପଞ୍ଚାୟତ ଗସ୍ତ କରି ଉଷୁମା କଲ୍ୟାଣ ମଣ୍ଡପ ଶୁଭ ଶିଳାନ୍ୟାସ କରିଥିଲେ। ପରେ ରାହାଣିଆ ପଞ୍ଚାୟତ ଗସ୍ତ କରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କଲ୍ୟାଣ ମଣ୍ଡପ ଏବଂ ପଞ୍ଚାୟତ ସୁବିଧା କେନ୍ଦ୍ରର ଶୁଭ ଶିଳାନ୍ୟାସ କରିଥିଲେ। ଏହି ପରିପେକ୍ଷୀରେ ପଟ୍ଟାମୁଣ୍ଡାଇ କେନାଲ ପ୍ରଣାଳୀର ୫ ନମ୍ବର ଶାଖା ନାଳ ୨ କିମି ପର୍ଯ୍ୟନ୍ତ ଓ ୫ (କ) ଶାଖା ନାଳ ୨.୪ କିମି ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ ସହିତ ଷ୍ଟ୍ରକଚର ପୁନଃ ଉଦ୍ଧାର ଓ ଉନ୍ନତି କରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ଏହି ଦୁଇ କେନାଲ ନିର୍ମାଣ ନିମନ୍ତେ ୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବିଶେଷ କରି ଏହି ଦୁଇ କେନାଲ ନିର୍ମାଣ ହେବା ଫଳରେ ଉଷୁମା, ରାହାଣିଆ, ପାଇକରାପୁର, ପଣସପୁର ଓ କୁସୁପୁର ପଞ୍ଚାୟତର ଚାଷୀମାନେ ବିଲକୁ ଜଳସେଚିତ କରିପାରିବେ। ଶେଷରେ ବିଧାୟକ ଶ୍ରୀ ପ୍ରଧାନ କାଳିଅଣ୍ଟି ଠାରେ ଏକ ସାଧାରଣ ସଭାରେ ଯୋଗଦେଇ ମାହାଙ୍ଗାରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଶତପଥି, ଅଶୋକ ବିଶ୍ୱାଳ, ପୂର୍ବତଦନ ବ୍ଲକ ଅଧକ୍ଷା କନକଲତା ବେହେରା, ନିର୍ଭୟ ମହାନ୍ତି, ଅମୀୟ ରଞ୍ଜନ ପ୍ରଧାନ, ନିରଞ୍ଜନ ସାମଲ, ମନବିହାରୀ ଦାସ, ନବକିଶୋର ବେହୁରା, ପଙ୍କଜ ରାଉତ, ନିରଞ୍ଜନ ବେହେରା, କାର୍ତ୍ତିକ ଚନ୍ଦ୍ର ପୃଷ୍ଟି, ରଞ୍ଜିତ କୁମାର ଜେନା, ସଦାଶିବ ଦାସ, ଅତିଥି ଭାବେ ଯୋଗ ଦେଇଥିଲେ। ଜଳସଂପଦ ବିଭାଗ କନିଷ୍ଠଯନ୍ତ୍ରୀ ଶାରଦା ସେଠୀ, କନିଷ୍ଠଯନ୍ତ୍ରୀ ସନ୍ଦୀପ ଦାସ, ସମିତିସଭ୍ୟ ମନୋରଞ୍ଜନ ନାୟକ, କିଶୋର ରାଉତ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ଧନଞ୍ଜୟ ଦାସ, ସୋମନାଥ ସିହ୍ନା, ଅଜୟ ଜେନା, ତାପସ ବାରିକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# କପାସି ଧାନ ମଣ୍ଡିରେ ଉଠିଲା କେଁ : ବିଜେଡି-ବିଜେପି-କଂଗ୍ରେସ ମୁହାଁମୁହିଁ

**ନିଆଳି, ୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ୍ କପାସି ସେବା ସମବାୟ ସମିତିରେ ଚଳିତ ବର୍ଷ ମଣ୍ଡି ଉଦ୍‌ଘାଟନରେ ପଶିଚି କେଁ । ବିଜେଡି, ବିଜେପି ଓ କଂଗ୍ରେସ, କପାସି ସେବା ସମବାୟ ଅଞ୍ଚଳରେ ସକ୍ରିୟ ଥିବାରୁ ଉକ୍ତ ସେବା ସମବାୟ ସମିତିର ସମ୍ପାଦକକୁ ଘେରିଛନ୍ତି । ଲକ୍ଷାଧିକ ଟଙ୍କା ଦୁର୍ନୀତି କରିଥିବା ସମ୍ପାଦକ ଅଭିଯୋଗ ଆଣିଛନ୍ତି । କଂଗ୍ରେସ, ବିଜେଡି ଉଭୟରେ ବିଧାୟକଙ୍କ ଫଟୋ ଥିବା ଏକ ବ୍ୟାନରକୁ ମଣ୍ଡିରେ ନ ମାରି ମଣ୍ଡି ପଛପଟେ ଥିବା ଏକ ଭଙ୍ଗା କାନ୍ଥରେ ମାରିଛନ୍ତି । ସମ୍ପାଦକ ମିଲରଙ୍କ ସହ ଭିତିରିଆ ସୁସମ୍ପର୍କ କରି ଚାଷୀଙ୍କ ଧାନକୁ କ୍ୱିଣ୍ଟାଲ ପିଛା ୫ କିଲୋ କଟ୍‌ନୀ ଛଟନୀ କରିବା ସହ ଅଖା ବାବଦ ଦେଢ଼ କିଲୋ କାଟୁଛନ୍ତି । ଚାଷୀ କ୍ୱିଣ୍ଟାଲ ପିଛା ୨୦୦ ଟଙ୍କା କ୍ଷତି ସହୁଥିବା ବେଳେ ମିଲର ଓ ସମ୍ପାଦକ ମାଲେ ମାଲ୍ ହେଉଛନ୍ତି । ଏତେ କମ ଦରମାରେ ସମ୍ପାଦକ ବିଳାସପୂର୍ଣ୍ଣ କୋଠା କଲେ କେମିତି? ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସମାଜସେବୀ କାଳନ୍ଦୀ ଭୋଇ ଦାବି କରିଛନ୍ତି । କଟ୍‌ନୀ ଛଟ୍‌ନୀରୁ ମୋଟା ଅଙ୍କର ଅର୍ଥ ଲୁଟିବା ସହ ନିଜ ସମ୍ପର୍କୀୟମାନଙ୍କୁ ଅଧିକା ପରିମାଣର ଜମି ଦର୍ଶାଇ ଧାନର ଟୋକନ ପରିମାଣକୁ କମ୍ ଦର୍ଶାଇଛନ୍ତି । ଚାଷୀମାନଙ୍କ ପାଇଁ ଜଳଖିଆ ବ୍ୟବସ୍ଥା କରିବା ତ ଦୂରର କଥା, ପାଣି ବ୍ୟବସ୍ଥା ବି କରି ନ ଥିଲେ ସମ୍ପାଦକ । ନିଜ ଭାଇଙ୍କ ପରିବାର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ସହ ବନ୍ଧୁବାନ୍ଧବ ସମ୍ପର୍କ ଥିବାରୁ ଅନ୍ୟ ଦଳର ଚାଷୀଙ୍କ ପ୍ରତି ଅଣଦେଖା କରୁଛନ୍ତି । ଏସବୁ ଭିତରେ କେତେକ ଚାଷୀ ସେବା ସମବାୟ ସମିତିରେ ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିର ପର୍ଦ୍ଦାଫାଶ ହେବା ସହ ଚାଷୀଙ୍କୁ ନ୍ୟାୟ ମିଳିବ ବୋଲି ଦାବି କରିଛନ୍ତି । ଗତ ବର୍ଷ ଉକ୍ତ ମଣ୍ଡିରେ ଧାନ କେଳେଙ୍କାରି ହେବା ଅଭିଯୋଗ ହୋଇଥିଲା । ପୂର୍ବରୁ ସମ୍ପାଦକଙ୍କ ନାଁରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି ।

# ବିଡିଓଙ୍କ ଉପରେ ଆକ୍ରମଣକୁ ଓଏଏସ୍, ଓଆର୍‌ଏସ୍ ସଂଘର ନିନ୍ଦା



**ନୂଆପଡା,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇଙ୍କ ଉପରେ ଘଟିଥିବା ଆକ୍ରମଣ ଘଟଣାର ତୀବ୍ର ନିନ୍ଦା କରିଛି ଜିଲ୍ଲାର ଓଏଏସ୍ ଏବଂ ଓଆର୍‌ଏସ୍ ସଂଘ। ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଏହି ବର୍ବର ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରିଛି ସଂଘ। ଏହା ସହିତ ସମସ୍ତ ଅଭିଯୁକ୍ତ ଗିରଫ ନହେବାଯାଏ ସମସ୍ତ ସଦସ୍ୟ କଳା ବ୍ୟାଚ୍ ପରିଧାନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସଂଘ ତାର ଦାବିପତ୍ରରେ ଜଣାଇଛି ଯେ, ନୂଆପଡା ବିଡ଼ିଓ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ଯାଉଥିବା ସମୟରେ ତାଙ୍କ ଉପରେ ଘଟିଥିବା ଶାରୀରିକ ଆକ୍ରମଣ, ଆପରାଧିକ ଧମକ ଏବଂ କର୍ତ୍ତବ୍ୟରେ ବାଧା ସୃଷ୍ଟି କରାଯାଇଥିବା ଦୁଃଖଦ ଓ ଅତ୍ୟନ୍ତ ନିନ୍ଦନୀୟ ଘଟଣାକୁ ସଂଘ ଦୃଢ଼ ଭାବେ ନିନ୍ଦା କରୁଛି।

ଏହି ଘଟଣା ସମ୍ପର୍କରେ ଗଭୀର ଚ଼ିନ୍ତା ଓ ବେଦନା ପ୍ରକାଶ କରୁଛି। କିଛି ଖଳ ପ୍ରକୃତି ବ୍ୟକ୍ତିଙ୍କ ନେତୃତ୍ୱରେ ଏକ ଅସାମାଜିକ ଦଳ ଅବୈଧ ଭାବେ ବିଡ଼ିଓଙ୍କୁ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଟକାଇ, ଶାରୀରିକ ଆକ୍ରମଣ କରିଥିଲେ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଭୟଭୀତ କରିବା ପାଇଁ ମରଣାନ୍ତକ ଧମକ ଦେଇଥିଲେ ଏବଂ ଜଣେ ସରକାରୀ କର୍ମଚ଼ାରୀ ଭାବେ ତାଙ୍କ ଆଇନସମ୍ମତ କର୍ତ୍ତବ୍ୟ ପାଳନରେ ଇଚ୍ଛାପୂର୍ବକ ବାଧା ସୃଷ୍ଟି କରିଥିଲେ। ଏପରି କାର୍ଯ୍ୟ କେବଳ ଆଇନର ଗୁରୁତର ଉଲ୍ଲଂଘନ ନୁହେଁ, ବରଂ ସରକାରୀ ଅଧିକାରୀଙ୍କ ମର୍ଯ୍ୟାଦା, ଅଧିକାର ଓ ସୁରକ୍ଷା ଉପରେ ସିଧାସଳଖ ଆକ୍ରମଣ।

ସଂଘ ଏହି ଘଟଣାକୁ ଆଇନର ଶାସନ ଏବଂ ପ୍ରଶାସନିକ ବ୍ୟବସ୍ଥା ପାଇଁ ଗଭୀର ଚ୍ୟାଲେଞ୍ଜ ଭାବେ ଦେଖୁଛି। କାର୍ଯ୍ୟରତ ଅବସ୍ଥାରେ ଜଣେ ସରକାରୀ କର୍ମଚ଼ାରୀଙ୍କ ଉପରେ ଆକ୍ରମଣ ଏକ ଘୃଣିତ ଅପରାଧ ଏବଂ କୌଣସି ପରିସ୍ଥିତିରେ ଏହା ସହ୍ୟ କରାଯିବ ନାହିଁ। ଏପରି ଅବୈଧ କାର୍ଯ୍ୟ ଯଦି ଅନିୟନ୍ତ୍ରିତ ରହିଯାଏ, ତେବେ ଅଧିକାରୀମାନଙ୍କ ମନୋବଳ ଗଭୀର ଭାବେ ହ୍ରାସ ପାଇବ ଏବଂ ସାଧାରଣ ଜନସେବା ପ୍ରଦାନରେ ଗୁରୁତର ବାଧା ସୃଷ୍ଟି ହେବ। ଏହି ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନ ଅନୁଯାୟୀ ତତ୍କାଳ, କଠୋର ଓ ଉଦାହରଣମୂଳକ କାନୁନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦୃଢ଼ ଦାବି କରୁଛି। ଏହାସହିତ, ସମସ୍ତ ପ୍ରଶାସନିକ ଅଧିକାରୀମାନେ ଯେପରି ଭୟମୁକ୍ତ ଓ ସ୍ୱାଧୀନ ଭାବେ ନିଜ କର୍ତ୍ତବ୍ୟ ପାଳନ କରିପାରିବେ, ସେଥିପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନଙ୍କୁ ଅନୁରୋଧ କରୁଛି।

ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚ଼ନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଏପିଡି କ୍ଷମାନିଧି ଭୋଇ, ଉପ ଜିଲ୍ଲାପାଳ ସୂର୍ମି ସୋରେନ୍, ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲାର ସମସ୍ତ ଓଏଏସ ଏବଂ ଓଆର୍‌ଏସ ଅଧିକାରୀ ଉପସ୍ଥିତ ଥିଲେ।

# ୩୦ରେ ବିଲାଶୁଣୀ ମହୋତ୍ସବ



**ନିଆଳୀ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ବ୍ଲକ୍ ବିଲାଶୁଣୀ ଠାରେ ଗୋପବନ୍ଧୁ ଏଭରଗ୍ରୀନ ଆଞ୍ଚଳିକ ଯୁବ ପରିଷଦ ବିଲାଶୁଣୀ ଓ ସାମାଜିକ ଉନ୍ନୟନ ପରିଷଦ ବେଦାର ସହଭାଗିତାରେ ତୃତୀୟ ବାର୍ଷିକ ବିଲାଶୁଣୀ ମହୋତ୍ସବ ଆସନ୍ତା ୩୦, ୩୧ ଓ ଫେବୃୟାରୀ ୧ର ତିନି ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନ ଗ୍ରାମାଞ୍ଚଳ ଫୁଟବଲ, ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବା ସହ ପର ଦୁଇଦିନ ଆନ୍ତଃଜିଲ୍ଲା, ଓ ଆନ୍ତଃରାଜ୍ୟସ୍ତରୀୟ ମହାଦେବ ମହାପାତ୍ର ଦୁଇ ଦିବସୀୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିବଙ୍ଗ, ଝାଡଖଣ୍ଡ, ଆଦି ବିଭିନ୍ନ ରାଜ୍ୟର ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିବା ବେଳେ ସନ୍ଧ୍ୟାରେ ଇରା ମହାନ୍ତିଙ୍କ ସିମେତ ବିଭିନ୍ନ ସଂଗୀତିଜ୍ଞ, ସିନେମା ଷ୍ଟାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବେଦାର ମୁଖ୍ୟ ବଦ୍ରିନାରାୟଣ ମହାପାତ୍ରଙ୍କ ପରିଦର୍ଶନର ଅନୁଷ୍ଠିତ ହେବାକୁ ଅବା ଏହି ମହୋତ୍ସବର ବିଭିନ୍ନ କ୍ଷେତ୍ରର କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ବିଲାଶୁଣୀ ସମ୍ମାନର ସମ୍ମାନିତ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀର ପ୍ରକଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଡକ୍ଟର ମନମୋହନ ଜେନା ସେବା ସମବାୟ ସମିତିର ସଭାପତି ପ୍ରଭାତ କୁମାର ଜେନା, ଗୋପବନ୍ଧୁ ଏଭର ଗ୍ରୀନ ଆଞ୍ଚଳିକ ଯୁବପରିଷଦର ଅଧକ୍ଷ ଚ଼କ୍ରଧର ରାଜ, ସମ୍ପାଦକ ବିଷ୍ଣୁଚ଼ରଣ ଡ଼ାଲୁଆ, ନିରଞ୍ଜନ ରାଏ, ଲଲାଟେନ୍ଦୁ ସାହୁ, ଲକ୍ଷ୍ମୀଧର ଭୋଇ, ସୁଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୨ ଜାନୁଆରୀ ୨୦୨୬ ● ଗୁରୁବାର


## ୩ ବେଆଇନ ବାଲି ବୋଝେଇ ହାଇୱା ଜବତ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଖଣି ବିଭାଗ ଓ ବାଲିପାଟଣା ଥାନା ପୁଲିସ ଟିମ ମିଳିତ ଭାବେ ଆଜି ପୂର୍ବାହ୍ନରେ ବାଲକାଟି-ଝିଙ୍କିଶାସନ ଗ୍ରାମ ଉନ୍ନୟନ ରାସ୍ତାରେ ଅବୈଧ ଚଢ଼ଉ କରି ୩ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଜବତ ହାଇୱା ପିଛା ୨ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଥିବା ଜଣାଯାଇଛି। ଉକ୍ତ ଅଧିକାରୀଙ୍କ ସୂଚନା ଅନୁସାରେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ନିୟମାନୁସାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ଚାଲାଣ ହେବ। ହେଲେ ସମୟ ପାଖାପାଖି ୧୦ଟା ହେବ ୩ଟି ହାଇୱା ଭାର୍ଗବୀ ନଦୀର ଝିଙ୍କିଶାସନ ନିଲାମ ଘାଟରୁ ବାଲି ନେଇ ବାଲକାଟି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଗାଡି ଅଟକାଇଥିଲେ। ପରେ ବାଲିପାଟଣା ଥାନା ପୁଲିସ ଏବଂ ଖଣି ଅଧିକାରୀ ପହଞ୍ଚି ଗାଡି ଜବତ କରିଥିଲେ। କନିଷ୍ଠ ଖଣି ଅଧିକାରୀ ସୁଦୀପ୍ତ ବେହେରା ଓ ପି. ବନି ଜ୍ୟାକସନଙ୍କ ସମେତ ବାଲିପାଟଣା ପୁଲିସ ସେଠାରେ ପହଞ୍ଚି ହାଇୱା ଜବତ କରିଥିଲା। ସୂଚନାଯୋଗ୍ୟ ପ୍ରତ୍ୟହ ଝିଙ୍କି ଶାସନ ଘାଟରୁ ବେଆଇନ ଭାବେ ନିର୍ଦ୍ଧାରିତ ସମୟ ଠାରୁ ଢେର ଅଧିକ ସମୟ ଧରି ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି।

## ବ୍ରାହ୍ମଣ ବାଟିରେ ଧାନ ମଣ୍ଡି



**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ଦିନ ବ୍ରାହ୍ମଣସାଇଲୋ ପ୍ରାଥମିକ କୃଷି ସମବାୟ ସମିତିରୁ ନୂତନ ଭାବରେ ଗଠିଥିବା ବ୍ରାହ୍ମଣବାଟି ପ୍ରାଥମିକ କୃଷି ସମବାୟ ସମିତିରେ ଚଳିତ ବର୍ଷ ଖରିଫ ଧାନ ମଣ୍ଡି ବ୍ରାହ୍ମଣସାଇଲୋ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ସୁରେନ୍ଦ୍ର କୁମାର ପାତ୍ର ଉଦଘାଟିତ କରିଥିଲେ। ଉକ୍ତ ଉଦଘାଟନୀ ସମାରୋହରେ ବ୍ରାହ୍ମଣବାଟି ପ୍ରାଥମିକ କୃଷି ସମବାୟ ସମିତି ଲିଭ ମଣ୍ଡି ନୋଡାଲ ଅଫିସର ନିହାରିକା ମଲ୍ଲିକ, ଏଆରସିଏସ - କଟକ, ଅକ୍ଷୟ କୁମାର ରାଉତରାୟ, ସଚ୍ଚାସ ବ୍ରାହ୍ମଣବାଟି, କଣ୍ଟାପଡା ଯୋଗାଣ ବିଭାଗ ଅଧିକାରୀ ମୋତିରାମ ଦାସ, ରାଜସ୍ୱ ନିରୀକ୍ଷକ ଧାନ ମଣ୍ଡଳ ଆରଏମସି ଅଧିକାରୀଙ୍କ ସମେତ ସୁବ୍ରତ କୁମାର ପାତ୍ର, ବନମାଳୀ ପାତ୍ର, ନିରଞ୍ଜନ ପାତ୍ର, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ସମ୍ପାଦକ ଗଙ୍ଗାଧର ସାହୁ, ସହ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ସନ୍ତୋଷ କୁମାର ରାଣା, ରାଜକିଶୋର ମାହାଳି ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

## ଟାଟା ଷ୍ଟିଲ୍‌ର ରକ୍ତଦାନ ଶିବିର



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ସାମାଜିକ କଲ୍ୟାଣ ଓ ସ୍ୱାସ୍ଥ୍ୟସେବା ପ୍ରତି ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ନିଜର ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରି, ବୁଧବାର ଫୁଟ୍-୨ ଅଡିଟୋରିୟମରେ ଏକ ବୃହତ ରକ୍ତଦାନ ଶିବିର ସଫଳତାର ସହ ଆୟୋଜନ କରିଛି। କର୍ମଚାରୀମାନଙ୍କ ମଧ୍ୟରେ ଦେଖାଯାଇଥିବା ଅଭୂତପୂର୍ବ ଉତ୍ସାହର ସ୍ୱରୂପ ମୋଟ ୨୧୦ ୟୁନିଟ୍ ରକ୍ତ ସଂଗୃହିତ ହୋଇ ଆଞ୍ଚଳିକ ରକ୍ତର ଆବଶ୍ୟକତା ପୂରଣରେ ସହାୟକ ହୋଇଛି। ଏହି ଶିବିର ଟାଟା ଷ୍ଟିଲ୍ କଳିଙ୍ଗନଗରର କୋର୍ ପ୍ଲାଣ୍ଟର 'ଯୁଗ୍ମ ବିଭାଗୀୟ କମିଟି' (ଜେଡିସି) ଦ୍ୱାରା ଆୟୋଜିତ ହୋଇଥିଲା। ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ଏସ.ସି.ବି. ବ୍ଲଡ୍ ବ୍ୟାଙ୍କର ଓଡ଼ିଶା ବ୍ଲଡ୍ ସେଣ୍ଟରମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପ-ସଭାପତି (ଅପରେସନ୍) ଉତ୍ତମ ସିଂ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ନିଜେ ମଧ୍ୟ ରକ୍ତଦାନ କରିଥିଲେ। ଏହି ଅବସରରେ ଓ୍ୱାର୍କର୍ସ ୟୁନିଅନ ସଭାପତି ରବୀନ୍ଦ୍ର କୁମାର ଜାମୁଦା ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ୨୧୦ ଜଣ ରକ୍ତଦାତାଙ୍କ ମଧ୍ୟରେ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ ଓ ଭେଣ୍ଡର ପାର୍ଟନରମାନେ ସାମିଲ ଥିଲେ। ସମ୍ମିଳିତ ଏକତ୍ରିତ ପ୍ରୟାସ ମାଧ୍ୟମରେ ସାମାଜିକ ଦାୟିତ୍ୱବୋଧ ଓ ମାନବିକତାର ଉଦାହରଣ ସୃଷ୍ଟି ହୋଇଛି।

## ୨୩ରୁ ସାମନ୍ତ ମହୋତ୍ସବ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ଅନୁଷ୍ଠିତ ହେବ ପ୍ରଥମ ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ମହୋତ୍ସବ ପଡ଼ିଆରେ ଏ ନେଇ ଚାଲିଥିବା ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାଯାଇଛି। ମହୋତ୍ସବକୁ ଉପଭୋଗ କରିବା ନିମନ୍ତେ ଅଞ୍ଚଳବାସୀଙ୍କ ମନରେ ସ୍ୱତନ୍ତ୍ର ଆଗ୍ରହ ଓ ଉତ୍ସାହ ଦେଖିବାକୁ ମିଳିଛି। ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଖଣ୍ଡପଡ଼ା ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ନୂତନ ମହୋତ୍ସବ ପଡ଼ିଆରେ ସାମନ୍ତ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଓଡ଼ିଆ ସିନେ ଜଗତର ଚର୍ଚ୍ଚିତ ସିନେ କଳାକାର ଓ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ମଞ୍ଚରେ ଉପସ୍ଥିତ ରହି ଦର୍ଶକମାନଙ୍କ ମନୋରଞ୍ଜନ କରିବେ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଅତ୍ୟାଧୁନିକ ମଞ୍ଚ ସାଙ୍ଗକୁ ରାସ୍ତା ବେଭରେଜ ଆଲୋକମାଳାରେ ମହୋତ୍ସବ ପଡ଼ିଆକୁ ସୁସଜ୍ଜିତ କରାଯାଇଥିବା ଜଣାପଡ଼ିଛି। ସେହିପରି ମହୋତ୍ସବ ପଡିଆରେ ୧୦୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହେବ। ଖଣ୍ଡପଡ଼ା ଏନଏସି ଅଧକ୍ଷା ଆରତୀ ପ୍ରଧାନ ଓ ସାମନ୍ତ ମହୋତ୍ସବ ମୁଖ୍ୟ ପୃଷ୍ଠପୋଷକ ଯୁବନେତା ବିଧାନ ଚନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟା ଉଦ୍ୟୋଗରେ ଆୟୋଜିତ ହେବାକୁ ଯାଉଥିବା ମହୋତ୍ସବରେ ୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଆନୁସଙ୍ଗିକ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହେବ। ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ବିଷ୍ଣୁମୋହନ କବି, ବର୍ଷା ପ୍ରିୟଦର୍ଶିନୀ ହୋତା ଓ ସ୍ୱୟଂ ପାତ୍ର ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନ ମାଧ୍ୟମ ପାଲଟିବେ। ସେହିପରି ଓଡ଼ିଆ ସିନେ ଜଗତର ଚର୍ଚ୍ଚିତ ଅଭିନେତା ଜ୍ୟୋତି, ଦୀପକ, ସ୍ୱରାଜ, ଶୁଭାଶିଷ, ପାର୍ଥ ଓ ଅଭିନେତ୍ରୀ ଶୀତଲ, ରିୟା, ପୁନମ, ପ୍ରିୟଙ୍କା ପ୍ରମୁଖ ଯୋଗ ଦେବେ। ସେହିପରି କମେଡି ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିବେ ଓଡ଼ିଆ ହାସ୍ୟ ଅଭିନେତା ହରିହର। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମହୋତ୍ସବ ପଡିଆ ନିକଟରେ ଯାନବାହନ ପାର୍କିଂର ବ୍ୟବସ୍ଥା କରାଯାଇଥିବା ବେଳେ ସର୍ବସାଧାରଣଙ୍କ ସୁବିଧାକୁ ନଜରରେ ରଖି ମହୋତ୍ସବ ପଡ଼ିଆରେ ସିସିଟିଭି ବ୍ୟବସ୍ଥା କରାଯାଇଛି।

# ଡାକ୍ତରଖାନାରେ ୪ ଦିନ ପଡ଼ି ରହିଲା ଶବ

**ମୁରିବାହାଲ:ଏକ୍ସପ୍ରେସ୍ ନ୍ୟୁଜ୍**



ବଲାଙ୍ଗିର ଜିଲା ଟିଟିଲାଗଡ଼ ସରକାରୀ ଡାକ୍ତରଖାନାରେ ଜଣେ ଯୁବକର ମୃତ୍ୟୁ ପରେ ୪ ଦିନ ଶବ ପଡି ରହିଥିଲା। ଶବ ପଡ଼ି ଦୁର୍ଗନ୍ଧ ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତ ବ୍ୟକ୍ତି ଜଣକ ମୁରିବାହାଲ ବ୍ଲକ ପାତଳପଡା ଜନକ ଭୋଇ। ଗତ ୧୫ ତାରିଖରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା କରି ଔଷଧ ଦେଇ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ଜନକଙ୍କ ସହ ତାଙ୍କ ପରିବାର ଲୋକ ନଥିବା ବେଳେ ସେ ଡାକ୍ତରଖାନାର ବାରଣ୍ଡାରେ ପଡି ରହିଥିଲେ। ଜନକଙ୍କ ମୃତ୍ୟୁ ହୋଇ ୪ ଦିନ ବିତି ଯାଇଥିବାରୁ ଶବ ଦୁର୍ଗନ୍ଧ ହେବାରୁ ଡାକ୍ତରଖାନାକୁ ଆସୁଥିବା ଲୋକ ଅଭିଯୋଗ କରିଥିଲେ। ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଜନକଙ୍କ ପରିବାର ଲୋକଙ୍କୁ ଖବର କରି ଶବ ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରିଥିଲେ।

ଜନକ ଦୀର୍ଘ ବର୍ଷ ହେବ ଘର ଛାଡି ବାହାରେ ରହୁଥିଲା। ପରିବାର ଲୋକଙ୍କୁ ଜନକର ଖୋଜ ଖବର ମଧ୍ୟ ନଥିଲା। ମୃତ୍ୟୁର ୪ଦିନ ଶବ ପଚିସଢ଼ି ଗଲା ପରେ ଆମକୁ ଖବର ଦିଆଗଲା। ଜୀବିତ ଅବସ୍ଥାରେ ଖବର ଦେଇଥିଲେ ହୁଏତ ଆମ ପୁଅ ଆମ ଘରେ ମରିଥାନ୍ତା। ଶବ ଦୁର୍ଗନ୍ଧ ହେଉଥିଲା। ଜନକ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିବା ଯୋଗୁ ସେ ଡ଼ାକ୍ତରଖାନା ଯାଇଥିଲ। ସେଠାରେ ଠିକ ଚିକିତ୍ସା ମିଳିନଥିବା ଭଳି ଲାଗୁଛି ବୋଲି ମୃତ ଜନକଙ୍କ ବାପା କହିଛନ୍ତି। ଏଠି ସାଧାରଣରେ ପ୍ରଶ୍ନ ହେଉଛି ଯେ ଦୀର୍ଘ ୪ ଦିନକାଳ ମାଲମାଲ ସିକ୍ୟୁରିଟି ଗାର୍ଡ ଏବଂ ସଫେଇ କର୍ମଚାରୀ ଓ ସିସିକ୍ୟାମେରା ଥାଇ ମଧ୍ୟ କେହି ଶବକୁ ଦେଖିପାରିଲେ ନାହିଁ କେମିତି ? ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜନକ ଭୋଇଙ୍କ ମୃତ ଖବର ପାଇ ପରିବାର ଲୋକେ ପହଞ୍ଚିଥିଲେ। ପୁଲିସ ଶବ ଜବତ କରି ବ୍ୟବଛେଦ ପରେ ପରିଜନକୁ ଦେଇଥିବା ଜଣାଯାଇଛି। ଏ ସମ୍ପର୍କରେ ଟିଟିଲାଗଡ଼ ଏସଡିଏମଓ ସହ ଯୋଗାଯୋଗ କରିବାରୁ ସମ୍ଭବ ହୋଇନଥିଲା।

## ଶୀତଳାପଲ୍ଲୀ ସମ୍ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ଜଟିଳ ନ୍ୟୁରୋସର୍ଜରୀ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଭାରତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅଭୁତପୂର୍ବ ସଫଳତା ଆଣିଛି ବ୍ରହ୍ମପୁର, ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୩। ଏହି ହସ୍ପିଟାଲର ଡାକ୍ତରୀ ଟିମ୍ ଜଣେ ୫୦ ବର୍ଷୀୟା ମହିଳାଙ୍କ ମସ୍ତିଷ୍କରେ ଥିବା ଟ୍ୟୁମରଟିକୁ ଏକ ଜଟିଳ ସ୍ନାୟୁଶଲ୍ୟ ଅସ୍ତ୍ରୋପଚାର ମାଧ୍ୟମରେ କାଢ଼ିବାରେ ସଫଳ ହୋଇଛନ୍ତି। ଏହି ଟ୍ୟୁମରଟି ଯୋଗୁଁ ମହିଳାଙ୍କର ଜୀବନ ପ୍ରତି ବିପଦ ମଧ୍ୟ ରହିଥିଲା। ଦକ୍ଷିଣ ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ଅତ୍ୟାଧୁନିକ ସ୍ନାୟୁଶଲ୍ୟ ଅସ୍ତ୍ରୋପଚାର ପ୍ରକ୍ରିୟାରେ ସମ୍ପନ୍ନ ହୋଇଥିବା ବେଳେ ଏହି ଅଂଚଳର ସ୍ୱାସ୍ଥ୍ୟ ସେବାକୁ ଶୀତଳାପଲ୍ଲୀ ସମ୍ ଆହୁରି ସୁଦୃଢ଼ କରିପାରିଛି।

ହୀରାମଣି ସାହୁ ନାମକ ମହିଳା ରୋଗୀ ଜଣେ ତାଙ୍କର ପ୍ରବଳ ମୁଣ୍ଡ ବ୍ୟଥା ଏବଂ ଶରୀରରେ ଦୁର୍ବଳତାର ସମସ୍ୟା ନେଇ ହସ୍ପିଟାଲ୍‌କୁ ଆସିଥିଲେ। ତାଙ୍କ ଠାରେ ସ୍ନାୟୁଶଲ୍ୟ ସମସ୍ୟାର ଗୁରୁତର ଅବସ୍ଥାକୁ ଦେଖି ଡାକ୍ତରମାନେ ତୁରନ୍ତ ଏମଆରଆଇ ସ୍କାନ୍ କରାଇଥିଲେ। ସ୍କାନିଂ ରିପୋର୍ଟରୁ ମସ୍ତିଷ୍କର ଡାହାଣ ପାର୍ଶ୍ୱରେ ଏକ ବୃହତ ଇଂଟ୍ରାଭେଂଟ୍ରିକୁଲାର ବ୍ରେନ୍ ଟ୍ୟୁମର ଥିବାର ଜଣାପଡ଼ିଥିଲା। ଏହା ଏକ ଜଟିଳ ଏବଂ ଗୁରୁତର ସମସ୍ୟା ରହିଥିଲା କାରଣ ଟ୍ୟୁମରଟି ମସ୍ତିଷ୍କର ଅତ୍ୟନ୍ତ ଗଭୀର ପାର୍ଶ୍ୱକୁ ଚାଲିଯାଇଥିବା ବେଳେ ଅସ୍ତ୍ରୋପଚାର ପାଇଁ ଏହା ବେଶ ଜଟିଳ ହୋଇଥିଲା।

ଏହି ଅସ୍ତ୍ରୋପଚାରକୁ ହସ୍ପିଟାଲ୍ ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର (ଡାକ୍ତର) ପ୍ରଭାତ କୁମାର ଜଗଦେବ ନେତୃତ୍ୱ ନେଇଥିବା ବେଳେ ତାଙ୍କୁ ନ୍ୟୁରୋଆନେସ୍‌ଥେସିଆ ବିଶେଷଜ୍ଞ ଡାକ୍ତର ପ୍ରତ୍ୟୁଷ କେ. ମିଶ୍ରଙ୍କ ସମେତ ନ୍ୟୁରୋସର୍ଜିକାଲ୍ ଅପରେସନ୍ ଥିଏଟର ଟିମ୍ ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସୁସ୍ଥ ଅଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟରେ ଧିରେ ଧିରେ ଉନ୍ନତି ଘଟୁଛି ବୋଲି ହସ୍ପିଟାଲ୍‌ର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୩ର ନିର୍ଦ୍ଦେଶକ ଦେବପ୍ରସାଦ ଦାସ ଡାକ୍ତରୀ ଟିମକୁ ଶୁଭେଚ୍ଛା ଜଣାଇବା ସହ ହସ୍ପିଟାଲ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ କାର୍ଯ୍ୟ ହାତକୁ ନେଉଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ଶୀତଳାପଲ୍ଲୀ ସମ୍‌ରେ ନ୍ୟୁରୋସର୍ଜରୀ, ନ୍ୟୁରୋଲୋଜି, ମେଡିକାଲ୍ ଆଣ୍ଡ ସର୍ଜିକାଲ୍ ଅଙ୍କୋଲୋଜି, ହେମାଟୋଲୋଜି, କ୍ରିଟିକାଲ୍ କେୟାର, ଟ୍ରମା ସର୍ଭିସେସ, ଡାଇଲିସିସ୍, କାର୍ଡିଓଲୋଜି, ଅର୍ଥୋପେଡିକ୍ସ, ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜି ଏବଂ ୟୁରୋଲୋଜି ଭଳି ସୁପର ସ୍ପେଶିଆଲିଟି ସ୍ୱାସ୍ଥ୍ୟ ସେବା ସହିତ ଅତ୍ୟାଧୁନିକ ଆଇସିୟୁ ଏବଂ ଏଚ୍‌ଡିୟୁ ମଧ୍ୟ ସୁବିଧା ଉପଲବ୍ଧ ରହିଛି।

# ଅପରେସନ୍ ନେତ୍ର: ୩ ବନ୍ଧୁକ ଓ ୭ଗୁଳି ଜବତ

**ଝାରସୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**



ଜିଲ୍ଲା ଅନ୍ତର୍ଗତ ବ୍ରଜରାଜନଗର ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ଅପରେସନ 'ନେତ୍ର' ଆଧାରରେ ପୁଲିସ ଏକ ମାମଲାର ତଦନ୍ତ କରିବା ସମୟରେ ୩ଟି ଦେଶୀ ବନ୍ଧୁକ (୨ଟି ମାଉଜର, ଗୋଟିଏ ଦେଶୀ ବନ୍ଧୁକ), ୭ଟି ଗୁଳି ଓ ଦୁଇଟି ମୋବାଇଲ ଜବତ କରିଛି। ଏହି ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଓପିଏମ କଲୋନିର ସୌରଭ ଯାଦବ (୨୧), ଆଦିତ୍ୟ ଶର୍ମା (୧୯) ଓ ଲମଟି ବାହାଲର ତୁଷାର ପଟ୍ଟନାୟକ (୨୪)। ଏନେଇ ଆଜି ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବ୍ରଜରାଜନଗର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଉପସ୍ଥିତ ଥିଲେ। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଥିଲେ।

ସୂଚନା ଅନୁସାରେ ଗତକାଲି ବ୍ରଜରାଜନଗର ଥାନା ଆଇଆଇସି ଧବଳେଶ୍ୱର ଓ ଟିମ ବ୍ରଜରାଜନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଲମଟିବାହାଲ ଅଞ୍ଚଳରେ ତୁଷାର ପଟ୍ଟନାୟକଙ୍କ (୨୪) ନିକଟରୁ ଏକ ଦେଶୀ ବନ୍ଧୁକ ମିଳିଥିଲା। ଅଭିଯୁକ୍ତ ତୁଷାରଙ୍କୁ ପଚରାଉଚୁରା କରିବାରୁ ଅନ୍ୟ ଦୁଇ ଜଣଙ୍କ ପାଖରେ ବନ୍ଧୁକ ରଖିଥିବା ଜାଣିବାକୁ ମିଳିଥିଲା। ପରେ ଓରିଏଣ୍ଟ କାଗଜକଳ କଲୋନିରେ ଚଢ଼ଉ କରି ଆଉ ୨ଟି ମାଉଜର ଓ ଗୁଳି ଜବତ କରାଯିବା ସହ ସୌରଭ ଯାଦବ ଓ ଆଦିତ୍ୟ ଶର୍ମାଙ୍କୁ ଗିରଫ କରାଯାଇଥିଲା।

## ନିମାପଡ଼ା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ନିମାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**



ନିମାପଡ଼ା ଆଥଲେଟିକ ଆସୋସିଏସନ ଆୟୋଜିତ ୨୩ତମ ନିମାପଡ଼ା ପ୍ରିମିୟର ଫୁଟବଲ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାରବାଟୀ ପଡିଆ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟର ୧୦ତମ ମ୍ୟାଚରେ ବଳଙ୍ଗା ଲଙ୍କେଶ୍ୱରୀ କ୍ଲବ ଏବଂ ବିଷ୍ଣୁପୁର ପ୍ରଗତି କ୍ଲବ ପରସ୍ପରକୁ ଭେଟିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ବଳଙ୍ଗା ଲଙ୍କେଶ୍ୱରୀ କ୍ଲବର ୭ନମ୍ବର ଖେଳାଳି ଦେବାଶିଷ ପରିଡ଼ା ପ୍ରଗତି କ୍ଲବ ବିରୁଦ୍ଧରେ ଆକର୍ଷଣୀୟ ଗୋଲ ଦେଇ ନିଜଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ଜବାବରେ ଅଳ୍ପକିଛି ସମୟ ବ୍ୟବଧାନରେ ବିଷ୍ଣୁପୁର ପ୍ରଗତି କ୍ଲବର ୧୦ନଂ ଖେଳାଳି ଚିକୁ ପେନାଲଟି ସଟରୁ ଗୋଟିଏ ଗୋଲ ଦେଇ ଖେଳକୁ ୧-୧ ସ୍ତରକୁ ଆଣିଥିଲେ। ଖେଳ ଶେଷ ପର୍ଯ୍ୟନ୍ତ କୌଣସି ଦଳ ଅଧିକ ଗୋଲ କରିପାରି ନଥିଲେ। ଯାହାଫଳରେ ମ୍ୟାଚ୍ ୧-୧ରେ ଅମୀମାଂଶିତ ଭାବେ ଶେଷହୋଇଥିଲା। ଆଜିର ମ୍ୟାଚରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ବିପକ୍ଷ ଦଳ ବିରୁଦ୍ଧରେ ପ୍ରଥମ ଗୋଲ କରିଥିବା ବଳଙ୍ଗା ଲଙ୍କେଶ୍ୱରୀ କ୍ଲବର ୭ନଂ ଖେଳାଳି ଦେବାଶିଷ ପରିଡ଼ାଙ୍କୁ ମ୍ୟାନ୍ ଅଫଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଶିଷ୍ଟ ଫୁଟବଲ ରେଫରି ସୁଶାନ୍ତ କୁମାର ରାଉତରାୟ, ଜ୍ଞାନ ରଞ୍ଜନ ଭୋଇ, ଭିକାରୀ ମଲ୍ଲିକ ଏବଂ ବିଚିତ୍ରାନନ୍ଦ ପାତ୍ର ଆଜିର ମ୍ୟାଚକୁ ପରିଚାଳନା କରିଥିବା ବେଳେ ନିମାପଡ଼ା ପ୍ରେସକ୍ଲବ ସଂପାଦକ ରମାକାନ୍ତ ବେହେରା, ଚାରିଛକ ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କର, ମା'ତାରିଣୀ ଯାତ୍ରା କମିଟି ସଭାପତି ତଥା ପୂର୍ବତନ ଫୁଟବଲ ଖେଳାଳି ଆଲୋକ କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ମ୍ୟାଚଟିକୁ ଉଦଘାଟନ କରିଥିଲେ। ଏନଏଏ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସାଧାରଣ ସଂପାଦକ ଜୀବନାନନ୍ଦ ମହାପାତ୍ର, ସମାଜସେବୀ ମହେନ୍ଦ୍ର ସିଂ ଭାଟିଆ, ପୂର୍ବତନ ଫୁଟବଲ ଖେଳାଳି ଧିରେନ ବରାଳ ପ୍ରମୁଖ ପଡ଼ିଆରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଅମହୁଁଣିଆ ପାଟଣା କ୍ଲବ ବନାମ ଭୁବନପୁର ମହାବୀର କ୍ଲବ ଏବଂ ବଳଙ୍ଗା ଲଙ୍କେଶ୍ୱରୀ କ୍ଲବ ବନାମ ବଜରଙ୍ଗୀ କ୍ଲବ ଝାମ୍ପୁଲାକୁଦ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଏନଏଏ ସଂପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି।

## ସମରେନ୍ଦ୍ରଙ୍କୁ ବାସ୍ତୁଶାସ୍ତ୍ରରେ ଗୋଲ୍ଡମେଡାଲ

**ଅସ୍ତରଙ୍ଗ:** ପୁରୀ ଜିଲ୍ଲା କାକଟପୁର ବ୍ଲକ କନ୍ଦଳପୁର ଗ୍ରାମର ସୁରେଶ ମହାନ୍ତିଙ୍କ ପୁତ୍ର ସମରେନ୍ଦ୍ର ମହାନ୍ତି ବିଗତ ଦିନରୁ ଜ୍ୟୋତିଶ ଶାସ୍ତ୍ର ଓ ବାସ୍ତୁ ଉପରେ ଗବେଷଣା ଦ୍ୱାରା ସେ ଜ୍ୟୋତିଶ ସମ୍ରାଟ ଏବଂ ବାସ୍ତୁ ବିଦ୍ୟା ଭୂଷଣ ଏବଂ ବାସ୍ତୁରେ ଗୋଲ୍ଡମେଡାଲ ପାଇଛନ୍ତି। ତାଙ୍କର ଉଚ୍ଚ ସ୍ତରୀୟ ବିଶେଷଣ ଏବଂ ବୈଜ୍ଞାନିକ ପଦ୍ଧତିରେ ଉପ ଯୋଗ ଉଚ୍ଚସ୍ତରୀୟ ମାଧ୍ୟମରେ ନିଜର ଦକ୍ଷତାକୁ ଅନୁସନ୍ଧାନ ପଦ୍ଧତିରେ ଉପ ଯୋଗ କରିଥିବା ହେତୁ ତାଙ୍କୁ ହ୍ୟୁମନ ରାଇଟ୍‌ସ୍ପ୍ରୋଟେକ୍ସନ କାଉଁସିଲ ଅଫ ଇଣ୍ଡିଆ ପକ୍ଷରୁ ଡ଼କ୍ଟର ଉପାଧିରେ ସମ୍ମାନିତ କରାଯାଇଛି। ବର୍ତ୍ତମାନ ଆଷ୍ଟ୍ରୋଲୋଜି ଏବଂ ବାସ୍ତୁ ରିସର୍ଚ୍ଚରେ ପ୍ରେସିଡେଣ୍ଟ ଭାବେ ସେ କାର୍ଯ୍ୟରତ ଅଛନ୍ତି।

## ବାପା ମାଆ ସେବାଶ୍ରମ ଟ୍ରଷ୍ଟର ବାର୍ଷିକୋତ୍ସବ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ରାଣୀପୁରଠାରେ ଥିବା ବାପା ମାଆ ସେବା ଆଶ୍ରମ ଟ୍ରଷ୍ଟ ପକ୍ଷରୁ ଆଜି ପଞ୍ଚମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାପା ମାଆ ସେବାଶ୍ରମ ଟ୍ରଷ୍ଟର ସଭାପତି ଶ୍ରୀମତୀ ଜ୍ୟୋତି ମହାରଣାଙ୍କ ତତ୍ତ୍ୱାବଧାନରେ ହୋଇଥିବାବେଳେ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କ୍ରମେ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଞ୍ଚାସିନ ମୁଖ୍ୟ ଅତିଥି ରୂପେ ସମ୍ପାଦକ ପ୍ରକୃତି ଅଧିକାରୀ ଖୋର୍ଦ୍ଧା ଜିଲ୍ଲା ଶ୍ରୀମତୀ ସୋନାଲି ସାହୁ, ସମ୍ମାନୀୟ ଅତିଥି ରୂପେ ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା, ଅତିଥି ରୂପେ ଭୁବନେଶ୍ୱର ସାଂସଦଙ୍କ ପ୍ରତିନିଧି ସତିଶ ଶର୍ମା, ସଭାପତି ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭା ଡ. ଅଶ୍ୱିନି କୁମାର ଶର୍ମା, ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭା ସଭାପତି ୱେଷ୍ଟ ବେଙ୍ଗଲ ଦିଲୀପ ଶର୍ମା, ଚେନ୍ନାଇରୁ ଥାଭାଥିରୁ ସକ୍ତିଭୋଗର ଧସନ୍ ସ୍ୱାମୀ ଏବଂ ଆଇନଜୀବୀ, ସଭାପତି ମାନବାଧିକାର ଓଡ଼ିଶା ଶ୍ରୀମତୀ ଯୋତିର୍ମୟୀ ପଣ୍ଡା, ଭୁବନେଶ୍ୱର ଡେପୁଟି କଲେକ୍ଟର ଶ୍ରୀମତୀ ଅର୍ଚ୍ଚନା ଦାସ, ବରିଷ୍ଠ ଆଇନଜୀବି ସଭାପତି ବରିଷ୍ଠ ନାଗରିକ ଜଟଣୀ ଅବନୀ କୁମାର ରାଉତରାୟ ଓ ଜଟଣୀ ନୃତ୍ୟଶ୍ରୀ ଅନୁଷ୍ଠାନ ସଭାପତି ତ୍ରିଲୋଚନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବାପା ମାଆ ସେବାଶ୍ରମ ଟ୍ରଷ୍ଟର ୫୦ରୁ ଊର୍ଦ୍ଧ୍ୱ ବୃଦ୍ଧା ବାପା ମାଆଙ୍କ ସେବାରେ ଗୌତମ ବାବୁ ଏବଂ ତାଙ୍କ ସହଧର୍ମିଣୀ ଯୋତି ମହାରଣା ଏବଂ କର୍ମକର୍ତ୍ତାଙ୍କ ଉଦ୍ୟମରେ ଆଜି ପର୍ଯ୍ୟନ୍ତ ସେବା କରିଆସୁଥିବା ବେଳେ ଯେତେ ବାଧାବିଘ୍ନ ଉପୁଜିଲେ ମଧ୍ୟ ଧର୍ଯ୍ୟର ସହ ସେବା କରିଆସୁଛନ୍ତି। ଏହି ସେବାଶ୍ରମକୁ ଆଜି ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ଅନୁଦାନ ମିଳିନାହିଁ। ଯାହା ସମାଜସେବକଙ୍କ ଦାନ ସହାୟତାରେ ସେବା ଚାଲିଆସିଛି। ଆଜିର ଏହି ସମାରୋହରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସେବା ଅନୁଷ୍ଠାନ, ସମାଜସେବୀ, ଓ ନିମନ୍ତ୍ରିତ ଅତିଥିମାନଙ୍କୁ ମାନପତ୍ର ସହ ଟ୍ରଫି, ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆସିଥିବା ସେବା ଅନୁଷ୍ଠାନ ପକ୍ଷରୁ ଗୌତମ ମହାରଣାଙ୍କୁ ସମ୍ବର୍ଦ୍ଧିତ କର୍ଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସହ ମାନ୍ୟାଗଣ ବ୍ୟକ୍ତି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ମେଧାବୃତ୍ତି ପରୀକ୍ଷା ଫଳ

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ମସିହାର ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ପ୍ରକାରେ ତୃତୀୟ ଶ୍ରେଣୀର ମେରିଟ୍ ତାଲିକାରେ ବିରଞ୍ଚିପୁର ୟୁପି ସ୍କୁଲର ଆଦର୍ଶ ପ୍ରଧାନ-୧ମ, ବୁଗୁଡ଼ା ଶୋଭନୀୟ ପବ୍ଲିକ୍ ସ୍କୁଲର ଶ୍ରୀୟାଂଶୁ ତ୍ରିପାଠୀ-୨ୟ ଓ ସାଇ ସ୍ୱରାଜ ପଣ୍ଡା-୩ୟ, ପାଙ୍ଗିଡି ୟୁପି ସ୍କୁଲର କେ.ରାଣୀ ଦୋରା-୪ର୍ଥ, ବୁଗୁଡ଼ା ନିୟୁ ଏରା ପବ୍ଲିକ୍ ସ୍କୁଲର ବାଣୀଶ୍ରୀ ମିଶ୍ର-୫ମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୁଗୁଡ଼ାର ଅମିତ କୁମାର ସାହୁ-୬ଷ୍ଠ, ବାଲିପଦର ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରିୟାଂସି ବଡୁ-୭ମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ସେହି ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାର ମେରିଟ୍ କମ୍ ପ୍ରୋଭର୍ଟି ତାଲିକାରେ କରସିଙ୍ଗି ଅପଗ୍ରେଡ୍ ହାଇସ୍କୁଲର ପ୍ରଜ୍ଞା ପାରମିତା ପ୍ରଧାନ-୧ମ, ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଳମ୍ବର ସାଇ ପ୍ରସାଦ ପରିଡା-୨ୟ ଓ ପ୍ରତ୍ୟୁଷ୍ ରଞ୍ଜନ ପରିଡା-୪ର୍ଥ, ବାଲିପଦର ଏସ୍‌ଏ ପିଏସକେର ଆଶୀର୍ବାଦ ମହାରଣା-୩ୟ, ତାକରଡା ଅପଗ୍ରେଡ୍ ହାଇସ୍କୁଲର ମଧୁସ୍ମିତା ପଗଡ-୫ମ, କାଦପଡା ପ୍ରାଇମେରୀ ସ୍କୁଲର ମମତା ଭୂୟା-୬ଷ୍ଠ, ବୁଗୁଡ଼ା ନିୟୁ ଏରା ପବ୍ଲିକ୍ ସ୍କୁଲର ଜିଜ୍ଞାସା ମହାରଣା-୭ମ ସ୍ଥାନରେ ରହିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳାଫଳର ମେରିଟ୍ ତାଲିକାରେ ଦସିପୁର ପ୍ରାଇମେରୀ ସ୍କୁଲର ସ୍ୱାତୀ ଶୁଭଦର୍ଶିନୀ-୧ମ ଓ ସୁରଭି ମଞ୍ଜରି ରଥ-୩ୟ, ସୋରଡ ପ୍ରାଇମେରୀ ସ୍କୁଲର ଶୁଭଶ୍ରୀ ବେହେରା-୩ୟ ଓ ପ୍ରିୟାଂସି ବିଷୋୟୀ-୬ଷ୍ଠ, ମା ସରସ୍ୱତୀ ଶିଶୁ ମନ୍ଦିର କଳମ୍ବର ବିଷ୍ଣୁପ୍ରିୟା ବେହେରା-୪ର୍ଥ ଓ ଶ୍ରାବଣୀ ସାହୁ-୭ମ, ବୁଗୁଡ଼ା ନିୟୁ ଏରା ପବ୍ଲିକ୍ ସ୍କୁଲର ପାର୍ଥ ସାରଥି ଗୌଡ-୫ମ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ସେହି ପଞ୍ଚମ ଶ୍ରେଣୀ ମେରିଟ୍ କମ୍ ପ୍ରୋଭର୍ଟି ତାଲିକାରେ ତାଳସାକର ୟୁପିଏସର ବର୍ଷା ଗୌଡ-୧ମ ଓ ଆଦ୍ୟାଶା ସାହୁ-୩ୟ, ମା ସରସ୍ୱତୀ ଶିଶୁ ମନ୍ଦିର କଳମ୍ବର ସ୍ୱାତୀ ସ୍ୱରୂପା ସ୍ୱାଇଁ-୨ୟ, ମହୁଲପଲ୍ଲୀ ୟୁପିସ୍କୁଲର ଦିବ୍ୟ ଦର୍ଶନ ପାତ୍ର-୪ର୍ଥ , ବୁଗୁଡ଼ା ଗୋଲାସାହି ପ୍ରାଇମେରୀ ସ୍କୁଲର ସୌମ୍ୟ ରଞ୍ଜନ ଘଡେଇ-୫ମ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅର୍ପିତ ଶ୍ୟାମ ସାଇ ପାଢୀ-୬ଷ୍ଠ, ଚଢିଆପଲ୍ଲୀ ପ୍ରାଇମେରୀ ସ୍କୁଲର ଝିଲ୍ଲୀ ଗୌଡ-୭ମ ସ୍ଥାନରେ ପ୍ରକାଶ ଯୋଗ୍ୟ ଯେ, ଗତ ୨୨ ନଭେମ୍ବର ୨୦୨୫ରେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ତୃତୀୟ ଶ୍ରେଣୀର ୧୫୪ ଜଣ ଏବଂ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପଞ୍ଚମ ଶ୍ରେଣୀର ୧୩୫ ଜଣ ଛାତ୍ରଛାତ୍ରୀ ଉକ୍ତ ମେଧାବୃତ୍ତି ପରୀକ୍ଷା ଦେଇଥିଲା ବେଳେ ଏବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କୃତି ଛାତ୍ରଛାତ୍ରୀମାନେ ଉତ୍ସାହିତ ଥିବା ଜଣାଯାଇଛି।

## ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ନିମନ୍ତେ ମହୋତ୍ସବ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନ (ଢେଙ୍କାନାଳ)ସ୍ଥିତ ମୀରାବାଇ କଳା ବିକାଶ କେନ୍ଦ୍ରର ଆନୁକୂଲ୍ୟରେ କଟକସ୍ଥିତ କଳା ବିକାଶ କେନ୍ଦ୍ର ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ଶ୍ରୀ ଜଗନ୍ନାଥ ମହୋତ୍ସବ ତିନି ଦିନ ଧରି ମହାଆଡମ୍ବର ସହ ପାଳିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଅଣାଯାଇ ଭକ୍ତିମୟ ପରିବେଶ ମଧ୍ୟରେ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଭଗବାନ ଗୁରୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଟ୍ୟଗୁରୁ ମିହିର ମେହେର, ସଂଗୀତ ନିର୍ଦ୍ଦେଶକ ବିକାଶ ଦାସ ଓ ପ୍ରଖ୍ୟାତ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ମହେଶ୍ୱର ରାଓ ଉପସ୍ଥିତ ରହି ମହୋତ୍ସବକୁ ଗରିମାନ୍ୱିତ କରିଥିଲେ। ମହୋତ୍ସବ ଅବସରରେ ଓଡିଶୀ ନୃତ୍ୟ, ଗୀତାଭିନୟ, ଭକ୍ତିଗୀତ ଆଦି ମନୋମୁଗ୍ଧକର ସାଂସ୍କୃତିକ ପରିବେଷଣ ଦର୍ଶକମାନଙ୍କୁ ଆନନ୍ଦିତ କରିଥିଲା। କଟକ, ସମ୍ବଲପୁର, ବରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ କଳାକାର ନିଜ ନିଜର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବହୁ କଳାକାର, ଗଣମାଧ୍ୟମ ପ୍ରତିନିଧି ଓ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ମାନନା ସ୍ୱରୂପ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୀତକାର ଅରୁଣ ମନ୍ତ୍ରୀ, ସୂର୍ଯ୍ୟକାନ୍ତ ଆରୁକ, ରୁଦ୍ର ମନ, ଉମେଶ ଦାସ, ଦୀପକ କର, ପିଣ୍ଟୁ ମିଶ୍ର, ବସନ୍ତ ପ୍ରଧାନ ଓ ସିନେ ନିର୍ଦ୍ଦେଶକ ବସନ୍ତ ସାହୁଙ୍କ ସହ ଅନେକ କଳାକାରଙ୍କୁ ସମ୍ମାନିତ କରାଯାଇ ଅନୁଷ୍ଠାନ ନିଜକୁ ଗର୍ବିତ ଅନୁଭବ କରିଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଓ ସମଗ୍ର ବିଶ୍ୱକୁ 'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ଦେଉଥିବା ଏକ ଅମୂଲ୍ୟ ଧାରୋହର ବୋଲି ଉଲ୍ଲେଖ କରି ସଭାପତି ଭଗବାନ ଗୁରୁ କହିଥିଲେ ଯେ, ଜଗନ୍ନାଥ ସଂସ୍କୃତି କିପରି ଭାବେ ଉଜ୍ଜୀବିତ ରହିବ ଓ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପ୍ରଚାର ଓ ପ୍ରସାର ହେବ ସେହି ଲକ୍ଷ୍ୟକୁ ନେଇ ଏହି ମହୋତ୍ସବର ଆୟୋଜନ କରାଯାଇଥିଲା।

## ଏନଟିପିସିର ପରିଚାଳନା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**



ଏନଟିପିସି ବୋଙ୍ଗାଇଗାଓଁ, ଆଇଆଇଏମ୍ ଶିଲଂ ସହିତ ମିଳିତ ଭାବରେ, ଜାନୁଆରୀ ୧୯-୨୧, ୨୦୨୬ ପର୍ଯ୍ୟନ୍ତ ଏହାର ମଧ୍ୟ-ସ୍ତରୀୟ କାର୍ଯ୍ୟନିର୍ବାହୀଙ୍କ ପାଇଁ 'ରଣନୈତିକ ନେତୃତ୍ୱ ଅଭ୍ୟାସ' ଉପରେ ଏକ ତିନି ଦିନିଆ ପରିଚାଳନା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ନେତୃତ୍ୱ କ୍ଷମତାକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତ୍ କେନ୍ଦ୍ରର ମଧ୍ୟ-ସ୍ତରୀୟ କାର୍ଯ୍ୟନିର୍ବାହୀଙ୍କୁ ଆଧୁନିକ ଉପକରଣ ଏବଂ ପରିବର୍ତ୍ତନଶୀଳ ସଂଗଠନ ଏବଂ ଲୋକ-ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ସଜ୍ଜିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା।

ଏନଟିପିସି ବୋଙ୍ଗାଇଗାଓଁର ପ୍ରକଳ୍ପ ମୁଖ୍ୟ ଅର୍ଣ୍ଣବ ମୈତ୍ର ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ, ଯିଏ ଆଜିର ଜଟିଳ ଏବଂ ଗତିଶୀଳ କାର୍ଯ୍ୟ ପରିବେଶରେ ରଣନୈତିକ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ମୈତ୍ର ବ୍ୟାଖ୍ୟା କରିଥିଲେ ଯେ ଏନଟିପିସିର ସାଂଗଠନିକ ଉଦ୍ଦେଶ୍ୟଗୁଡ଼ିକୁ ନବସୃଜନ, ସହାନୁଭୂତି ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱ ସହିତ ମିଶ୍ରଣ କରିପାରୁଥିବା ନେତାମାନଙ୍କୁ ବିକାଶ କରିବାରେ ଏପରି କେନ୍ଦ୍ରିତ କ୍ଷମତା-ନିର୍ମାଣ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଆଇଆଇଏମ୍ ଶିଲଂର ସଂଗଠନାତ୍ମକ ଆଚରଣ ଏବଂ ମାନବ ସମ୍ବଳ କ୍ଷେତ୍ରରେ ସହାୟକ ପ୍ରଫେସର ଡକ୍ଟର ସୀତାଂଶୁ ଶେଖର ଦାସ ଏବଂ ଡକ୍ଟର ପ୍ରିୟା ଆଲ୍ଲାଟ ଶୈକ୍ଷିକ ଅଧିବେଶନଗୁଡ଼ିକୁ ପରିଚାଳନା କରିଥିଲେ। ଅଧ୍ୟାପକମାନେ ସ୍କାଇଲ୍ ଫ୍ରେମୱାର୍କ ମାଧ୍ୟମରେ ସମସାମୟିକ ନେତୃତ୍ୱ ଅଭ୍ୟାସ ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ, ଯାହା ରଣନୈତିକ ଚିନ୍ତାଧାରା, ପ୍ରେରଣା ସ୍ତର, ନବସୃଜନ, ଶିକ୍ଷଣ ଚପଳତା ଏବଂ ସହାନୁଭୂତିଶୀଳ ନେତୃତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଅଧିବେଶନରେ କ୍ରମାଗତ ଜଟିଳ ଏବଂ ଦ୍ରୁତ ଗତିରେ କାର୍ଯ୍ୟ ପରିବେଶରେ ଜେନ ଜେଡ ଏବଂ ଜେନ ଆଲଫାକୁ ପ୍ରଭାବଶାଳୀ ଭାବରେ ପରିଚାଳନା ଏବଂ ସେମାନଙ୍କ ସହିତ ଜଡିତ ହେବା ପାଇଁ ଆବଶ୍ୟକ ନେତୃତ୍ୱ ପଦ୍ଧତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

## ବଲାଙ୍ଗିର ଲୋକ ଉତ୍ସବରେ ଗୁଜରାଟ ସିଦ୍ଧି ଧମାଲର କଳା ପରିବେଷଣ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲାର ଗୌରବମୟ ପରମ୍ପରା, କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପରିସରରେ ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହେଉଛି। ଏହି ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦେବକୀ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ଉପଜିଲ୍ଲାପାଳ, ବଲାଙ୍ଗିର, ଆଲୋକ କୁମାର ପଟେଲ। ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷା, ବଲାଙ୍ଗିର, ଶ୍ରୀମତୀ ଲିକା ସାହୁ, ଉପଜିଲ୍ଲାପାଳ, ପାଟଣାଗଡ, ସୁନୀଲ କୁମାର ମେହେର, ଉପଜିଲ୍ଲାପାଳ, ଟିଟିଲାଗଡ, ପଦ୍ମନାଭ ସାମନ୍ତରାୟ, ସହ ଅଧ୍ୟକ୍ଷ, ମଞ୍ଚ କମିଟି, କିଶୋର ଜାଲ, ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ଶରତ ଚନ୍ଦ୍ର ମିଶ୍ର, ସହ ଅଧ୍ୟକ୍ଷା, ମଞ୍ଚ କମିଟି, ଶ୍ରୀମତୀ ଶ୍ରାବଣୀ ମେହେର, ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ରିତୁରାଜ ସିଂହ, ଅତିଥି କଳାକାର, ରାଜୀବ ସଗରିଆ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି କହିଥିଲେ ପୁରପଲ୍ଲୀରୁ ଆରମ୍ଭ ହେଉଥିବା ଏହି ଲୋକ ଉତ୍ସବ କେବଳ ବଲାଙ୍ଗିର ଜିଲ୍ଲାରେ ସୀମିତ ନୁହଁ ବରଂ ରାଜ୍ୟ ବାହାରେ ମଧ୍ୟ ଖ୍ୟାତି ଅର୍ଜନ କରିଛି। ଏ ବଲାଙ୍ଗିର ମାଟି ବଡବଡ କଳାକାର ଗଢିଛି, କଳାକୁ ଉଚିତ୍ ସମ୍ମାନ ଦେଇଛି, ଆମକୁ ଗର୍ବିତ କରିଛି। ତେଣୁ ଆମର ମଧ୍ୟ କର୍ତ୍ତବ୍ୟ ଯେ, ମିଳିତ ଭାବେ ଆମେ ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରିବା। ଆଜିର ସଭା କାର୍ଯ୍ୟରେ ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ଶରତ ଚନ୍ଦ୍ର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହ ଅଧ୍ୟକ୍ଷ, ପ୍ରଚାର ପ୍ରସାର କମିଟି, ରତୁରାଜ ସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ। ଏହି ଉତ୍ସବର ଦ୍ୱିତୀୟ ରଜନୀରେ ଗୁଜୁରାଟର ସିଦ୍ଧି ଧମାଲ, ପଞ୍ଜାବର ଭାଙ୍ଗଡା, ଆସାମର ବିହୁ, ପୁରୀର ଗୋଟିପୁଅ, ସୁବର୍ଣ୍ଣପୁରର ବଜନିଆଁ, କଳାହାଣ୍ଡିର ଘୁମୁରା, ବଲାଙ୍ଗିର ସ'ଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ସଙ୍ଗୀତା ଦାସ ଓ ସାଥୀଙ୍କ ଦ୍ୱାରା ପ୍ରଦର୍ଶିତ ଚୁଟକୁ ଚୁଟାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତରଣିସେନ ସୁନା ସମ୍ମାନିତ କରିବା ସହ ବେଶ୍ ପ୍ରଶଂସା କରିଥିଲେ। ସ୍ଥାନୀୟ ସୁର ମନ୍ଦିର, ଲଳିତ ଡାନ୍ସ ଗ୍ରୁପ, ଢୋଲ ମହୁରି କଳାପରିଷଦ, ମହନୀ ନୃତ୍ୟ କଳାପରିଷଦ ଏବଂ ସମସ୍ତ କଳାକୋର ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 22nd January, 2026 Thursday | RNI Regd. No. ODIODI/2009/28880

## ବୋଉର ଭଉଣୀ

ଦୁଇବନ୍ଧୁ କଥା ହେଉଥିଲେ। ଜଣେ ପଚାରିଲା- ଆଚ୍ଛା, ଇଂରାଜୀରେ ବୋଉକୁ କହୁଛନ୍ତି ମମ୍। ତା'ହେଲେ ବୋଉର ବଡ଼ ଭଉଣୀ ଆଉ ସାନ ଭଉଣୀକୁ କ'ଣ କୁହାଯିବ ?

ଆର ସାଙ୍ଗ ଚଟାପଟ କହିଲା- ମାକ୍ସିମମ୍ ଆଉ ମିନିମମ୍।


-----------

## ଶୀର୍ଷାସନ

ବାବା ପଚାରିଲେ- ଯୋଗ ଅଭ୍ୟାସ କରିବା ପରଠାରୁ ଆପଣଙ୍କ ମଦ୍ୟପ ସ୍ୱାମୀଙ୍କର ଚାଲିଚଳଣରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି କି ?

ଭଦ୍ର ମହିଳା କହିଲେ- ହଁ, ବହୁତ ବଦଳି ଯାଇଛନ୍ତି ସେ। ଏବେ ଶୀର୍ଷାସନରେ ପିଉଛନ୍ତି। କହୁଛନ୍ତି, ଏଥିରେ ମୁଣ୍ଡ ଥଣ୍ଡା ରହୁଛି, ଗରମ ହେଉନି।

ହେଲ୍ଥ



ଟନିକ୍

# ବିରାଟଙ୍କୁ ହଟାଇ ଶୀର୍ଷରେ ଡାରିଲ ମିଚେଲ

**ଦୁବାଇ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ବର୍ଷ ପରେ ଦିନିକିଆ ବ୍ୟାଟିଂ ରାଙ୍କିଂର ୧ନଂ ସ୍ଥାନରେ ପହଞ୍ଚିଥିଲେ ଷ୍ଟାର ବ୍ୟାଟର ବିରାଟ କୋହଲି। ଏହି ସ୍ଥାନରେ ମାତ୍ର ୭ ଦିନ ହିଁ ରହିବାକୁ ସକ୍ଷମ ହୋଇଛନ୍ତି ବିରାଟ। କାରଣ ଆଇସିସି ପକ୍ଷରୁ ଆଜି(ବୁଧବାର) ଜାରି ହୋଇଥିବା ଅପଡେଟ ରାଙ୍କିଂରେ ବିରାଟ ଦ୍ୱିତୀୟ ସ୍ଥାନକୁ ଖସି ଯାଇଛନ୍ତି।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ବିରାଟ ଶତକ ମରିଥିଲେ ହେଁ ଭାରତକୁ ହାରିବାକୁ ପଡିଥିଲା। ନ୍ୟୁଜିଲ୍ୟାଣ୍ଡ ଦୀର୍ଘ ୩୭ ବର୍ଷ ପରେ ଭାରତରେ କୌଣସି ଦିନିକିଆ ସିରିଜ(୨-୧)କୁ ଜିତିଥିଲା। ଆଉ ଏହି ଐତିହାସିକ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ କ୍ୱିଭି ଟିମର ଡାରେଲ ମିଚେଲ। ଏବେ ବିରାଟଙ୍କ ଠାରୁ ମିଚେଲ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଂର ୧ନଂ ସ୍ଥାନ ଛଡାଇ ନେଇଛନ୍ତି। ମିଚେଲ ବନି ଯାଇଛନ୍ତି ବିଶ୍ୱର ୧ ନଂ ଦିନିକିଆ ବ୍ୟାଟର।

ତୃତୀୟ ଦିନିକିଆ ପରେ ବିରାଟଙ୍କ ରାଙ୍କିଂରେ ୧୦ ପଏଣ୍ଟ ବୃଦ୍ଧି ହୋଇଛି। ହେଲେ ଭାରତ ବିପକ୍ଷ ଦିନିକିଆ ସିରିଜରେ କ୍ରମାଗତ ଶତକ ହାସଲ କରିଥିବା ମିଚେଲଙ୍କ ପଏଣ୍ଟ ଦ୍ରୁତଗତିରେ ଆଗକୁ ଯାଇଛି।



ତୃତୀୟ ଦିନିକିଆ ପୂର୍ବରୁ ତାଙ୍କ ପଏଣ୍ଟ ସଂଖ୍ୟା ୭୮୪ ରହିଥିଲା। ବିରାଟ ୭୮୫ ପଏଣ୍ଟ ସହ ୧ନଂରେ ରହିଥିଲେ। ଏବେ ବିରାଟଙ୍କ ପଏଣ୍ଟ ସଂଖ୍ୟା ୭୯୫ ରହିଥିବା ବେଳେ ମିଚେଲ ୮୪୫ ପଏଣ୍ଟ ସହ ୧ନଂରେ ପହଞ୍ଚି ଯାଇଛନ୍ତି।

ଭାରତ ବିପକ୍ଷ ଦିନିକିଆ ସିରିଜରେ ମିଚେଲ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ। ସେ ୩ଟି ମ୍ୟାଚ୍‌ରେ ୩୫୨ ରନ କରିବା ସହ ତାଙ୍କ ବ୍ୟାଟିଂ ହାର ୧୭୬ ରହିଥିଲା। ସେ ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ।

ବିରାଟ କେବଳ ନିଜର ପ୍ରଥମ ସ୍ଥାନ ହରାଇ ନାହାନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ରୋହିତ ଶର୍ମା ମଧ ଗୋଟିଏ ସ୍ଥାନ ତଳକୁ ଖସିଛନ୍ତି। ଗତ ସପ୍ତାହରେ ସେ ୩ ନମ୍ବରରେ ଥିବା ବେଳେ ଏବେ ୪ ନମ୍ବରକୁ ଖସି ଯାଇଛନ୍ତି। ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି ଆଫଗାନିସ୍ତାନର ଇବ୍ରାହିମ ଜର୍‌ଦାନ। ୫ମରେ ଭାରତର ଦିନିକିଆ ଅଧିନାୟକ ଶୁବମନ ଗିଲ ରହିଥିବା ବେଳେ ୬ଷ୍ଠରେ ପାକିସ୍ତାନର ବାବର ଆଜମ, ୭ମରେ ଆୟର୍ଲ୍ୟାଣ୍ଡର ହ୍ୟାରୀ ଟେକ୍ଟର, ୮ମରେ ଇଣ୍ଡିଜ ଟିମର ସାଇ ହୋପ, ୯ମରେ ଶ୍ରୀଲଙ୍କାର ଚରିତା ଅସଲଙ୍କା ଓ ୧୦ମ ସ୍ଥାନରେ ଭାରତର କେଏଲ ରାହୁଲ ଅଛନ୍ତି। ଗତ ସପ୍ତାହରେ ରାହୁଲ ୧୧ ନମ୍ବର ସ୍ଥାନରେ ଓ ଶ୍ରେୟସ ଆୟର ୧୦ ନମ୍ବର ସ୍ଥାନରେ ରହିଥିଲେ। ହେଲେ ଏବେ ରାହୁଲ ଟପ ୧୦ରେ ପ୍ରବେଶ କରିଥିବା ବେଳେ ଆୟର ୧୧ ନମ୍ବରକୁ ଚାଲି ଯାଇଛନ୍ତି।

## ନ୍ୟୁଜିଲାଣ୍ଡକୁ ୪୮ ରନ୍‌ରେ ପରାସ୍ତ କଲା ଭାରତ



**ନାଗପୁର,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ନାଗପୁରର ବିଦର୍ଭ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଭାରତ-ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି-୨୦ରେ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ। ସୀମିତ ୨୦ ଓଭରରେ ଭାରତ ୭ ୱିକେଟ୍ ହରାଇ ୨୩୮ ରନ୍ କରିଥିଲା ଟିମ୍ ଇଣ୍ଡିଆ। ଦଳ ପକ୍ଷରୁ ଅଭିଷେକ ଶର୍ମା ସର୍ବାଧିକ ୮୫ ରନ୍ ସ୍କୋର କରିଥିବା ବେଳେ ମିଡିଲ ଅର୍ଡରରେ ଆସିଥିବା ହାର୍ଡ ହିଟର ରିଙ୍କୁ ସିଂ ୨୦ ବଲରୁ ୪୪ ରନ୍ କରିଥିଲେ। ମାତ୍ର ଈଶାନ କିଷାନ ଏବଂ ଶିବମ ଦୁବେ ଭଲ ସ୍କୋର କରିବାରେ ବିଫଳ ହୋଇଥିଲେ। ରିଙ୍କୁ ସିଂ ଶେଷ ଓଭରରେ ମିଚେଲଙ୍କୁ ଧୁଲେଇ କରି ୨୦ ରନ୍ ସଂଗ୍ରହ କରିଥିଲେ।

୨୩୯ ରନ୍‌ର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବହୁତ ଖରାପ ଥିଲା। ଗ୍ଲେନ୍ ଫିଲିପ୍ସ ଏବଂ ମିଚେଲଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ଭଲ ପ୍ରଦର୍ଶନ କରିପାରି ନଥିଲେ। ବରୁଣ ଚକ୍ରବର୍ତ୍ତି ଏବଂ ଶିବମ ଦୁବେଙ୍କୁ ଦୁଇଟି ଲେଖାଏଁ ୱିକେଟ୍ ମିଳିଥିବା ବେଳେ ଅର୍ଶଦୀପ, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅକ୍ସର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧-୦ରେ ଭାରତ ଆଗୁଆ ରହିଛି।

## ସିରିଜ ଦୁର୍ଘଟଣା: ଚାଳକ ଗୁରୁତର

**କୁଳିଅଣା,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ଣରେ ୧୮ ନମ୍ବର ଜାତୀୟ ରାଜପଥ ଦରଖୋଳି ଛକରେ ସିରିଜ ଦୁର୍ଘଟଣାରେ ଜଣେ ପିକ୍‌ଅପ୍ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ଚାଳକଙ୍କର ପରିଚୟ ମିଳିପାରି ନାହିଁ। ପ୍ରତକ୍ଷ୍ୟଦର୍ଶୀଙ୍କ ଠାରୁ ପ୍ରକାଶ ଯେ, ପ୍ରଥମେ ଏକ ବାଲି ଟ୍ରାକ୍ଟର (ଓଡି୧୧ ଏକ୍ସ ୬୪୯୯)କୁ ପଛରୁ ଧକ୍କା ଦେଇଥିଲା (ଓଡି୦୧ଭି ୮୪୯୦) ପିକ୍‌ଅପ୍ ଠିକ ସେତିକିବେଳେ ଅନ୍ୟ ଏକ କଣ୍ଟେନର (ପିବି୧୩ ବିଇ ୬୯୭୬) ପିକ୍‌ଅପ୍‌କୁ ଧକ୍କା ଦେବାରୁ ଚାଳକ ଚାପି ହୋଇ ରହି ଯାଇଥିଲା। ସ୍ଥାନୀୟ ଯୁବକମାନେ ଗୁରୁତର ଆହତ ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଚାଳକ ବିଜୟ ନାଏକ (୨୫)କୁ ପିଆରଏମ ମେଡିକାଲ କଲେଜ ବାରିପଦାକୁ ପଠାଇଥିଲେ। କୁଳିଅଣା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟର, ପିକ୍‌ଅପ୍‌କୁ ପୁଲିସ ଜବତ କରି ଥାନା ପରିସରରେ ରଖିଛି।

# ସାଇବର ଠକେଇ: ପୃଥକ ପୃଥକ ମାମଲାରେ ୩ ଗିରଫ

**କଟକ,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ୩ଟି ପୃଥକ ପୃଥକ ସାଇବର ଠକେଇ ମାମଲାରେ ୩ ଜଣ ଠକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ମହାରାଷ୍ଟ୍ର ରାଜ୍ୟ ପୁନେ ଜିଲ୍ଲାର ରମେଶ ଆଞ୍ଜନା (୩୧), ମହାରାଷ୍ଟ୍ର ରାଜ୍ୟ ପୁନେ ଜିଲ୍ଲା ରାୟଗଡ଼ ଥାନା ଅଂଚଳର ତନ୍ନାଜୀ ରାମଚନ୍ଦ୍ର ସେଲାର (୪୬) ଓ ଗୁଜୁରାଟ ରାଜ୍ୟ ସୁରାଟ ଜିଲ୍ଲାର ନାଶିତ ଭୌତିଭାଇ ଜୟନ୍ତୀ ଭାଇ (୩୪)। ପୋଲିସ ୩ ଅଭିଯୁକ୍ତଙ୍କଠାରୁ ମୋବାଇଲ ଫୋନ, ସିମକାର୍ଡ଼ ଓ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରିଛି । ଅଭିଯୁକ୍ତ ୩ ଜଣକୁ କୋର୍ଟ ଚାଲାଣ କରାଯାଇଛି। ପ୍ରଥମ ମାମଲାରେ ପୀଡ଼ିତ ବ୍ୟକ୍ତି ଏକ ଆର୍ଥିକ ଠକେଇର ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ସେଲରେ ଅଭିଯୋଗ କରିଥିଲେ । ପୀଡ଼ିତ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ ଯେ, ଅଜଣା ବ୍ୟକ୍ତିମାନେ ପୋଲିସ ଅଧିକାରୀ ଭାବେ ତାଙ୍କୁ ପରିଚୟ ଦେଇଥିଲେ । ୨୦୨୪ ଜୁଲାଇ ୬ ତାରିଖରେ ସେ ଏକ ୱାଟସଆପ ଭିଡ଼ିଓ କଲ ପାଇଥିଲେ। ଯେଉଁଥିରେ କଲର ବ୍ୟକ୍ତି ନିଜକୁ ମୁମ୍ବାଇ ତିଳକନଗର ପୋଲିସର ବୋଲି ଦାବି କରିଥିଲେ । ଠକ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ, ଟଙ୍କା ଲଣ୍ଡ୍ରିଂ ମାମଲାରେ ସଂପୃକ୍ତି ପାଇଁ ପୀଡ଼ିତଙ୍କ ବିରୁଦ୍ଧରେ ଗିରଫ ୱାରେଣ୍ଟ ଜାରି କରାଯାଇଛି । ଏହା ସହିତ ପୀଡ଼ିତଙ୍କ ନାମ ଏବଂ ଫଟୋ ଥିବା ଏକ କାନ୍ନାଡ଼ା ବ୍ୟାଙ୍କ କ୍ରେଡିଟ କାର୍ଡ଼ ଦେଖାଇଥିଲେ । ଏହି ମାମଲାରେ ତାଙ୍କର ସଂପୃକ୍ତିକୁ ମିଥ୍ୟା ଭାବରେ ସୂଚିତ କରୁଥିବା ଏକ ଲିଙ୍କ ମଧ ଦେଖାଇଥିଲେ । ପୀଡ଼ିତଙ୍କୁ ମୁମ୍ବାଇ ତିଳକନଗର ପୋଲିସ ନିକଟରେ ହାଜର ନହେଲେ କିମ୍ବା ଅନଲାଇନ ପଚରା ଉଚରା ପାଇଁ ରାଜି ନହେଲେ ଗିରଫ କରାଯିବାର ଧମକ ଦିଆଯାଇଥିଲା । ଭୟରେ ପୀଡ଼ିତ ଅନଲାଇନ ପ୍ରକ୍ରିୟାରେ ରାଜି ହୋଇଥିଲେ । ଏହାପରେ ପୀଡ଼ିତ ତାଙ୍କ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟରୁ ଠକମାନଙ୍କ ବିଭିନ୍ନ ଆକାଉଣ୍ଟକୁ ୬୨ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲେ । ପୀଡ଼ିତ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ନିକଟରେ ଏତଲା ଦାୟର କରିଥିଲେ। ଏହି ଏତଲାକୁ ଆଧାରକରି ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ ଗଠନ କରି ଛାନଭିନ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ରମେଶକୁ ପୁନେରୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତ ରମେଶ ପ୍ରଥମେ ପୁନେର ଜେଏମସି କୋର୍ଟରେ ହାଜର କରାଯାଇଥିଲା ପରେ ତାଙ୍କୁ ଟ୍ରାଜିକ୍ଟ ରିମାଣ୍ଡରେ କଟକ ଅଣାଯାଇଥିଲା । ଅଭିଯୁକ୍ତ ରମେଶକୁ କୋର୍ଟ ଚାଲାଣ କରାଯାଇଛି । ଦ୍ୱିତୀୟ ମାମଲାରେ, ପୀଡ଼ିତ ଅନଲାଇନ ନିବେଶ ଠକେଇ ଅଭିଯୋଗରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ନିକଟରେ ଏକ ଏତଲା ଦାୟର କରିଥିଲେ । ପୀଡ଼ିତ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ, ଅଜ୍ଞାତ ସାଇବର ଠକମାନେ ପ୍ରଥମେ ସୋସିଆଲ ମିଡ଼ିଆରେ ତାଙ୍କ ସହିତ ଯୋଗଯୋଗ କରିଥିଲେ ଏବଂ ପରେ ତାଙ୍କୁ ଏକ ୱାଟସଆପ ଗ୍ରୁପରେ ଯୋଡ଼ିଥିଲେ । ଅନଲାଇନ ନିବେଶରେ ଉଚ୍ଚ ରିର୍ଟନର ପ୍ରତିଶୃତି ପାଇ ପୀଡ଼ିତ ଠକମାନଙ୍କ ବିଭିନ୍ନ ଆକାଉଣ୍ଟରେ ୩୯ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲେ। ଟଙ୍କା ଫେରି ନପାଇବାରୁ ପୀଡ଼ିତ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ନିକଟରେ ପୀଡ଼ିତ ଏତଲା ଦାୟର କରିଥିଲେ । ଏହି ଏତଲାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହିତ ଏକ ସ୍ୱତନ୍ତ୍ର ଟିମ ଗଠନ କରି ମାମଲାର ଛାନଭିନ ଆରମ୍ଭ କରିଥିଲା । ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସ ଅଭିଯୁକ୍ତ ତନାଜୀ ରାମଚନ୍ଦ୍ର ସେଲାରକୁ ପୁନେରୁ ଗିରଫ କରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତକୁ ପ୍ରଥମେ ଭୋରର ଜେଏମସି କୋର୍ଟରେ ହାଜର କରାଯାଇଥିଲା ପରେ ତାଙ୍କୁ ଟ୍ରାଜିକ୍ଟ ରିମାଣ୍ଡରେ କଟକ ଅଣାଯାଇଥିଲା । ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ତୃତୀୟ ମାମଲାରେ ପୀଡ଼ିତ ଅନଲାଇନ ନିବେଶ ଠକେଇର ଶିକାର ହୋଇ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସରେ ଏକ ଅଭିଯୋଗ ଦାଖଲ କରିଥିଲେ । ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ, ଅଜ୍ଞାତ ସାଇବର ଠକମାନେ ପ୍ରଥମେ ସୋସିଆଲ ମିଡ଼ିଆ ମାଧ୍ୟମରେ ପୀଡ଼ିତଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ଏକ ୱାଟସଆପ ଗ୍ରୁପରେ ଯୋଡ଼ିଥିଲେ। ଉଚ୍ଚ ରିର୍ଟନର ପ୍ରତିଶୃତି ଦେଇ ଠକମାନେ ପୀଡ଼ିତଙ୍କୁ ଅନଲାଇନ ଟ୍ରେଡ଼ିଂରେ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ପୀଡ଼ିତ ଠକମାନଙ୍କ କଥାରେ ବିଶ୍ୱାସ କରି ସେମାନଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧କୋଟି ୩୦ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲେ । ଟଙ୍କା ଫେରି ନପାଇବାରୁ ପୀଡ଼ିତ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୋଲିସରେ ଅଭିଯୋଗ ଦାଖଲ କରିଥିଲେ । ଏହି ଅଭିଯୋଗ ଆଧାରରେ ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଅଭିଯୁକ୍ତ ନାଶିତ ଭୌତିଭାଇ ଜୟନ୍ତୀଭାଇକୁ ଗୁଜୁରାଟରୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତକୁ ପ୍ରଥମେ ସୁରଟ ଅତିରିକ୍ତ ବରିଷ୍ଠ ସିଭିଲଜଜକୋର୍ଟରେ ହାଜର କରାଯାଇଥିଲା ପରେ ତାଙ୍କୁ ଟ୍ରାଜିକ୍ଟ ରିମାଣ୍ଡରେ କଟକ ଅଣାଯାଇଥିଲା । ଗିରଫ ଅଭିଯୁକ୍ତ ନାଶିତକୁ କୋର୍ଟ ଚାଲାଣ କରାଯାଇଛି । ଓଡ଼ିଶା କ୍ରାଇମବ୍ରାଞ୍ଚ ଏଭଳି ସାଇବର ଠକେଇ ବିରୁଦ୍ଧରେ କଡ଼ା ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡ଼ିଛି । ସାଧାରଣ ଲୋକମାନଙ୍କୁ ଏଭଳି ଅନଲାଇନ ଠକେଇ ପ୍ରତି ସତର୍କ ରହିବାକୁ ଓଡ଼ିଶା କ୍ରାଇମବ୍ରାଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି ।

# ବଜ୍ରକାପ୍ତା କାଟି ଡିଲ ବେଳେ ୨ ଗିରଫ

**ରାଜନଗର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଷଣ୍ଢପଲୀ ଗ୍ରାମରେ ବଜ୍ରକାପ୍ତା କାଟି ଡିଲ ବେଳେ ମାଡି ବସିଲା ଏସଟିଏଫ ସହ ବନବିଭାଗ ଟିମ। ରାଜ୍ୟ ଏସଟିଏଫ ଟିମ ବିଶ୍ୱସ୍ତ ସୂତ୍ରରୁ ବଜ୍ରକାପ୍ତା କାତି ଚାଲାଣ ହେଉଥିବା ଖବରପାଇ ତିନି ଆସାମୀଙ୍କ ସହିତ ମୋବାଇଲରେ କଥା ହୋଇଥିଲେ । ୧୪ଟି କାତିକୁ ସାତ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହେବା ପରେ ତିନିଜଣ ଷଣ୍ଢପଲୀ ଗାଁ ରାସ୍ତା ଉପରକୁ ଆସିଥିଲେ । ଦୁଇଟି ବାଇକରେ ତିନି ଆସାମୀ ବଜ୍ରକାପ୍ତା ଆଣି ପହଂଚିବା ପରେ ଏସଟିଏଫ ଟିମ୍‌ଙ୍କ ସହିତ ଭେଟ ହୋଇଥିଲା । ଏସଟିଏଫ ଟିମ୍ କାତି ଦେଖିବା ପରେ ତିନିଜଣ ଆସାମୀଙ୍କୁ ଧରି ନେଇଥିଲେ । କିଛି ଦୂରରେ ଥିବା ବନବିଭାଗ ଟିମ ପହଂଚି ଦୁଇଟି ବାଇକ ସହ କାତି, ୩ଟି ମୋବାଇଲ ଜବତ କରି ରାଜନଗର ରେଂଜ କାର୍ଯ୍ୟାଳୟକୁ ଆଣିଥିଲେ । ପଟ୍ଟାମୁଣ୍ଡାଇ ଗାଁର ଏସକେ ବାରାକତୁଲ୍ଲା, ଷଣ୍ଢପଲୀ ଗାଁର ଅଭିରାମ ମଳିକ ଓ ରାଜକିଶୋର ମଳିକଙ୍କ ସହ ସେମାନେ ବ୍ୟବହାର କରୁଥିବା ଓଡି-୨୯-ଜେ- ୨୯୭୧ ହିରୋ ସ୍ପ୍ଲେଣ୍ଡର ପ୍ଲସ ବାଇକ ଓ ହୋଣ୍ଡା ଭେଲୋ ବାଇକ ନଂ- ଓଡି-୨୯-ଜେ- ୫୫୧୬କୁ ଜବତ କରିଥିଲେ । ଏହି ଚଢାଉରେ ଏସଟିଏଫ ଟିମ ସହ ରାଜନଗର ରେଂଜର ଫରେଷ୍ଟର ବିଜୟକୁମାର ପାତ୍ର, ମହାକାଳପଡା ରେର ଫରେଷ୍ଟର ପ୍ରଦୀପ୍ତ କୁମାର ସ୍ୱାଇଁ ଓ ରାଜେଶ ପଟ୍ଟନାୟକଙ୍କ ସହ ଫରେଷ୍ଟ ଗାର୍ଡ ସବିତା ବେହେରା, ଲକ୍ଷ୍ମୀପ୍ରିୟା ଖଟୁଆ, ସ୍ମୃତିରେଖା ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ । ସେମାନଙ୍କ ନାମରେ ବନବିଭାଗ ମାମଲା ରୁଜୁ କରି ପଚରା ଉଚରା ଜାରୀ ରଖିଛି । ଗୁରୁବାର ଦିନ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି । ସୂଚନା ଥାଉକି, ଏସଟିଏଫ ଏକ ଆନ୍ତରାଜ୍ୟ ର୍‍ୟାକେଟକୁ ଧରିବା ପରେ ସେମାନଙ୍କୁ ରିମାଣ୍ଡରେ ନେଇ ପଚରା ଉଚରା କରିଥିଲା । ସେମାନଙ୍କଠାରୁ ସୂଚନା ପାଇବା ପରେ ଏହି ଆସାମୀମାନଙ୍କ ସହିତ ଯୋଗାଯୋଗ କରିଥିଲା ।

**୧୪ କାତି, ୨ ବାଇକ ସହ ୩ ମୋବାଇଲ ଜବତ**

## ପ୍ରଥମ ପୃଷ୍ଠାରୁ...

### ଏଣିକି ବିଧାୟକ ...

'ପ୍ରୋଟୋକଲ୍ ଉଲ୍ଲଂଘନ' ଭାବେ ଗ୍ରହଣ କରାଯାଇ ସିଧାସଳଖ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଜନପ୍ରତିନିଧିଙ୍କ ଗାଡିକୁ ଅଫିସ୍ ପରିସର ମଧ୍ୟକୁ ପ୍ରବେଶ କରିବା ପାଇଁ ସୁରକ୍ଷା କଟକଣା କୋହଳ କରାଯିବ।

ଯଦି କୌଣସି କାରଣବଶତଃ ସରକାରୀ ଅଫିସର ନିଜର ପୂର୍ବ ନିର୍ଦ୍ଧରିତ ଆପଏଣ୍ଟମେଣ୍ଟ ପାଳନ କରିପାରୁନାହାଁନ୍ତି, ତେବେ ତାହାକୁ ସଂପୃକ୍ତ ଜନପ୍ରତିନିଧିଙ୍କୁ ତୁରନ୍ତ ଅବଗତ କରି ବୁଝାଇବା ସହ ନୂଆ ସମୟ ଧାର୍ଯ୍ୟ କରିବେ। ଏହି ସୌଜନ୍ୟତାରେ କୌଣସି ପ୍ରକାର ଖିଲାପ ହେଲେ ତାହାକୁ ଅଫିସରଙ୍କ ଚରିତ୍ର ପଞ୍ଜିକା ବା ସିସିଆରରେ କଳାଦାଗ ଭାବେ ଲିପିବଦ୍ଧ କରାଯିବ । କେନ୍ଦ୍ର ସରକାରଙ୍କ ଏହି କଠୋର ଆଭିମୁଖ୍ୟ ସରକାରୀ ଅଫିସରମାନଙ୍କ ମଧ୍ୟରେ ଏବେ ଛନକା ବଢ଼ାଇ ଦେଇଛି ।

ସେହିପରି ସରକାରୀ କାର୍ଯ୍ୟକ୍ରମ ବା ସାର୍ବଜନୀନ ଉତ୍ସବରେ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ନିଶ୍ଚିତ ଭାବେ ନିମନ୍ତ୍ରଣ କରାଯିବ। ନିମନ୍ତ୍ରଣ ପତ୍ରରେ ସେମାନଙ୍କ ନାମ ଛପାଯିବା ସହ ମଞ୍ଚରେ ସମ୍ମାନଜନକ ଆସନ ବ୍ୟବସ୍ଥା କରିବାକୁ କୁହାଯାଇଛି।

ବିଧାୟକ-ସାଂସଦମାନେ ଦେଉଥିବା ଚିଠି ପାଇବାର ୧୫ଦିନ ମଧ୍ୟରେ ଏହାର ପ୍ରାପ୍ତିସୂଚନା ଓ ପରବର୍ତ୍ତୀ ୧୫ଦିନ ମଧ୍ୟରେ ଚୂଡାନ୍ତ ଉତ୍ତର ଦେବାକୁ ପଡିବ। ଯଦି କୌଣସି ଚିଠି ଭୁଲ ବିଭାଗକୁ ପଠାଯାଇଥାଏ, ତେବେ ୫ ଦିନ ମଧ୍ୟରେ ତାହାକୁ ସଠିକ୍ ବିଭାଗକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ଯଦି ବିଳମ୍ବ ହୁଏ, ତେବେ ଅନ୍ତରୀଣ ଉତ୍ତର ଦେବାକୁ ହେବ।

ଯଦି କାର୍ଯ୍ୟ ବ୍ୟସ୍ତତାରୁ ଫୋନ୍ ଉଠାଇ ପାରିନଥିବେ, ତୁରନ୍ତ କଲବ୍ୟାକ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବିଧାୟକ-ସାଂସଦଙ୍କୁ ତାଚ୍ଛଲ୍ୟ କରିବା କିମ୍ବା ସେମାନଙ୍କ ଫୋନ୍ ନଉଠାଇବାକୁ ଏବେ 'ଗୁରୁତର ଅସଦାଚରଣ' ଭାବେ ଗଣନା କରାଯିବ ଏବଂ ଏଥିପାଇଁ ଇନକ୍ୱାରୀ ଆଉ କେବଳ ଏକ ଔପଚାରିକତା ହୋଇ ରହିବ ନାହିଁ ।

କେନ୍ଦ୍ର ସରକାର ଏହି ମେମୋରାଣ୍ଡମ୍ ମାଧ୍ୟମରେ ସରକାରୀ ଅଫିସର ଓ କର୍ମଚାରୀଙ୍କୁ ମଧ୍ୟ ସତର୍କ କରାଇଛନ୍ତି। କୌଣସି ବି ଅଫିସର ନିଜର ବ୍ୟକ୍ତିଗତ ସ୍ୱାର୍ଥ, ପଦୋନ୍ନତି ବା ବଦଳି ପାଇଁ ସାଂସଦ କିମ୍ବା ବିଧାୟକଙ୍କ ସୁପାରିଶ ଅବା କୌଣସି ପ୍ରକାରର ରାଜନୈତିକ ପ୍ରଭାବ ବ୍ୟବହାର କରିପାରିବେ ନାହିଁ। ଏହା 'କଣ୍ଡକ୍ଟ ରୁଲ୍' ଅନୁଯାୟୀ ସଂପୂର୍ଣ୍ଣ ନିଷିଦ୍ଧ ଓ ଏପରି କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

### କାର୍ଯ୍ୟକ୍ଷମ ହେଉନି...

ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ । ପୌର ପ୍ରଶାସନ ସେସବୁ ଭାଙ୍ଗି ଦେଇଥିଲେ । ଯେଉଁ ଭେଣ୍ଡିଂ ଜୋନ ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ତାହା ଅଦ୍ୟାବଧି କର୍ଯ୍ୟକ୍ଷମ ହେଉନାହିଁ । ହେଲେ ଉକ୍ତ ଉଚ୍ଛେଦ ସ୍ଥାନରେ ବାହାର ରଜ୍ୟ ଫେରିବାଲାଙ୍କୁ ସ୍ଥାପନ କରାଯାଇଛି । ସେଠାରେ ସେମାନେ ବ୍ୟବସାୟ କରୁଛନ୍ତି । ପୌର ପ୍ରଶାନର ଏଭଳି ନିତିକୁ ସେ ନିନ୍ଦା କରିଛନ୍ତି । କେବେ ସ୍ଥାନୀୟ ଉଠାଦୋକାନୀଙ୍କୁ ମିଳିବ ଭେଣ୍ଡିଂଜୋନ ତାହା ଅନିଶ୍ଚିତତା ମଧ୍ୟରେ ଥିବା ସେମାନେ ଅଭିଯୋଗ କରିଛନ୍ତି ।

ବୁଦ୍ଧିଜୀବୀ ପ୍ରବୀର ନାୟକ କୁହନ୍ତି ଦୀର୍ଘ ଦିନ ହେବ ସେମାନଙ୍କ ଉଠା ଦୋକାନ ଉଚ୍ଛେଦ କରାଯାଇଛି। ହେଲେ କୌଣସି କାରଣରୁ ସେମାନଙ୍କୁ ଦୋକାନ ଘର ଆବଂଟନ କରା ଯାଇନାହିଁ । ଫଳରେ ଦୋକାନୀମାନେ ହାତ ବାନ୍ଧି ବସଛନ୍ତି । କେହିକେହି ଦାଦନ ଖଟିବାକୁ ବାହାରକୁ ଚାଲିଗଲେଣି । ପଟ୍ଟାମୁଣ୍ଡାଇ ପୌର ପରିଷଦର ଇଚ୍ଛାଶକ୍ତି ଅଭାବରୁ ଭେଣ୍ଡିଂଜୋନ ଗୁଡିକ ଆବଂଟନ ହୋଇ ପାରୁନାହିଁ। ଅନେକ ସ୍ଥାନରେ ଦୋକାନ ଘରଗୁଡ଼ିକ ଖୋଲା ରହୁଥିବା ବେଳେ ଦାୟିତ୍ୱ ନେବାକୁ କେହି ନାହାନ୍ତି। ଫଳରେ ରାତି ଦିନ ସେଠାରେ ଅନୈତିକ କାର୍ଯ୍ୟକଳାପ ଚାଲୁଛି। ରକ୍ଷଣାବେକ୍ଷଣ କରିବାକୁ କେହି ନଥିବାରୁ ଭାଙ୍ଗିରୁଜି ଯିବାର ଆଶଙ୍କା ମଧ ରହିଛି। ତେଣୁ ଉଠା ଦୋକାନୀମାନଙ୍କୁ ଖୁବଶୀଘ୍ର ଦୋକାନ ଘର ଗୁଡ଼ିକ ଆବଂଟନ କରାଯିବା ଆବଶ୍ୟକ ବୋଲି ସେମାନେ ଦାବି ହୋଇଛି। ଏନେଇ ପୌର ଆରଆଇ ଭୁବନମୋହନ କାନୁନଗୋ କୁହନ୍ତି ଉକ୍ତ ସ୍ଥାନରେ ଯେଉଁ ବ୍ୟବସାୟ କରୁଛନ୍ତି ସେମାନେ ରସିଦ କାଟିଛନ୍ତି।

### ଦୁଷ୍କର୍ମ ପୀଡ଼ିତାଙ୍କ...

ଅନୁମତି ଦେବା ସହ ଭ୍ରୁଣର ନମୂନା ସଂଗ୍ରହ କରି ତାହାର ଡିଏନଏ ପରୀକ୍ଷା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ଅଭିଯୁକ୍ତ ବିରୁଦ୍ଧରେ ପ୍ରମାଣ ଭାବେ ବ୍ୟବହୃତ ହେବ। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ପୀଡ଼ିତାଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଡିଇଓଙ୍କ ବିରୋଧରେ...

ପଦକ୍ଷେପ ନେଇଛନ୍ତି, ସେ ନେଇ ସ୍ପଷ୍ଟୀକରଣ ରଖିବେ। ଯଦି ଡିଇଓ ଶ୍ରୀ ପାତ୍ର କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସନ୍ତୋଷଜନକ ଉତ୍ତର ପ୍ରଦାନ କରନ୍ତି ଏବଂ ନିୟମ ପାଳନ କରନ୍ତି, ତେବେ ଗିରଫ ପରୱାନା କାର୍ଯ୍ୟକାରୀ ହେବ ନାହିଁ।

ସୂଚନାଯୋଗ୍ୟ ଯେ, ଏହି ମାମଲା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ବରୁ କୋର୍ଟରେ ଏକ ସଫତନାମା ଦାଖଲ କରିଥିବା ଜଣାପଡ଼ିଛି।

### ନେତାଙ୍କୁ ଅଣଦେଖା...

ଯଥାର୍ଥ ଥିଲା। ନବୀନଙ୍କ ସହ ଆମେ ଥିଲୁ , ଅଛୁ ଓ ରହିବୁ ବୋଲି ପାଟକୁରା ଦଳୀୟ ନେତା ଓ କର୍ମୀ କହିଛନ୍ତି। ଦୁର୍ନୀତି ଓ ବିଶ୍ୱାସଘାତକ ଅଭିଯୋଗରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଅରବିନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଦଳୀୟ ଗୁଇନ୍ଦା ଆଧାରରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପୂର୍ବରୁ ସଭାପତିଙ୍କ ନିଷ୍ପତ୍ତିକୁ ଯଥାର୍ଥ ବୋଲି ଦଳର ବରିଷ୍ଠ ନେତା କହିଥିଲେ। ଆଜି ନବୀନଙ୍କୁ ପାଟକୁରା ବିଜେଡିର ନିର୍ବାଚିତ ପ୍ରତିନିଧି, ନେତା ଓ କର୍ମୀ ଭେଟି ଧନ୍ୟବାଦ ଦେଇଛନ୍ତି।

### ପୁଣି ୧୦୦ ବୁଲା...

ନିଆଯାଇଛି। ଏହାପରେ ସେ ସ୍ୱୀକାର କରିଛନ୍ତି ଯେ କୁକୁରମାନଙ୍କୁ ନିସ୍ତେଜକ ଇଞ୍ଜିକେସନ ଦିଅଯାଇଥିଲା। ହେଲେ ଏହି ଇଞ୍ଜିକେସନ ନେବା ପରେ ୧୦୦ରୁ ଅଧିକ କୁକୁର ପ୍ରାଣ ହରାଇଥିବା ପ୍ରୀତି ଅଭିଯୋଗ କରିଛନ୍ତି। ପୁଲିସ୍ ଘଟଣାର ତଦନ୍ତ କରୁଥିବା ବେଳେ କାହାକୁ ଏଯାଏ ଗିରଫ କରିନାହିଁ।

ଏହାପୂର୍ବରୁ ତେଲଙ୍ଗାନାର ବିଭିନ୍ନ ଗାଁରେ ବୁଲା କୁକୁରଙ୍କୁ ବିଷ ଇଞ୍ଜେକସନ ଦେଇ ହତ୍ୟା କରାଯାଉଥିବା ଅଭିଯୋଗ ହୋଇଥିଲା। ୧୫ ଦିନ ମଧ୍ୟରେ ୫୦୦ଟି ବୁଲା କୁକୁରଙ୍କ ଜୀବନ ଯିବା ପରେ ଆକ୍ସନ ମୋଡକୁ ଆସିଥିଲା ପୁଲିସ୍। ବୁଲା କୁକୁରମାନଙ୍କ ସଂହାର ଘଟଣାରେ ପୁଲିସ ୧୫ ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଏମାନଙ୍କ ମଧ୍ୟରେ ହାନମକୋଣ୍ଡା ଓ କାମାରେଡ୍ଡୀ ଜିଲ୍ଲାରେ ଥିବା ୭ ଗାଁର ମୁଖିଆ ବି ରହିଛନ୍ତି।

### ମନ୍ତ୍ରୀ-ବିଧାୟକଙ୍କ...

ପେନସନ୍ ପରିମାଣ ମାସକୁ ୩ ହଜାର ଟଙ୍କାକରି ବଢ଼ାଇବାର ବ୍ୟବସ୍ଥା ଅଛି। ପୂର୍ବତନ ବିଧାୟକମାନଙ୍କ ଲାଗି ମାସିକ ଚିକିତ୍ସା ଭତ୍ତା ୨୫ ହଜାର ଟଙ୍କା ସହିତ ଯାତାୟାତ ଭତ୍ତା ୧୨୫୦୦ ଟଙ୍କା, ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଓ ପୂର୍ବତନ ବିଧାୟକଙ୍କ ମୃତ୍ୟୁ ପରେ ପାରିବାରିକ ପେନସନ୍ ମଧ୍ୟ ଖଞ୍ଜା ଯାଇଛି। ଏହା କେବେଠାରୁ ଲାଗୁ ହେବ ସେଥିନେଇ ଅନେକ ପୂର୍ବତନ ବିଧାୟକ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

### ଭୁବନେଶ୍ୱରରୁ ଦୁବାଇ...

ସେବା ବନ୍ଦ କରିବାକୁ ମଧ ନିଷ୍ପତି ନେଉଥିବା ସେ କହିଛନ୍ତି । କିନ୍ତୁ ଏହା ଗ୍ରହଣୀୟ ନୁହେଁ । ୩ ବର୍ଷ ମଧରେ ଯିବା ଆସିବା ଯାତ୍ରୀଙ୍କ ସଂଖ୍ୟା ବେଶ ଅଧିକ ରହୁଛି ବୋଲି ସେ କହିଛନ୍ତି । ତେବେ ଭୁବନେଶ୍ୱରରୁ ୪ଟି ଆନ୍ତର୍ଜାତୀୟ ସ୍ଥାନ ଦୁବାଇ, ବ୍ୟାଙ୍କକ, ସିଙ୍ଗାପୁର ଓ ଆବୁଧାବିକୁ ସିଧା ବିମାନ ଯାଉଥିଲା। ଡିସେମ୍ବରରେ ଆବୁଧାବି ବିମାନ ବନ୍ଦ ହେବା ପରେ ଆଉ ୩ଟି ଆନ୍ତର୍ଜାତୀୟ ବିମାନ ରହିଲା। ତାହା ମଧ୍ୟରୁ ମାର୍ଚ୍ଚରେ ଦୁବାଇ ଓ ସିଙ୍ଗାପୁର ବିମାନ ବନ୍ଦ ହେବାକୁ ଯାଉଛି ଯାହା ନିଶ୍ଚୟ ଚିନ୍ତାର କାରଣ।

### ହଟିବ ଡିଜେଲ୍...

୨୦ ଜଣ ମହିଳାଙ୍କୁ ଟ୍ରେନିଂ ଦିଆଯିବ। ସେମାନେ ସବୁ ହେଭି ଭେଇକିଲ ଚଳାଇବା ପାଇଁ ଲାଇସେନ୍ସପ୍ରାପ୍ତ। ତାଲିମ ନେବା ପରେ ମହିଳାମାନେ ସ୍ୱତନ୍ତ୍ର ବସ୍ ଚଳାଇବେ। ଯାହା ଦ୍ୱାରା ମହିଳା ଯାତ୍ରୀମାନେ ଅଧିକ ସୁରକ୍ଷିତ ମନେ କରିବେ।

# ଜାତୀୟ ରାଜପଥରେ ସ୍ଥିତି ଅସମ୍ଭାଳ

## ଆମ୍ବୁଲାନ୍ସକୁ ବି ନିସ୍ତାର ନାହିଁ: ନାକେଦମ ପୋଲିସ

**ମାର୍ଶାଘାଇ,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ କେନ୍ଦ୍ରାପଡା ଜିଲ୍ଲା ଅର୍ନ୍ତଗତ ମାର୍ଶାଘାଇ ଥାନା ଅଂଚଳରେ ଜାମ ହୋଇ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାଜପଥରେ ପାରାଦ୍ୱୀପକୁ ଲୁହା ପଥର ପରିବହନ ହେଉଥିବା ବେଳେ ହଜାର ହଜାର ସଂଖ୍ୟାର ଲୁହାପଥର ବୋଝେଇ ଟ୍ରକ ଗୁଡିକ ରାସ୍ତା ଜାମ କରିଛନ୍ତି। ଫଳରେ ରାଜପଥରେ ସ୍ଥିତି ଅସମ୍ଭାଳ ହୋଇ ପଡିଛି।ଖବର ନେବାରୁ ଜଣାଯାଏ ପାରାଦ୍ୱୀପ ବନ୍ଦରକୁ ଲୁହା ପଥର ବୋଝେଇ ଗାଡି ଯାଉଥିବା ବେଳେ ୪ଦିନ ହେବ ବନ୍ଦର ମଧ୍ୟକୁ କୌଣସି କାରଣରୁ ପ୍ରବେଶ ନଥିଲା। ଫଳରେ ହଜାର ହଜାର ସଂଖ୍ୟାର ଗାଡି ରାସ୍ତା ଉପରେ ଛିଡା ହୋଇ ରହଥିବାରୁ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଅତ୍ୟାବଶ୍ୟକିୟ ସାମଗ୍ରୀ ପରିବହନ କରୁଥିବା ଜାନ ବାହାନ ମଧ ଯାଇ ନପାରି ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇଛନ୍ତି।ମାର୍ଶାଘାଇ ପୋଲିସ ଗାଡି ଗୁଡିକୁ ମାର୍ଶାଘାଇ ଠାରୁ ବନ୍ଦ କରି ମଙ୍ଗଳବାର କେତେକାଂଶରେ ରାସ୍ତା ଜାମ ହଟାଇଥିବା ବେଳେ ଆଜି ଗାଡି ଗୁଡିକ ପୂର୍ନବାର ରାସ୍ତା ଜାମକରି ମମାର୍ଶାଘାଇ ଠାରୁ ନିଳାଞ୍ଚଳ ବଜାର ପର୍ଯ୍ୟନ୍ତ ଧାଡିବାନ୍ଧି ଛିଡାହୋଇ ଜନଜୀବନ ଗମନା ଗମନରେ ବାଧା ସୃଷ୍ଟି କରିଛି। ଏପରିକି ମାର୍ଶାଘାଇ ପୋଲିସର ଦୁଇ ଦୁଇଟି ଗାଡି ଜାମ ମଧ୍ୟରେ ଫସିଯାଇଥିବା ବେଳେ ଜିଲ୍ଲାର ବରିଷ୍ଠ ଅରକ୍ଷିଅଧିକାରୀ ମଧ ଜାମରେ ଫସିଥିବବାର ଜଣାପଡିଛି। ତେବେ ଏହି ଜାମ ଯୋଗୁ ମାର୍ଶାଘାଇ ବ୍ଲକ ସମେତ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରୁ ଅସୁଥିବା ପଥଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଅନ୍ୟପଟରେ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ବେପରୁଆ ଭାବରେ ଠିକା ସଂସ୍ଥା ମନମରକ୍ଷକ୍ଷକୁ ରାସ୍ତା ଖୋଳ ଦେଉଥିବାରୁ ଏହି ସମସ୍ୟା ସଂଗିନ ହେଉଛି। ତେବେ ଏହି ଅହେତୁକ ଜାମରେ କେନ୍ଦ୍ରାପଡା ଜିଲ୍ଲା ପୂର୍ବରୁ ଗାଡ଼ି ଗୁଡିକ ଅଟକାଇ ଜିଲ୍ଲାର ରାଜପଥକୁ କ୍ଲିଅର କରି ଲୋକମାନଙ୍କର ଗମନାଗମନ ସୁଗମ କରିବା ପାଇଁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

## ଧାନ ବୋଝେଇ ଗାଡି ଧକ୍କାରେ ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ

**ରାଜନଗର,୨୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବଜାର ମଧ ଦେଇ ଏକ ଧାନ ବୋଝେଇ ୪୦୭ ଗାଡି ହଂସୁଆ ସେତୁ ଉପରକୁ ଉଠୁଥିବା ବେଳେ ବ୍ରେକ ଫେଲ ହୋଇଯାଇଥିଲା । ଫଳରେ ୪୦୭ ନଂ- ଓଡି-୨୯-୩୭୦୦ ଗାଡିଟି ପଛକୁ ଗଡି ଯାଇ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ରାସ୍ତା କଡରେ ଥିବା ବିଦ୍ୟୁତ ଖୁଂଟକୁ ଧକ୍କା ଦେଇଥିଲା। ଖୁଂଟ ଭାଙ୍ଗି ଯାଇ ପଛକୁ ଗଡି ଯିବା ଫଳରେ ଲୋକମାନେ ଦୌଡା ଦୌଡି ହୋଇ ଚାଲି ଯାଇଥିଲେ । ଖବରପାଇ ରାଜନଗର ପୋଲିସ ପହଂଚି ଧାନ ବୋଝେଇ ୪୦୭ ଗାଡି ଜବତ କରି ଥାନାକୁ ଆଣି ଅଟକ ରଖିଛି । ପରିବହନ ବିଭାଗର ୱେବ ସାଇଟରୁ ମିଳିଥିବା ତଥ୍ୟାନୁଯାୟୀ, ୨୦୨୧ ମସିହା ନଭେମ୍ବର ୨୫ରୁ ଫିଟନେସ ନାହିଁ। ୨୦୨୦ ମସିହା ସେପ୍ଟେମ୍ବର ୧୦ତାରିଖରୁ ଇନ୍ସୁରାନ୍ସ ଅବଧି ସରିଯାଇଛି। ୨୦୨୩ ମସିହା ଅକ୍ଟୋବର ୧୮ତାରିଖରୁ ପଲ୍ୟୁସନ(ପିୟୁସିସି) ଅବଧି ପୂରି ଯାଇଥିବା ବେଳେ ୨୦୨୩ ମାର୍ଚ୍ଚ ୧୬ତାରିଖରୁ ପରିମିଟ୍‌ର ଅବଧି ଶେଷ ହୋଇଛି । ଏହି ଗାଡିର କାଗଜପତ୍ର ଠିକ ନଥିବା ବେଳେ ବିଦ୍ୟୁତ ଖୁଂଟ ଭାଙ୍ଗି ଦେଇଥିଲା । ଯଦି କିଛି ଧନଜୀବନ କ୍ଷୟକ୍ଷତି ହୋଇଥିଲେ, କିଏ ଦାୟୀ ରହିଥାନ୍ତା ? ପରିବହନ ବିଭାଗର ଖାମଖିଆଲି ନୀତି ଯୋଗୁଁ ଏପରି ବେଆଇନ ଗାଡି ଚାଲିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

**ଅଳ୍ପକେ ବର୍ତ୍ତିଲେ ଲୋକେ**

## ରାଜ୍ୟସଭା ସାଂସଦଙ୍କୁ ହତ୍ୟା ଧମକ


**ଭୁବନେଶ୍ୱର,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

'୭୩୨୬୮୦୩୯୫୨କୁ ୧୦ ଲକ୍ଷ ଟଙ୍କା ପଠାଅ। ନହେଲେ ଗୁଳିମାରି ହତ୍ୟା କରାଯିବ। ଜଲଦି ଏମପି ପଦ ଛାଡ। ଆଜି ଇସ୍ତଫା ଦେ। ନଚେତ୍ ହତ୍ୟା କରାଯିବ। ମୁଁ ଗୋଟିଏ ଝିଅ ମୋର କେହି କିଛି କରିପାରିବେ ନାହିଁ। ଜଲଦି ଟଙ୍କା ପଠା। ପୁଲିସକୁ ଜଣାଇଲେ ଘର ଆଗରେ ବୋମାମାଡ଼ କରିବୁ। ଟଙ୍କା ପଠା।' ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ସୋସିଆଲ ମିଡ଼ିଆ ଫେସବୁକରେ ଏମିକି କିଛି ଧମକ ଆସିଛି। ସାଂସଦଙ୍କୁ ଗୁଳିମାଡ ଧମକ ପୋଷ୍ଟ ଘଟଣା ଏବେ ସବୁ ଆଡ଼େ ହଇଚଇ ସୃଷ୍ଟି କରିଛି। କୁଳି ରାଣୀ ପଣ୍ଡା ନାମକ ଏକ ଫେସବୁକ ଆଇଡିରୁ ଏହି ଧମକପୂର୍ଣ୍ଣ ପୋଷ୍ଟ କରାଯାଇଛି। ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଆଳି ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ସରକାରୀ ବୃତ୍ତିରେ ଟପ୍ପର



ପି. ଅଭ୍ୟର୍ଥନା



ସାର୍ଥକ ସୌମିକ ବେହେରା

**ଆଳି,୨୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୪-୨୫ ଶିକ୍ଷାବର୍ଷ ସରକାରୀ ବୃତ୍ତିରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୫ମ ଶ୍ରେଣୀ ଛାତ୍ରୀ ପି. ଅଭ୍ୟର୍ଥନା ଆଳି ବ୍ଲକ ଟପ୍ପର ହୋଇଛନ୍ତି। ମାତା ବିନୋଦିନୀ ସାମଲ, ଆଳି ହାଇସ୍କୁଲର ଶିକ୍ଷୟିତ୍ରୀ ଓ ପିତା ପତିତ ପାବନ ପରିଡ଼ା, ବଉଳେଶ୍ୱର ହାଇସ୍କୁଲ, ଦଶରଥପୁରର ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଆଳି ଶିଶୁ ମନ୍ଦିରର ୩ୟ ଶ୍ରେଣୀ ଛାତ୍ର ସାର୍ଥକ ସୌମିକ ବେହେରା ଆଳି ବ୍ଲକରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟା ମନ୍ଦିରରକୁ ଗୌରବାନ୍ୱିତ କରିଛନ୍ତି ବୋଲି ଆଳିର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅମର କୁମାର ବାରିକ ଜଣାଇଛନ୍ତି। ସାର୍ଥକଙ୍କ ମାତା ସଙ୍ଘମିତ୍ରା ବେହେରା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟା ଓ ପିତା ସ୍ମୃତି ରଞ୍ଜନ ବେହେରା ଭିତରକନିକା ବନ ବିଭାଗ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଜଣାଯାଇଛି। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ବୈଠକରେ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀଙ୍କୁ ପରିଚାଳନା କମିଟି ଓ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ